


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୭ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 07 March 2026
Vol.No. 36 ■ No.61 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ଗୁଜରାଟ ଭଳି ହେବ ଓଡ଼ିଶାର ବିକାଶ: ଅମିତ ଶାହ

## ଔଦ୍ୟୋଗିକ ବିକାଶ ସିଆଇଏସଏଫ୍ ବିନା ଅସମ୍ଭବ
## ପାରାଦୀପରେ ସଲଫ୍ୟୁରିକ୍ ଏସିଡ୍ ପ୍ଲାଂଟର କଲେ ଉଦ୍‌ଘାଟନ



ଭୁବନେଶ୍ୱର, ୦୬/୩ (ନି.ପ୍ର): ଓଡ଼ିଶାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଦିନିକିଆ ଗସ୍ତରେ ଆସି କଟକ, ପାରାଦୀପ ଓ ଭୁବନେଶ୍ୱରର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। କଟକ ମୁଣ୍ଡଳି ସ୍ଥିତି ସିଆଇଏସଏଫ କ୍ୟାମ୍ପସରେ ପ୍ରତିଷ୍ଠା ଦିବସରେ ସାମିଲ ହୋଇ ମାଓ ମୁକ୍ତ ଅଭିଯାନରେ ଯବାନଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରିଛନ୍ତି। ମାଓମୁକ୍ତ ଭାରତ ସ୍ୱପ୍ନ ନେଇ ପୁଣି ଥରେ ସ୍ୱରକୁ ଶାଣିତ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଆହୁରି ୨୫ ଦିନ ପରେ ଦେଶ ମାଓମୁକ୍ତ ହେବାକୁ ଯାଉଛି । ମୋଦୀ ସରକାର ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲବାଦ ମୁକ୍ତ କରିବାକୁ ସଂପକଳ୍ପବଦ୍ଧ। କଟକ ମୁଣ୍ଡଳି ସ୍ଥିତ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ରରେ ସିଆଇଏସଏଫ୍ ୫୭ ତମ ପ୍ରତିଷ୍ଠା ଦିବସରେ ସାମିଲ ହୋଇ ଏଭଳି ଦମ୍ଭୋକ୍ତି ଦେଖାଇଛନ୍ତି। ମାଓମୁକ୍ତ ଅଭିଯାନ ଓ ଔଦ୍ୟୋଗିକ ବିକାଶରେ ସିଆଇଏସଏଫର ଭୂମିକାକୁ ପ୍ରଶଂସା କରିଛନ୍ତି । ପ୍ରତିଷ୍ଠା ଦିବସ ଅବସରରେ ଅଦମ୍ୟ ସାହାସ ଓ ପରାକ୍ରମ ଦେଖାଇଛନ୍ତି ସିଆଇଏସଏଫ କମାଣ୍ଡୋ । ସାମରିକ କଳା କୌଶଳ ସହ ହାଜାହ, ବସ ଓ ବିମାନ ଅପହରଣ ସମୟର ଦୁଃସାହାସିକ ଉଦ୍ଧାର ଅଭିଯାନର ଚିତ୍ତାକର୍ଷକ ପ୍ରଦର୍ଶନ ସମସ୍ତଙ୍କ ମନ ଜିଣିଛି । କଟକ ପରେ ଜଗତସିଂହପୁର ଜିଲ୍ଲା ପାରାଦୀପକୁ ଯାଇ ଇଫ୍‌କୋର ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟକୁ ଉଦଘାଟନ କରିଛନ୍ତି ଅମିତ ଶାହ । ଏହି ଅବସରରେ ସେ କହିଛନ୍ତି ଗ୍ରାମୀଣ ଜୀବନକୁ ସମୃଦ୍ଧ କରାଯିବ। ସମୟବାୟ ଜରିଆରେ ଗାଁର ଜନଜୀବନ, ମାଆ ଭଉଣୀଙ୍କୁ ଆତ୍ମନିର୍ଭରଶୀଳ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ । ପାରାଦୀପ କାର୍ଯ୍ୟକ୍ରମ ପରେ ଭୁବନେଶ୍ୱର ଫେରି ଶାହ ଇନଫୋଭ୍ୟାଲି ପରିସରରେ ଏନଏସଏଫୟୁସିର ସ୍ଥାୟୀ ଏବଂ ଅସ୍ଥାୟୀ ପରିସର ଓ ସିଏଫଏସଏଲ ଭବନର ଶିଳାନ୍ୟାସ ଓ ଭୂମିପୂଜନ କରିଛନ୍ତି । ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ନୂତନ ନ୍ୟାୟ ସଂହିତାର ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ୩ ହଜାର ୨୭୫କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ।

# ଆଜିଠାରୁ ୩ ଦିନ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା: ୮ ତାରିଖ ଯାଏଁ ୨୪ଟି ଜିଲ୍ଲାକୁ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର, ୦୬/୩ (ନି.ପ୍ର): ରାଜ୍ୟରେ ଆସୁଛି ଏକ ବଡ଼ ବର୍ଷା। ଆସନ୍ତାକାଲିଠାରୁ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷାର ସମ୍ଭାବନା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ବିଶେଷ କରି ଉତ୍ତର ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଏଥିଲାଗି ଆସନ୍ତାକାଲି ପାଇଁ ୧୨ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୮ ତାରିଖ ଲାଗି ୨୪ଟି ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏଥିମଧ୍ୟରୁ ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣ ଜାରି ହୋଇଛି। ଏହି ଜିଲ୍ଲାଗୁଡିକରେ ବିଜୁଳି ଘଡ଼ଘଡି ସହ ପ୍ରବଳ ବର୍ଷା ହେବା ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ସେହିଭଳି ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ବିଜୁଳି ଘଡଘଡି ବର୍ଷା ସହ ୩୦ରୁ ୪୦ କିମି ବେଗରେ ପବନ ବହିବ। ସେହିପରି ପ୍ରବଳ ଗୁଳୁଗୁଳି ନେଇ ବି ସତର୍କ କରାଇଛି ପାଣିପାଗ ବିଭାଗ ।

# ଏପ୍ରିଲ ୧ରେ ରାଜ୍ୟରେ ଆରମ୍ଭ ହେବ ଏସଆଇଆର



ଭୁବନେଶ୍ୱର, ୦୬/୩ (ନି.ପ୍ର): ରାଜ୍ୟରେ ଆସନ୍ତା ଏପ୍ରିଲ ୧ ତାରିଖରୁ ଆରମ୍ଭ ହେବ ଏସଆଇଆର। ରାଜ୍ୟରେ ୯୦ ପ୍ରତିଶତ ଭୋଟର ତାଲିକାରେ ସଂଶୋଧନ ହୋଇ ସାରିଛି। ବାକି ୧୦ ପ୍ରତିଶତ ମଧ୍ୟରୁ ଅତିକମରେ ୮ ପ୍ରତିଶତ ସଂଶୋଧନ ହେବ କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ଆମେ ଚେଷ୍ଟା କରୁଛୁ ଶତ ପ୍ରତିଶତ ସଂଶୋଧନ ପାଇଁ। ୨୦୦୨ ଆଧାରରେ ସଂଶୋଧନ କରାଯିବ। ୨୦୦୨ ମସିହାରେ ଯେଉଁ ବୁଥରେ ମତଦାନ କରିଥିଲେ ସେହି ବୁଥ ନମ୍ବର କହିଲେ ବି ସଂଶୋଧନ ହେବ। କିନ୍ତୁ ଯଦି ଜଣକ ପାଖରେ କିଛି ବି ଲିଷ୍ଟ ନାହିଁ ତେବେ ତାକୁ ୧୧ ନମ୍ବର ବିଶିଷ୍ଟ ଫର୍ମ ଦିଆଯିବ। ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେମିତି ଭୋଟର ଏନରୋଲମେଣ୍ଟ ପୁରା କ୍ଲିନ୍ ହେବା ଦରକାର। ଯଦି କାହାର ଦୁଇ ଆଡେ ଭୋଟର ତାଲିକାରେ ନାଁ ଥାଏ ତେବେ ସେ ଗୋଟିଏ ଜାଗାରେ ରଖି ପାରିବେ। ଦୁଇଟି ବା ଏକାଧିକ ଜାଗାରେ ରଖିଲେ ତାହା ଦଣ୍ଡନୀୟ ଅପରାଧ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ସନ୍ତୁ ଗୋପାଳନ।

# ରାଜ୍ୟସଭା ନିର୍ବାଚନରେ କାଏମ ରହିଲା ୫ ଜଣଙ୍କ ପ୍ରାର୍ଥିପତ୍ର

ଭୁବନେଶ୍ୱର, ୦୬/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନରେ କାଏମ ରହିଲା ୫ ଜଣଙ୍କ ପ୍ରାର୍ଥିପତ୍ର । ଯାଞ୍ଚ ପରେ କାଏମ ରହିଲା ୫ ଜଣଙ୍କ ପ୍ରାର୍ଥିପତ୍ର । ୬ ଜଣ ନାମାଙ୍କନ କରିଥିବା ବେଳେ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି । ବିଜେଡିର ସଂତୃପ୍ତ ମିଶ୍ର, କମନ କ୍ୟାଣ୍ଡିଡେଟ୍ ଦତ୍ତେଶ୍ୱର ହୋତାଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ବିଜେପିର ମନମୋହନ ସାମଲ, ସୁଜିତ କୁମାରଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ମଧ ପ୍ରାର୍ଥିପତ୍ର କାଏମ ରହିଛି । ତେଲେଙ୍ଗାନାର କାନ୍ତେ ସାୟାନାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି ।

# ରାଜଧାନୀରୁ ଗୋଟିଏ ଦିନରେ ୩ ନାବାଳକ-ନାବାଳିକା ନିଖୋଜ

ଭୁବନେଶ୍ୱର, ୦୬/୩ (ନି.ପ୍ର): ରାଜଧାନୀରୁ ଗୋଟିଏ ଦିନରେ ୩ଜଣ ନିଖୋଜ । ଜଣେ ନାବାଳକ ଓ ଦୁଇ ଜଣ ନାବାଳିକା ନିଖୋଜ ହୋଇଛନ୍ତି। ନିଖୋଜଙ୍କ ଫଟୋ ସହ ପୋଷ୍ଟର ଜାରି କରିଛି ପୁଲିସ । ଏମାନଙ୍କୁ ନେଇ କିଛି ସୂଚନା ଦେଲେ ମିଳିବ ୫୦ ହଜାର ଟଙ୍କାର ପୁରସ୍କାର ରାଶି । ନିଖୋଜ ନାବାଳିକା ହେଉଛନ୍ତି ସାଲିଆସାହି ତାରିଣୀ ନଗରର ସୁମିତ୍ରା ଦେହୁରୀ, ସାଲିଆ ସାହି ହାତିଆସୁଣୀର ଶୁଭଶ୍ରୀ ନାୟକ । ସେପଟେ ଶେଷଥର ପାଇଁ ଧଉଳି ପାହାଡ଼ ଉପରେ ଦେଖିବାକୁ ମିଳିଥିଲା ୧୨ ବର୍ଷୀୟ ପ୍ରଦ୍ୟୁମ୍ନ ପ୍ରଧାନଙ୍କୁ । ୩ଜଣ ନାବାଳକ ଓ ନାବାଳିକା ନିଖୋଜ ହୋଇଥିବା ନେଇ ପୁଲିସ ଫଟୋ ଓ ପୋଷ୍ଟର ଜାରି କରିବା ସହ ସୋସିଆଲ ମିଡିଆର ପୋଷ୍ଟ କରିଛି ଏବଂ ଏହାକୁ ଅଧିକରୁ ଅଧିକ ସେୟାର କରିବା ପାଇଁ କୁହାଯାଇଛି ।

# କତରର ଚେତାବନୀ: ୧୫୦ ଡଲାର ଟପିବ ତେଲ

ନୂଆଦିଲ୍ଲୀ,୦୬/୩ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଜାରି ରହିଲେ ଅଶୋଧିତ ତୈଳ ବଜାରରେ ନିଆଁ ଲାଗିଯିବ। ତେଲର ବ୍ୟାରେଲ ପିଛା ଦାମ୍ ୧୫୦ ଡଲାରରୁ ଅଧିକ ହୋଇଯିବ ବୋଲି କତର ଚେତାବନୀ ଦେଇଛି। କତରର ଶକ୍ତି ମନ୍ତ୍ରୀ ସାଦ ଅଲ-କାବି କହିଛନ୍ତି ଯେ ଯୁଦ୍ଧ ଲାଗିରହିଲେ ତେଲ ଉତ୍ପାଦନ ବନ୍ଦ କରିବାକୁ ଦେଶଗୁଡ଼ିକ ବାଧ ହେବ। ତାହା ସାରା ବିଶ୍ୱ ପାଇଁ ଏକ ଶକ୍ତ ଧକ୍କା ହେବ। ଏହାର ପ୍ରଭାବରେ ତେଲ ମହଙ୍ଗା ହେବା ଆଶଙ୍କା ରହିଛି। ସେ ଗୁରୁତ୍ୱପୂର୍ଣ୍ଣ ହରମୁଜ୍ ପ୍ରଣାଳୀ ସମ୍ପର୍କରେ କହିଛନ୍ତି ଯେ ଯଦି ଏହି ପଥ ଦେଇ ସାମୁଦ୍ରିକ ପରିବହନ ବାଧାପ୍ରାପ୍ତ ହେବ ତେବେ ଦୁଇରୁ ତିନି ସପ୍ତାହ ଭିତରେ ଅଶୋଧିତ ତୈଳ ମୂଲ୍ୟ ୧୫୦ ଡଲାର ଅତିକ୍ରମ କରିବ। ଯୁଦ୍ଧ ବନ୍ଦ ନ ହେଲେ ମଧ୍ୟପ୍ରାଚ୍ୟର ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଫୋର୍ସ ମାଜିୟୁର ଘୋଷଣା କରିବେ ଓ ତେଲ ଯୋଗାଣ ସ୍ଥଗିତ ରଖିବାକୁ ବାଧ ହେବେ। ତୈଳ ଦର ବଢ଼ିଲେ ତାହା ବିଶ୍ୱ ଅର୍ଥନୀତିକୁ ତଳକୁ ଟାଣିବ। ସାରା ବିଶ୍ୱର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ପ୍ରଭାବିତ ହେବ।

◆◆ପୃଷ୍ଠା ୭

# ୟୁପିଏସସି ସିଭିଲ ସର୍ଭିସେସ ପରୀକ୍ଷା: ଅନୁଜ ଅଗ୍ନିହୋତ୍ରୀ ଟପ୍ପର

## ତାଲିକାରେ ଓଡ଼ିଶାର ୧୦ରୁ ଅଧିକ ପରୀକ୍ଷାର୍ଥୀ



ନୂଆଦିଲ୍ଲୀ,୦୬/୩ : ସିଭିଲ ସିର୍ଭସେସ ପରୀକ୍ଷା(ସିଏସ୍‌ଇ) ୨୦୨୫ର ଚୂଡ଼ାନ୍ତ ରେଜଲ୍ଟ ଆଜି ୟୁପିଏସ୍‌ଇ ପକ୍ଷରୁ ଘୋଷଣା କରାଯାଇଛି। ଯେଉଁ ଆଶାୟୀମାନେ ଏହି ପରୀକ୍ଷା ଦେଇଛନ୍ତି, ସେମାନେ ଚୂଡ଼ାନ୍ତ ମେରିଟ ଲିଷ୍ଟକୁ ଅଫିସିଆଲ ୱେବସାଇଟ upsc.gov.inରେ ଦେଖିପାରିବେ। ଆଶାୟୀଙ୍କ ଲିଖିତ ପରୀକ୍ଷା ଓ ପର୍ସନାଲ ଟେଷ୍ଟ(ସାକ୍ଷାତକାର)କୁ ଆକଳନ କରି ଚୂଡ଼ାନ୍ତ ରେଜଲ୍ଟ ଆଜି ଜାରି କରାଯାଇଛି। ଦେଶର ବିଭିନ୍ନ ପ୍ରଶାସନିକ ସେବାରେ ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କ ନାଁ ଓ ରୋଲ ନମ୍ବରକୁ ୟୁପିଏସ୍‌ସି ପିଡିଏଫ ଜରିଆରେ ସାର୍ବଜନୀନ କରିଛନ୍ତି। ବିଭିନ୍ନ ପ୍ରଶାସନିକ ସେବାରେ ୧୦୮୭ ପଦ ଖାଲି ରହିଥିବା ବେଳେ ୯୫୮ ଜଣଙ୍କ ନାଁ ସିଏସ୍‌ଇ ପରୀକ୍ଷା ୨୦୨୫ ଜରିଆରେ ନିଯୁକ୍ତି ପାଇଁ ପ୍ରସ୍ତାବ ଦିଆଯାଇଛି। କମିଶନ ପକ୍ଷରୁ ୨୫୮ ଜଣଙ୍କୁ ସଂରକ୍ଷିତ ତାଲିକାରେ ରଖାଯାଇଥିବା ବେଳେ ୩୪୮ ଜଣଙ୍କ ନାଁ ପ୍ରୋଭିଜନାଲ ଭାବେ ପ୍ରସ୍ତାବ ଦିଆଯାଇଛି। ଅତିରିକ୍ତ ଭାବେ ୨ ଜଣ ଆଶାୟୀଙ୍କ ରେଜଲ୍ଟକୁ ସ୍ଥଗିତ ରଖାଯାଇଥିବା ୟୁପିଏସ୍‌ସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ସିଏସ୍‌ଇ ଆଶାୟୀମାନେ ଆଇଏଏସ୍, ଆଇପିଏସ୍, ଆଇଏଫଏସ, ଆଇଆରଏସ୍ ଓ ଭାରାତୀୟ ଟ୍ରେଡ ସର୍ଭିସ ଓ କେନ୍ଦ୍ରୀୟ ସେବାର ଗ୍ରୁପ ଏ ଓ ଗ୍ରୁପ ବି ପଦରେ ନିଯୁକ୍ତ ପାଇବେ।

◆◆ପୃଷ୍ଠା ୭

# ସବୁ ଦଳରେ ସୁବିଧା ଅନୁସାରେ ହୁଏ ସମୀକରଣ: କଂଗ୍ରେସ ନେତା

ଭୁବନେଶ୍ୱର, ୦୬/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନରେ ବିଜେଡି-କଂଗ୍ରେସର ସମୀକରଣକୁ ନେଇ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ପ୍ରତିକ୍ରିୟା ରଖିଛନ୍ତି । ସବୁ ଦଳରେ ସୁବିଧା ଅନୁସାରେ ହୁଏ ସମୀକରଣ । ଏବେ ଆବଶ୍ୟକ ଅନୁସାରେ ହୋଇଛି ବିଜେଡି-କଂଗ୍ରେସ ସମୀକରଣ । ପୂର୍ବରୁ ବିଜେପିର ବଳ ନଥିଲା, ଏବେ ବିଜେପିର ବଳ ବଢ଼ିଛି । ରାଜନୈତିକ ଆବଶ୍ୟକତା ଦୃଷ୍ଟିରୁ ବିଜେଡି କଂଗ୍ରେସ ଏକ ହୋଇଛନ୍ତି। ଅତୀତରେ ଘୋଡ଼ା ବେପାର ହୋଇଛି, ଏବେ ହୋଇନପାରେ । କଂଗ୍ରେସ ଭୋଟ୍ ନ ଭାଙ୍ଗିପାରେ, ବିଜେଡିର ଭାଙ୍ଗିପାରେ । ବିଜେଡି ଭିତରେ ଅଧିକ ଅସନ୍ତୋଷ ଅଛି । କଂଗ୍ରେସ-ବିଜେଡି ପ୍ରାର୍ଥୀ ଜିତିବାର ସମ୍ଭାବନା ଅଧିକ ଅଛି । ଟଙ୍କା ଖେଳ ହେଲେ କିଛି ବଦଳିପାରେ । ଟଙ୍କା ପାଇଁ ସମସ୍ତଙ୍କର ଲୋଭ ଅଛି, ତେଣୁ କିଛି ବି ହୋଇପାରେ ବୋଲି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ।

# ଭବିଷ୍ୟତ ସବୁ କଥାର ଉତ୍ତର ଦେବ: ପ୍ରସନ୍ନ ଆଚାର୍ଯ୍ୟ

ଭୁବନେଶ୍ୱର, ୦୬/୩ (ନି.ପ୍ର): ବିଜେଡି ସମୀକରଣ ଆଗକୁ ବଢ଼ିବା ଉପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଭବିଷ୍ୟତ ସବୁ କଥାର ଉତ୍ତର ଦେବ। ସମୟ ସବୁ କଥାର ଉତ୍ତର ଦେବ। କିନ୍ତୁ ଗୋଟିଏ ନିର୍ବାଚନ ରାଜନୀତିର ସବୁ କିଛି ନୁହେଁ। ରାଜନୀତି ଏକ ବ୍ୟାପକ ଜିନିଷ। ଗୋଟିଏ ରାଜ୍ୟ ସଭା ନିର୍ବାଚନ ରାଜ୍ୟର ଭବିଷ୍ୟତ ଓ ରାଜନୀତିର ଭବିଷ୍ୟତ ନିର୍ଣ୍ଣୟ କରିବନି। ସମୟ ସବୁ କଥାର ଉତ୍ତର ଦେବ।

# ପ୍ରଥମ ରାଜ୍ୟ ଭାବେ କଟକଣା ଲଗାଇଲେ କର୍ଣ୍ଣାଟକ ସରକାର: ୧୬ ବର୍ଷରୁ କମ ବୟସ୍କ ପିଲାଙ୍କ ପାଇଁ ବ୍ୟାନ ହେବ ସୋସିଆଲ ମିଡିଆ



ନୂଆଦିଲ୍ଲୀ,୦୬/୩ : ଦେଶର ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକାରେ ୧୬ ବର୍ଷରୁ କମ ବୟସ୍କ ପିଲାଙ୍କ ପାଇଁ ସୋଶାଲ ମିଡିଆ ବ୍ୟାନ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଶୁକ୍ରବାର ଘୋଷଣା କରିଛନ୍ତି। ପିଲାମାନଙ୍କ ଉପରେ ମୋବାଇଲର ବହୁଳ ବ୍ୟବହାର ଯୋଗୁ ପଡୁଥିବା କୁପ୍ରଭାକୁ ରୋକିବା ପାଇଁ ସୋଶାଲ ମିଡିଆ ବ୍ୟାନ ପାଇଁ ଯୋଜନା ହୋଇଥିବା ବଜେଟ ଉପସ୍ଥାପନ ବେଳେ କହିଛନ୍ତି ମୁଖ୍ୟମନ୍ତ୍ରୀ। ଛୋଟ ପିଲାମାନଙ୍କ ସୋଶାଲ ମିଡିଆ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଚାଲିଥିବା ଚର୍ଚ୍ଚା ଭିତରେ କର୍ଣ୍ଣାଟକା ଦେଶର ପ୍ରଥମ ରାଜ୍ୟ ଯେଉଁଠାରେ ଖୋଦ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏପରି ଘୋଷଣା କରିଛନ୍ତି। ଏହାପୂର୍ବରୁ ଆନ୍ଧ୍ର ପ୍ରଦେଶ ଓ ଗୋଆ ଛୋଟ ପିଲାଙ୍କ ପାଇଁ ସୋଶାଲ ମିଡିଆ ବ୍ୟାନ କରାଯିବା ପ୍ରସଙ୍ଗରେ ଆଲୋଚନା ଚାଲିଥିବା କହିଥିଲେ। କିନ୍ତୁ ବିଧାନସଭାରେ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ବ୍ୟାନ ସମ୍ପର୍କରେ ଘୋଷଣା କରି ନଥିଲେ। ବେଶ କିଛି ମାସ ଧରି ୧୬ ବର୍ଷରୁ କମ ବୟସ୍କ ପିଲାମାନଙ୍କ ସୋଶାଲ ମିଡିଆ ବ୍ୟବହାର ଉପରେ ବ୍ୟାନ ଲଗାଇବା ଉପରେ କର୍ଣ୍ଣାଟକା ସରକାର ଆଲୋଚନା ଜାରି ରଖିଥିଲେ। ରାଜ୍ୟ ଆଇଟି ଓ ବାଓଟେକ୍ନୋଲୋଜି ମନ୍ତ୍ରୀ ପ୍ରିୟଙ୍କା ଖଡଗେ ଚଳିତ ବର୍ଷ ଆରମ୍ଭରେ ବିଧାନସଭାରେ କହିଥିଲେ ଯେ ଏଆଇ ଓ ସୋଶାଲ ମିଡିଆକୁ କେମିତି ଯୁବ ବ୍ୟବହାରକାରୀମାନେ ଦାୟିତ୍ୱବାନ ଭାବେ ପରିଚାଳନା କରିବେ, ତା'ର ବିଭିନ୍ନ ଦିଗକୁ ସରକାର ଯାଞ୍ଚ କରୁଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଦୀନେଶ ଗୁଣ୍ଡୁ ରାଓ ମଧ ଛୋଟ ପିଲାମାନେ ଅଧିକ ସମୟ ଧରି ମୋବାଇଲ ବ୍ୟବହାର କରୁଥିବାରୁ ଏହାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ବିଜେପି ବିଧାୟକ ସୁରେଶ କୁମାର ଏହି ପ୍ରସଙ୍ଗକୁ ବେଶ ଗୁରୁତ୍ୱର ସହ ନେବାକୁ ସରକାରଙ୍କୁ ଅନୁରୋଧ କରିବା ସହ ସୋଶାଲ ମିଡିଆର ବହୁଳ ବ୍ୟବହାର ଶିକ୍ଷା ଓ ପରିବାରର ପରିବେଶକୁ କ୍ଷତି ପହଞ୍ଚାଇବ ବୋଲି ମତ ରଖିଥିଲେ। ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତିଙ୍କ ସହ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିବା ସହ ୧୬ ବର୍ଷରୁ କମ ବୟସ୍କ ପିଲାମାନଙ୍କ ପାଇଁ ମୋବାଇଲ ବ୍ୟାନ କରାଯିବା ଉଚିତ କି ନୁହେଁ, ସେମାନଙ୍କ ଠାରୁ ମତାମତ ସଂଗ୍ରହ କରିଥିଲେ। ବିଶ୍ୱସ୍ତରରେ ଛୋଟ ପିଲାଙ୍କ ସୋଶାଲ ମିଡିଆ ବ୍ୟବହାର ଉପରେ କଟକଣା ଜାରି କରିବା ପାଇଁ ବିତର୍କ ଚାଲିଥିବା ବେଳେ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏନେଇ ବଡ଼ ଘୋଷଣା କରିଛନ୍ତି। ଅଷ୍ଟ୍ରେଲିଆ ସରକାର ଯୁବଗୋଷ୍ଠୀର ସୋଶାଲ ମିଡିଆ ବ୍ୟବହାର ଉପରେ କଟକଣା ଲଗାଇଥିବା ବେଳେ ବ୍ରିଟେନ ଓ ଫିନଲ୍ୟାଣ୍ଡ ମଧ ଏହା ଉପରେ ରୋକ ଲଗାଇବାକୁ ବିଚାର କରୁଛନ୍ତି।

# ରୁଷୀୟ ତେଲ କିଣିବା ପାଇଁ ଭାରତକୁ ଆମେରିକାର ୩୦ ଦିନିଆ ଅନୁମତି



ନୂଆଦିଲ୍ଲୀ,୦୬/୩ : ପଶ୍ଚିମ ଏସିଆରେ ବଢ଼ୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ରୁଷ୍ ତେଲ କ୍ରୟ ଉପରେ ଲଗାଯାଇଥିବା କଟକଣାକୁ ଆମେରିକା ୩୦ ଦିନ ପାଇଁ କୋହଳ କରିଛି। ତେଣୁ ଭାରତ ଏବେ ଅବାଧରେ ରୁଷରୁ ବିପୁଳ ପରିମାଣର ତେଲ କିଣିପାରିବ। ସେଥିପାଇଁ ବାଟ ଫିଟିଛି। ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଗୁରୁବାର କହିଛନ୍ତି ଯେ ଭାରତୀୟ ତୈଳ କମ୍ପାନିଗୁଡ଼ିକୁ ରୁଷ ତୈଳ କ୍ରୟ କରିବାକୁ ଆମେରିକା ୩୦ ଦିନର ଛାଡ଼ ପ୍ରଦାନ କରିବ। ଏହାଦ୍ୱାରା ପରିବହନ କରାଯାଉଥିବା ତେଲକୁ ଭାରତ ସହଜରେ କିଣିପାରିବ। ସେ ଏହି ପଦକ୍ଷେପକୁ ବିଶ୍ୱ ଶକ୍ତି ବଜାରରେ ସ୍ଥିରତା ବଜାୟ ରଖିବା ପାଇଁ ଏକ ଅସ୍ଥାୟୀ ପଦକ୍ଷେପ ବୋଲି କହିଛନ୍ତି। ବେସେଣ୍ଟ କହିଛନ୍ତି ଯେ ସାରା ବିଶ୍ୱରେ ତୈଳ ପ୍ରବାହକୁ ଜାରି ରଖିବା ପାଇଁ ଭାରତୀୟ କମ୍ପାନିଗୁଡ଼ିକୁ ରୁଷ ତୈଳ କ୍ରୟ ଅନୁମତି ଦିଆଯାଇଛି। ଏହାଦ୍ୱାରା ରୁଷ ସରକାରଙ୍କୁ କୌଣସି ଆର୍ଥିକ ଲାଭ ମିଳିବ ନାହିଁ। କାରଣ ତେଲ ନେଇ ସମୁଦ୍ର ପଥରେ ବାହାରିଥିବା ଜାହାଜଗୁଡ଼ିକ ଉପରେ ଏହି ସୁବିଧା ଲାଗୁ ହେବ। କେବଳ ସମୁଦ୍ରରେ ଫସି ରହିଥିବା ଜାହାଜରୁ କମ୍ପାନିଗୁଡ଼ିକ ତେଲ କିଣିପାରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ରୁଷରୁ ତେଲ କିଣୁଥିବାରୁ କ୍ଷୁବ୍ଧ ହୋଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତବର୍ଷ ଅଗଷ୍ଟରେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କକୁ ଜରିମାନା ଭାବେ ଲାଗୁ କରିଥିଲେ। ଚଳିତ ବର୍ଷ ଫେବ୍ରୁଆରି ୬ରେ ସେହି ଶୁଳ୍କକୁ ସେ ପ୍ରତ୍ୟାହାର କରିବା ସହ ଭାରତ ଉପରେ ଲାଗିଥିବା ମୋଟ୍ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିଥିଲେ।

◆◆ପୃଷ୍ଠା ୭

# ପ୍ରବାଦପୁରୁଷ ବିଜୁବାବୁଙ୍କ ୧୧୦ତମ ଜନ୍ମଜୟନ୍ତୀ ଓ ଆଲୋଚନାଚକ୍ର



ନୀଳଗିରି , ୦୬/୩ (ନି.ପ୍ର): ମହାନ ଜନନାୟକ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମାର୍ଚ୍ଚ ୫ ତାରିଖ,୧୧୦ତମ ଜନ୍ମଜୟନ୍ତୀ ଅବସରରେ ନୀଳଗିରି ବିଜେଡ଼ି କାର୍ଯ୍ୟାଳୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବହୁସଂଖ୍ୟାରେ ବିଜୁପ୍ରେମୀ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ନୀଳଗିରି ବାଇପାସ ନିକଟସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ପରେ ବିଜେଡ଼ି କାର୍ଯ୍ୟାଳୟରେ ସମ୍ମିଳିତ ହୋଇଥିଲେ। ଏହି ଅବସରରେ ବିଜୁବାବୁଙ୍କ ଜୀବନୀକୁ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ମହିଳା ବରିଷ୍ଠ ଉପସଭାନେତ୍ରି ସୁନିତୀ ସିଂ, ନୀଳଗିରି ବିଜେଡ଼ି ବ୍ଲକ୍ ସଭାପତି ରାଜୀବ ଦାସବାବୁ, ନଗର ସଭାପତି ଅଚ୍ୟୁତ ପ୍ରଧାନ, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, କ୍ଷେତ୍ରମୋହନ ସିଂ, ଗଙ୍ଗାଧର ମିଶ୍ର, ଲୋକନାଥ ଦଳେଇ, ପୂର୍ବତନ ୨ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ମାଳତୀ ମାଝୀ, କମଳାମଣି ପରିଡା, ଯୁବନେତା ଉଦୟଜ୍ୟୋତି ମହାନ୍ତି, ବୃନ୍ଦଦେବ ସରକାର ପ୍ରମୁଖ ଯୋଗଦେଇ ଓଡ଼ିଶା ମାଟିର ଏହି ମହାନ୍ ଜନନାୟକ ତଥା ପ୍ରବାଦପୁରୁଷ ବିଜୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମୃଦ୍ଧଓଡିଶା ଗଠନରେ ବିଜୁବାବୁଙ୍କ ଅବଦାନ ଏବଂ ତାଙ୍କର ପଦାଙ୍କ ଅନୁସରଣକରି ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାବାସୀଙ୍କୁ ସେବାଯୋଗାଇ ଦେଇଥିବା ତାଙ୍କର ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଅବଦାନ ବିଷୟରେ ଆଲୋଚିତ ହୋଇଥିଲା। ତେଣୁ ଆଗାମୀ ଦିନରେ ବିଜୁବାବୁଙ୍କ ସ୍ୱପ୍ନର ଓଡିଶାକୁ ପୁନର୍ଜୀବିତ କରିବାକୁ ତୃଣମୂଳ ସ୍ତରରେ କାର୍ଯ୍ୟକରିବାକୁ ଏହି ସଭାରେ ଆହ୍ୱାନ ଦିଆଯାଇଥିଲା।

# ଭଦ୍ରକରେ ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଶିଶୁସୁରକ୍ଷା ଆଲୋଚନା ଚକ୍ର

ଭଦ୍ରକ, ୦୬/୩ (ନି.ପ୍ର): ଜିଲ୍ଲା ସଂସ୍କୃତିଭବନ ପରିସରରେ ଶିଶୁ ସୁରକ୍ଷାରେ ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ଓ ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମ୍ମାନିତ ଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଶିଶୁ ମଙ୍ଗଳ ସଦସ୍ୟ ପ୍ରଦୀପ୍ତ କୁମାର କର ପ୍ରମୁଖ ଯୋଗଦାନ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ରଙ୍କ ମଂଚ ପରିଚାଳନାରେ ପ୍ରାରମ୍ଭିକ ସୂଚନା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ଅଧିକାରୀ ସୁବ୍ରତ ଦାସ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଶିଶୁ ସୁରକ୍ଷା ସମ୍ବନ୍ଧରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଆଲୋକପାତ କରିଥିବା ବେଳେ ପ୍ରମୁଖ ଅତିଥିମାନେ ଶିଶୁ ସୁରକ୍ଷା ନିମିତ ବିଧିବଦ୍ଧ ଆଇନ ବ୍ୟବସ୍ଥା, ଶିଶୁର ସଂଜ୍ଞା, ଶିଶୁର ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟ କରି ଶିଶୁକୁ ଥଇଥାନ ଓ ତାର ସମ୍ମାନହାନୀ ନହେବା ପାଇଁ ସମବେତ ପ୍ରଚେଷ୍ଟା ଜାରି ରଖିବାକୁ ଚେଷ୍ଟିତ ହେବା ପାଇଁ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କିଶୋର ନ୍ୟାୟ ବ୍ୟବସ୍ଥାରେ ଧାରା ୭୪ ଅନୁଯାୟୀ, ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା , ଧାରା (୨୩) ଅନୁସାରେ ଶିଶୁର ଗୋପନୀୟତା ବଜାୟ ରଖିବା ସହ ତାର ପରିଚୟ, ମର୍ଯ୍ୟାଦା, ଫଟୋ ପ୍ରକାଶ ନହେବା, ସୁରକ୍ଷା ପ୍ରଦାନ ବା ଶିଶକୁ ଅପମାନ, ଭେଦଭାବ ସୃଷ୍ଟି ନକରିବା ଅନୁଚିତ ବୋଲି ଦର୍ଶାଇଥିଲେ । ସେଥିପାଇଁ ଗଣମାଧ୍ୟମ ସର୍ବଦା ସକରାତ୍ମକ ଭୂମିକା ଗ୍ରହଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ବିଷୟ ବିଷାରଦ ଭାବେ ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ଡ଼ା. ସୁଦର୍ଶନ ବାରିକ୍ ପୋଷ୍ୟ ସନ୍ତାନ ଗ୍ରହଣ ବେଳେ ଅନୈତିକ ଉପାୟ ଅବଲମ୍ବନ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ଉପରେ ଦୃଷ୍ଟି ନିକ୍ଷେପ କରି ବିଭିନ୍ନ ଉଦାହରଣ ପ୍ରଦାନ କରିଥିଲେ । ଶିଶୁ ମୁଖରେ ଅଫୁରନ୍ତି ହସ ଫୁଟିବା ପାଇଁ ଚେଷ୍ଟା ରହିବା ଜରୁରୀ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ ।

# ପିଞ୍ଛାବଣିଆ ଦୋଳ ମେଳାରେ ବୈଦିକ ଗୁରୁକୁଳର ମାନବିକତା: ପ୍ରଚଣ୍ଡ ରୌଦ୍ରତାପରୁ ମୁକ୍ତି ଦେଲା ଶିକ୍ଷାଶ୍ରମର ଦହି ଓ ଲେମ୍ବୁ ପଣା




ବସ୍ତା୫.୩(ନିପ୍ର) ପିଞ୍ଛାବଣିଆ: ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ପିଞ୍ଛାବଣିଆ ଦୋଳ ମେଳା ଆଜି ଜନସମୁଦ୍ରରେ ପରିଣତ ହୋଇଥିବା ବେଳେ, ଶ୍ରଦ୍ଧାଳୁଙ୍କ ସେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି 'ବୈଦିକ ଗୁରୁକୁଳ ଶିକ୍ଷାଶ୍ରମ'। ଖରା ଓ ଗୁଳୁଗୁଳିରେ ଆଉଟୁପାଉଟୁ ହେଉଥିବା ହଜାର ହଜାର ଭକ୍ତଙ୍କ ଶୋଷ ମେଣ୍ଟାଇବା ପାଇଁ ଶିକ୍ଷାଶ୍ରମ ପକ୍ଷରୁ ମାଗଣାରେ ସୁଶୀତଳ ଦହି ଓ ଲେମ୍ବୁ ପଣା ବଣ୍ଟନ କରାଯାଇଛି। ଗୁରୁକୁଳର ଅନ୍ତେବାସୀ ଓ କର୍ମକର୍ତ୍ତାମାନେ ମିଳିତ ଭାବେ ଏହି ପୁଣ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ମେଳାକୁ ଆସିଥିବା ଶ୍ରଦ୍ଧାଳୁମାନେ ଧାଡ଼ି ବାନ୍ଧି ଏହି ପାନୀୟର ଆନନ୍ଦ ନେଉଥିବା ଦେଖିବାକୁ ମିଳିଥିଲା। ପ୍ରଚଣ୍ଡ ଗରମ ସତ୍ତ୍ୱେ ଗୁରୁକୁଳର ସ୍ୱେଚ୍ଛାସେବୀମାନେ ନିଷ୍ଠାର ସହ ସମସ୍ତଙ୍କୁ ସେବା ପ୍ରଦାନ କରି ନିଜର ମହାନତା ପ୍ରତିପାଦିତ କରିଛନ୍ତି। ଏହି ସେବା କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବାହାରୁ ଆସିଥିବା ଶ୍ରଦ୍ଧାଳୁମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ଜଣେ ଶ୍ରଦ୍ଧାଳୁଙ୍କ କହିବା ଅନୁଯାୟୀ, 'ଏଭଳି ଭିଡ଼ ଓ ଗରମ ସମୟରେ ଗୁରୁକୁଳ ପକ୍ଷରୁ ମିଳୁଥିବା ଏହି ଶୀତଳ ପାନୀୟ ଆମକୁ ବହୁତ ଆଶ୍ୱସ୍ତି ଦେଇଛି। ଏହା କେବଳ ପାଣି ନୁହେଁ, ବରଂ ଶିକ୍ଷାଶ୍ରମର ଭଲପାଇବା ଓ ସେବାର ପ୍ରତୀକ।' ଶିକ୍ଷାଶ୍ରମ ପକ୍ଷରୁ ଜଣାଯାଇଛି ଯେ, ଶିକ୍ଷା ସହିତ ସମାଜସେବା ଓ ପରୋପକାର ଗୁରୁକୁଳର ମୁଖ୍ୟ ଆଦର୍ଶ। ଦୋଳ ମେଳା ଭଳି ଏକ ପବିତ୍ର ଅବସରରେ ଲୋକଙ୍କ ସେବା କରିବା ସେମାନଙ୍କ ପାଇଁ ଏକ ସୌଭାଗ୍ୟର ବିଷୟ। ଏହି ସେବା କାର୍ଯ୍ୟକ୍ରମରେ ବୈଦିକ ଗୁରୁକୁଳ ଶିକ୍ଷାଶ୍ରମର ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହାକୁ ସଫଳ କରିଛନ୍ତି।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଆରମ୍ଭ

ରାଉରକେଲା, ୦୬/୩ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ୫୫ତମ ଜାତୀୟ ସୁରକ୍ଷା ଦିବସ ପାଳନ ସହିତ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା 'ଶିଳ୍ପ କୋଣାର୍କ' ସ୍ମାରକୀ ପରିସରରେ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ଏଚ ଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଏମ ଡି ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି କେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ମାଇନ୍ସ ସିଏମଏଲଓ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ପାଲ ଚୌଧୁରୀ, ବିତ୍ତ ଏବଂ ଲେଖା ବିଭାଗ ର ସିଜିଏମ, ଶ୍ରୀ ରାଜେଶ ଦାସଗୁପ୍ତାଙ୍କ ସମେତ କାରଖାନାର ଅନ୍ୟ ବହୁ ସି ଜି ଏମ, ବିଭାଗୀୟ ମୁଖ୍ୟ, ସୁରକ୍ଷା ଅଧିକାରୀ, କେନ୍ଦ୍ରୀୟ ସୁରକ୍ଷା କମିଟିର ସଦସ୍ୟ ତଥା ଅନ୍ୟ କେତେକ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଉଲ୍ଲେଖନୀୟ ଯେ,



ଏହି ବର୍ଷର ସୁରକ୍ଷା ସପ୍ତାହ ପାଳନର ବିଷୟବସ୍ତୁ ହେଉଛି 'ସୁରକ୍ଷା ବୃଦ୍ଧି ନିମନ୍ତେ ଲୋକଙ୍କୁ ନିୟୋଜିତ କରିବା ସହ, ସେମାନଙ୍କୁ ଶିକ୍ଷିତ ଏବଂ ସଶକ୍ତ କରିବା'।

ସମାବେଶକୁ ସମ୍ବୋଧିତ କରି, ଡିଆଇସି କାରଖାନାର ସମସ୍ତ କାର୍ଯ୍ୟରେ ସୁରକ୍ଷା କୁ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ ବୋଲି କହି ଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ 'ଯେକୌଣସି ବ୍ୟକ୍ତି କାରଖାନାରେ ପ୍ରବେଶ କରିବ ସେ ନିର୍ଭୀକ ଏବଂ ଆତ୍ମବିଶ୍ୱାସୀ ଭାବେ ଅନୁଭବ କରିବା ଉଚିତ ଏବଂ ଆମ ସପ ଫ୍ଲୋରରେ ଥିବା ସିଷ୍ଟମଗୁଡ଼ିକ ଉପରେ ବିଶ୍ୱାସ କରିବା ଉଚିତ।' ଠିକା ଶ୍ରମିକଙ୍କ ମଧ୍ୟରେ ତାଲିମ ବ୍ୟବଧାନକୁ ଦୂର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ, 'ଆମକୁ ସେମାନଙ୍କୁ ଶିକ୍ଷିତ ଏବଂ ସମ୍ବେଦନଶୀଳ କରିବାକୁ ପଡିବ ଯାହା ଦ୍ୱାରା ନିରାପଦ କାର୍ଯ୍ୟ ଅଭ୍ୟାସଗୁଡ଼ିକ ଆମର ଦୈନନ୍ଦିନ କାର୍ଯ୍ୟ ସଂସ୍କୃତିର ଅଂଶ ହୋଇ ପାରିବ ।' ସେ ଉତ୍ତମ ହାଉସ କିପିଙ୍ଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରିବା ସହିତ ନିର୍ଦ୍ଦିଷ୍ଟ ଭାବେ ଜଳ ବ୍ୟବହାର ହ୍ରାସ କରିବା, ଗ୍ୟାସ୍ ଲାଇନଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ପରିବେଶ ସମ୍ବନ୍ଧୀୟ ଉପକରଣଗୁଡ଼ିକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବା ପାଇଁ ପ୍ରୟାସ କରିବା ଉପରେ ଜୋର ଦେଇଥିଲେ ।

ଶ୍ରୀ ତରୁଣ ମିଶ୍ର କାରଖାନା ପରିସରରେ ପ୍ରବେଶର ଉତ୍ତମ ନିୟନ୍ତ୍ରଣର ଆବଶ୍ୟକତା ଉପରେ ଆଲୋକପାତ କରି, ଉଲ୍ଲେଖ କରିଥିଲେ ଯେ ଜାରି କରାଯାଇଥିବା ଗେଟ୍ ପାସ୍ ସଂଖ୍ୟାକୁ ସର୍ବନିମ୍ନ ରଖିବା ଉଚିତ ଯାହା ଦ୍ୱାରା କାର୍ଯ୍ୟ ପରିସର ମଧ୍ୟରେ ଅନାବଶ୍ୟକ ଭିଡ଼ କୁ ଏଡାଇବା ଉଚିତ ଏହା ଦ୍ୱାରା ସମ୍ଭାବ୍ୟ ସୁରକ୍ଷା ବିପଦ ହ୍ରାସ କରାଯାଇପାରିବ।

ଶ୍ରୀ ବି ଆର ପଲାଇ କାରଖାନାର ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବାରେ ଆଚରଣଗତ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ମିସ୍ କେସ ଗୁଡ଼ିକର ରିପୋର୍ଟିଂ ଏବଂ ବିଶ୍ଳେଷଣର ମହତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ ପରିଶେଷରେ କହିଲେ ଯେ, 'ମାନବୀୟ ତ୍ରୁଟିର ପ୍ରଭାବକୁ କମ କରିବା ପାଇଁ ସିଷ୍ଟମ ଏବଂ ପ୍ରକ୍ରିୟାଗୁଡ଼ିକ ଯଥେଷ୍ଟ ଦୃଢ଼ ହେବା ଆବଶ୍ୟକ'।

ଶ୍ରୀ ପାଲ ଚୌଧୁରୀ ନିଜର ବକ୍ତବ୍ୟ ରେ ଡିଜିଟାଲାଇଜେସନ୍ ଏବଂ ଠିକା ଶ୍ରମିକ ଙ୍କ ପାଇଁ ସୁରକ୍ଷା ବୃଦ୍ଧି ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ସମେତ ପ୍ରକଳ୍ପ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଏନପିଏମ ଏବଂ ଡିଜିଟାଲାଇଜେସନ୍ ବିଭାଗ ର ସି ଜି ଏମ ଶ୍ରୀ ଆରକେ ମୁଦୁଲି, ସାମଗ୍ରୀ ପରିଚାଳନା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ଏବଂ ମାଇନ୍ସ ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି କେ ଗିରି ଓଡିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ସୁରକ୍ଷା ଶପଥ କରାଇ ଥିଲେ। ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗ ର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ର, ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଏସ ଇ ଡି ବିଭାଗର ଜିଏମ ଶ୍ରୀ ଆବକାଶ ବେହେରା, କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପରେ ସୁରକ୍ଷା ବ୍ୟାଜ୍ ପିନ୍ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ଫଲ୍ ଆରେଷ୍ଟରର ଏକ ଲାଇଭ୍ ଡେମୋ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

# ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡିଲା ଦନ୍ତାହାତୀ

କେନ୍ଦୁଝର, ୦୬/୩ (ନି.ପ୍ର): ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡିଗଲା ଦନ୍ତାହାତୀ । ୬ ଘଂଟାର କଷ୍ଟସାଧ ଅପରେସନ୍ ପରେ କୂଅରୁ ହାତୀ ଉଦ୍ଧାର ହୋଇଛି । ପ୍ରକାଶ ଯେ, କେନ୍ଦୁଝର ସଦର ରେଞ୍ଜ ବନାଯୋଡ଼ି ଗାଁର ଏକ କୂଅରେ ଖାଦ୍ୟ ପାଇଁ ଆସି ପଡ଼ିଯାଇଥିଲା ହାତୀ । ଗତକାଲି ବିଳମ୍ବିତ ରାତିରେ ୩ଟି ଦନ୍ତାହାତୀ ବନାଯୋଡ଼ି ଗାଁ ଆଡେ ଆସିଥିବା ବେଳେ, ଗାଁର ହୃଷି ନାଏକଙ୍କ କୂଅର ଗୋଟିଏ ଦନ୍ତାହାତୀ ଖସି ପଡ଼ିଥିଲା । ହାତୀ ପଡ଼ିଯିବା ପରେ ଗର୍ଜନ କରିବାରୁ ହୃଷି ବନ କର୍ମଚାରୀଙ୍କୁ ଖବର ଦେଇଥିଲେ। ବନ କର୍ମଚାରୀ ଖବର ପାଇ ହାତୀଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଏକ ଜେସିବି ମେସିନ୍ ସାହାଯ୍ୟରେ କୁଅକୁ ତାଡ଼ି ଏକ ରାସ୍ତା ତିଆରି କରିଥିଲେ । କୂଅଟି ଗଭୀର ଥିବାରୁ ୧୦ ଫୁଟ ଗାତ କରି ପ୍ରଥମେ ସେଠାରେ ଏକ ରାସ୍ତା ତିଆରି କରି ଦମକଳ ବାହିନୀ ସହାୟତାରେ ୮୦ ମିଟର ଦୂରରୁ ପାଣି ଆଣି କୂଅରେ ଭର୍ତି କରାଯାଇଥିଲା । ପାଣି ଭର୍ତି ହେବା ପରେ ହାତୀଟି କୂଅରୁ ବାହାରି ଜଙ୍ଗଲ ମୁହାଁ ହୋଇଥିଲା । ଯିବା ବାଟରେ ଉତ୍ୟକ୍ତ ହାତୀ ଗୋଟିଏ ବାଇକ୍ ଭାଙ୍ଗି ଦେଇଥିଲା । ଏହି ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ସହ ଅନ୍ୟ ଜଣେ ପର୍ଦ୍ଦି ଆହତ ହୋଇଛନ୍ତି । ସେମାନଙ୍କୁ ବନ ବିଭାଗ ଦ୍ୱାରା ଡ଼ାକ୍ତରଖାନାରେ ଭର୍ତି କରାଯାଇଛି । ଉଦ୍ଧାର ହାତୀ ଏବେ ଉତ୍ୟକ୍ତ ଥିବାରୁ, ତା'ର ଗତିବିଧି ଉପରେ ବନ ବିଭାଗ ନଜର ରଖିଛି ।

ଏହି ଆକ୍ରମଣ ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ମାନେ କ୍ଷତିପୂରଣ ଦାବୀ କରିଥିଲେ। କୂଅର ମାଲିକ ଏବଂ ଅନ୍ୟମାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ ଡି ଧନରାଜ ।

# ଶିକ୍ଷକଙ୍କ ବଦଳିକୁ ବିରୋଧ କରି ସ୍କୁଲରେ ତାଲା ମାରିଲେ ଗ୍ରାମବାସୀ

ନୂଆପଡ଼ା, ୦୬/୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର କନକପୁର ପ୍ରାଥମିକ ବିଦ୍ୟାଳୟରେ ଆଜି ତାଲା ପକାଇ ଧାରଣା ଦେଇଛନ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକ। ସ୍କୁଲରେ ଶିକ୍ଷକ ଥିବା ଅଭିରାମ ମାଝୀଙ୍କୁ ଗତ ପଚିଶ ତାରିଖରେ ଅନ୍ୟ ସ୍କୁଲକୁ ବଦଳି କରା ହୋଇଛି। ଏହାକୁ ବିରୋଧ କରି ଗ୍ରାମବାସୀ ପାଠ ପଢା ବନ୍ଦ କରିବା ସହ ଧାରଣା ଦେଇଛନ୍ତି। ଶିକ୍ଷକ ଅଭିରାମ ମାଝୀ ଜଣେ ଛାତ୍ର ବତ୍ସଳ ଓ କର୍ତବ୍ୟ ପରାୟଣ ଶିକ୍ଷକ ଥିଲେ ଏଣୁ ତାଙ୍କୁ ପୁଣିଥରେ ଅବସ୍ଥାପିତ କରିବାକୁ ସେମାନେ ଦାବି କରିଛନ୍ତି। ବୋଡ଼େନ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରେଶ୍ୱର ମେହେର ଆସି ଲୋକ ମାନଙ୍କ ସହ ଆଲୋଚନା କରୁଛନ୍ତି। ଗ୍ରାମବାସୀ ଲିଖିତ ଭାବରେ ଜଣାଇଲେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ସେ କହିଛନ୍ତି। କନକପୁର ପ୍ରାଥମିକ ବିଦ୍ୟାଳୟରେ ୬୫ ଜଣ ଛାତ୍ର ଛାତ୍ରୀ ଥିବାବେଳେ ଦୁଇ ଜଣ ଶିକ୍ଷକ ଅଛନ୍ତି। ଶିକ୍ଷକ ଦୁଇ ଜଣ ବୟସ୍କ ବ୍ୟକ୍ତି ହୋଇଥିବାରୁ ଶିକ୍ଷକ ଅଭିରାମ ମାଝୀ ଅଥବା ଜଣେ ଯୁବ ଶିକ୍ଷକ ଦେବାକୁ ଗ୍ରାମବାସୀ ଦାବି ରଖିବା ସହ ଦାବି ପୂରଣ ନହେଲେ ତାଲା ବନ୍ଦ ଅବ୍ୟାହତ ରଖିବାର ଚେତାବନୀ ଦେଇଛନ୍ତି। ଆଜିର ଧାରଣାରେ ଲିଙ୍ଗରାଜ ଧରୁଆ, ଈଶ୍ୱର ହାତୀ, ଧନମତି ମାଝୀ, ରିତିକ ବକୁଲଙ୍କ ସହ ସାମିଲ ଥିଲେ।

# ରେଡ଼ିଓ ଭାବଗ୍ରାହୀର ପଂଚମ ପ୍ରତିଷ୍ଠା ଦିବସ ମହୋତ୍ସବ

କେନ୍ଦ୍ରାପଡ଼ା, ୦୬/୩ (ନି.ପ୍ର): ଭଜନ, ସ୍ୱାଗତ ସଙ୍ଗୀତ, ହୋଲି ନୃତ୍ୟ ଏବଂ ଅକ୍ଷୟ ସଙ୍ଗୀତର ମଧୁ ମୂର୍ଚ୍ଛନାରେ ସଭିଏଁ ଉଲ୍ଲସିତ) ସୂଚନା, ଶିକ୍ଷା ଏବଂ ମନୋରଞ୍ଜନର ବଳିଷ୍ଠ ଗଣମାଧ୍ୟମ ରେଡ଼ିଓ, ସମୟ ସହିତ ତାଳ ଦେଇ ଆଜିବି କୃତ୍ରିମ ବୁଦ୍ଧିମତାର ଯୁଗରେ ବହୁ ଜନ ହିତାୟ ଏବଂ ବହୁଜନ ସୁଖାୟ ଉକ୍ତିକୁ ସଫଳତାର ସମାହିତ କରିଆସୁଅଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଭାବଗ୍ରାହୀର ପଂଚମ ପ୍ରତିଷ୍ଠା ଦିବସ ଏବଂ ଚତୁର୍ଥ ବାର୍ଷିକ ମହୋତ୍ସବ ବାରୁଅ ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନର ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ, ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରଶାନ୍ତ କୁମାର ପାଣି ଏବଂ ସମ୍ମାନୀତ ଅତିଥି ଭାବେ ଗବେଷକ ନିରଞ୍ଜନ ମେକାପ, ପରିବେଶବିତ୍ ନୃସିଂହ ଚରଣ ତ୍ରିପାଠୀ, ପ୍ରଫେସର ପ୍ରକାଶ ଦାସ ପ୍ରମୁଖ ଯୋଗଦାନ ପୂର୍ବକ ରେଡ଼ିଓ ଭାବଗ୍ରାହୀର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଏହାର ଉତରୋତର ଉନ୍ନତି କାମନା କରିଥିଲେ। ନିରୁପମା ଜେନା, ଅର୍ଚ୍ଚନା ପରିଡ଼ା, ସନ୍ତୋଷ ଦାସ ବିମଳ ପରିଡାଙ୍କ ରଚନା ଓ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାଇଥିଲେ। ପ୍ରବଚକ ବିକ୍ରମ କେଶରୀ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୀତିକାର ବିମଳ ପରିଡା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ୨୦୨୨ ମସିହା ମାର୍ଚ୍ଚ ୪ ତାରିଖରେ ପ୍ରତିଷ୍ଠିତ ରେଡ଼ିଓ ଭାବଗ୍ରାହୀର କେତେକ ସଫଳ କାହାଣୀ ସମ୍ପର୍କରେ ଆଲୋକପାତ କରିବା ସହିତ ଗୋଷ୍ଠୀ ବେତାର କେନ୍ଦ୍ର କିପରି ବିଭିନ୍ନ ଗୋଷ୍ଠୀର କଲ୍ୟାଣ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛି ସେ ବିଷୟରେ ସୂଚନା ଦେଇଥିଲେ। ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ପରମ ଆରାଧ୍ୟ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଅପୂର୍ବ ଲୀଳାର ପ୍ରଚାର ପ୍ରସାର ଦିଗରେ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ଉଦ୍ୟମକୁ ମୁଖ୍ୟ ଅତିଥି ପଣ୍ଡିତ ରଥ ପ୍ରଶଂସା କରିଥିଲେ। ପ୍ରଥମେ କଳା ନିକେତନ ପରିସରରେ ଥିବା କବି ଭାବଗ୍ରାହୀ ପରିଡ଼ା, କବି ପତ୍ନୀ ସରୋଜିନୀ ପରିଡା, ଚିର ସବୁଜ ଅକ୍ଷୟ ମହାନ୍ତି ଏବଂ ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସିଦ୍ଧ ବଳଦେବଜୀଉଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ରେଡ଼ିଓ ଭାବଗ୍ରାହୀର ଶୀର୍ଷକ ସଙ୍ଗୀତ ପ୍ରସ୍ତୁତ କରାଯାଇଥିଲା। ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, କେନ୍ଦ୍ର ନିର୍ଦ୍ଦେଶକ ଇଂଜିନିୟର ବିଶ୍ୱଜିତ ପରିଡ଼ା, ଟ୍ରଷ୍ଟି ସୁଶ୍ରୀ ସଙ୍ଗୀତା ଜେନା, କାର୍ଯ୍ୟକ୍ରମ ସହାୟକ ଗୌରବ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଅଶୋକ କୁମାର ସାହୁ, ମହ୍ଲାର ଅର୍କେଷ୍ଟ୍ରାର ସମ୍ପାଦକ ରଞ୍ଜନ କୁମାର ବରାଳ, ରୁରାଲ ଡେଭଲପମେଂଟ କଲ୍ଚରାଲ ୟୁଥ୍ ଅର୍ଗାନାଇଜେସନ୍‌ର ସମ୍ପାଦକ ଚିତରଞ୍ଜନ ପ୍ରଧାନ, ବାଣୀ ବିନୋଦ ସାହିତ୍ୟ ସ୍ୱୋ ନିକେତନର ସଦସ୍ୟ ବିକ୍ରମ କେଶରୀ ପରିଡ଼ା, ବିକ୍ରମ କେଶରୀ ସାମଲ, ସୁନାମ ଧନ୍ୟ କୃଷକ ଅଖିଳ ସ୍ୱାଇଁ, ଭାଗ୍ୟଶ୍ରୀ ସାହୁ, ସୁଶାନ୍ତ ସ୍ୱାଇଁ, ଗାୟକ ସୁରେନ୍ଦ୍ର ରାଉତ, ମାନସ ରଞ୍ଜନ ପରିଡା, ରତ୍ନ ମଞ୍ଜରୀ ପରିଡା, ରାଜଲକ୍ଷ୍ମୀ ପରିଡା, ପାୟଲ ତ୍ରିପାଠୀ, ରଶ୍ମି ରଞ୍ଜନ ଖୁଂଟିଆ, ସ୍ୱର୍ଣ୍ଣକାନ୍ତ ପରିଡା, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାମାଲି ସାହୁ, ପାପାଲି ସାହୁ, ଅଭିଲିପ୍ସା ସାହୁ ଏବଂ ପ୍ରତୀକ୍ଷା ନାୟକ ଚିତାକର୍ଷକ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ଶେଷରେ ନାଟ୍ୟକାର ଭୀମସେନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହୋଲିରେ ଅଘଟଣ: ଜଳିଗଲା ଦୋକାନ

କୋରେଇ, ୦୬/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଶର୍ମା ହୋଟେଲ ନିକଟରେ ଜଣେ ବ୍ୟବସାୟୀଙ୍କ ଦୋକାନ ବୁଧବାର ରାତିରେ ଜଳି ଭସ୍ମୀଭୁତ ହୋଇଯାଇଛି । ବିଦ୍ୟୁତ ସର୍ଟସର୍କିଟ କାରଣରୁ ଉକ୍ତ ଅଗ୍ନିକାଣ୍ଡ ହୋଇଥିବାର ଅନୁମାନ କରାଯାଉଛି । ପ୍ରକାଶଯେ ଏହି ଥାନା ଅନ୍ତର୍ଗତ କାଙ୍କଲା ପାଟଣା ଗ୍ରାମର ଅନନ୍ତ ସାହୁ ଶର୍ମା ହୋଟେଲ ନିକଟରେ ଏକ ଦୋକାନ କରିଥିଲେ। ତେବେ ହୋଲି ପାଇଁ ସେ ଦିନ ସାରା ନିଜ ଦୋକାନ ଦିନ ସାରା ଖୋଲି ନଥିବା ବେଳେ ରାତିରେ ଉକ୍ତ ଦୋକାନରେ ଅଗ୍ନିକାଣ୍ଡ ଘଟି ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ବୈତରଣୀ ରୋଡ଼ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ ।

# ରାଣୀବନ୍ଧର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ତଥା ସୁରକ୍ଷା ପାଇଁ ଆନ୍ଦୋଳନର ସଜବାଜ

ବଲାଙ୍ଗୀର, ୦୬/୩ (ନି.ପ୍ର): ରାଣୀବନ୍ଧର ପନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ତଥା ସୁରକ୍ଷା ପାଇଁ ଆଜି ବଲାଙ୍ଗିର ସହରର ଚାରୋଟି ୱାର୍ଡ ୧୩,୧୪,୧୫,୧୬ ର ଜନସାଧାରଣ ଟିକ୍ରାପଡା ଗାନ୍ଧି ପାଠାଗାର ର ସମ୍ପାଦକ ତଥା ପୂର୍ବତନ ନଗରପାଳ ପ୍ରଦୀପ ସାହୁଙ୍କ ଆବାହକତ୍ୱ ରେ ସ୍ଥାନୀୟ ଟିକ୍ରାପଡା ରାମଜୀ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜିବୀ, ଆଇନଜିବୀ, ଶିକ୍ଷାବିତ, ସମାଜସେବୀ, ପତ୍ରକାର ଆଲୋଚନାରେ ଅଂଶଗ୍ରହଣ କରି ସହରର ମଧ୍ୟ ଭାଗରେ ଅବସ୍ଥିତ ରାଣୀବନ୍ଧ ର ଦୁର୍ଗତି ପାଇଁ ଉଦ୍‌ବେଗ ପ୍ରକାଶ କରିବା ସହ ପୁନରୁର୍ଦ୍ଧାର ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ଉକ୍ତ ସଭାରେ ମନୋରଂଜନ ସାହୁ, ନାଗରିକ କମିଟି ସମ୍ପାଦକ ମଧୁସୁଦନ ନାୟକ, ଭଗବାନ ବର୍ଗର୍ତି, ଶିବ ରଥ, ଗୋପବନ୍ଧୁ ପୁରୋହିତ, ନୀଳମଣି ମିଶ୍ର, ଆଇନଜିବୀ ଭବାନୀ ଶଙ୍କର ଶତପଥି, ଜିଲ୍ଲା ଓକିଲ ସଂଘ ସଭାପତି ବାସୁଦେବ ରଥ, ଗାନ୍ଧି ପାଠାଗାର ସଭାପତି ପ୍ରକାଶ ନେପାକ, ବିଜେଡି ନେତା ବିଧୁଭୂଷଣ ତ୍ରିପାଠୀ ପ୍ରମୁଖ ରାଣିବନ୍ଧର ସୁରକ୍ଷା ତଥା ପୁନରୁଦ୍ଧାର ପାଇଁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ। ବିଭିନ୍ନ ସମୟରେ ରାଣୀବନ୍ଧ ପାଇଁ ଆସିଥିବା ଅନୁଦାନ ବାଟମାରଣା ହେବା ସହ ଅତି ନିମ୍ନମାନର କାର୍ଯ୍ୟ ଅର୍ଥ ତୋଷାରପାତ ହେବାର ଅଭିଯୋଗ ହୋଇଛି। ଜନସାଧାରଣଙ୍କ ସଚେତନତା, ଦୈନିକ ବଜାର ସବୁ ମାଇଳାର ଚମ୍ପୟାଡ, ପ୍ରଶାସନର ଅବହେଳା, ଅସାମାଜିକ ବ୍ୟକ୍ତିମାନଙ୍କର ଆଡ୍ଡା ଏହି ବନ୍ଧର ଅଧୋଗତି ପାଇଁ ଦାୟୀ ବୋଲି ଆବାହକ ପ୍ରଦୀପ ସାହୁ ସୂଚନା ଦେଇଥିଲେ। ଉପସ୍ଥିତ ଜନସାଧାରଣ ଆଗାମୀ ଦିନରେ ଚାରୋଟି ୱାର୍ଡ ର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଡକାଯାଇ ଏକ ଏକ୍ସନ କମିଟି ଗଠନ ପାଇଁ ଜିଲ୍ଲାପାଳ, ମ୍ୟୁନିସିପାଲିଟି ଅଧ୍ୟକ୍ଷା, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟି ଏହି ଏକ୍ସନ କମିଟିର ତଦାରଖରେ ରାଣୀବନ୍ଧ ର ଖନନ କିମ୍ବା ଅନ୍ୟ କାର୍ଯ୍ୟ ପାଇଁ ଆସିଥିବା ଅନୁଦାନ ରାଶି ବିନିଯୋଗ କରିବା ପାଇଁ ଅନୁରୋଧ କରିବା ସହ ବନ୍ଧର ସୌନ୍ଦର୍ଯ୍ୟକରଣ, ଏକ ଦଶାହ ଘାଟ ଓ କୋଠରୀ ସହ, ଆଲୋକୀକରଣ ପାଇଁ ସ୍ଥାନୀୟ ବିଧାୟକଙ୍କୁ ଦାବି ଜଣାଇବା ସହ ଅସମାଜିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଆରକ୍ଷୀ ଅଧିକାରୀଙ୍କୁ ଅନୁରୋଧ କରାଯିବାକୁ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା।

# ଧନିଆ ଖାଆନ୍ତୁ: ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ପାଆନ୍ତୁ

ଧନିଆ ଭାରତୀୟ ଖାଦ୍ୟରେ ସବୁଠାରୁ ସାଧାରଣ ଏବଂ ଲୋକପ୍ରିୟ ମସଲା ମଧ୍ୟରୁ ଗୋଟିଏ । ଏହା ପନିପରିବା, ଡାଲି, କିମ୍ୱା ଚଟଣି ହେଉ, ଏହାର ସୁଗନ୍ଧ ଏବଂ ସ୍ୱାଦ ପ୍ରତ୍ୟେକ ଖାଦ୍ୟକୁ ବୃଦ୍ଧି କରିଥାଏ । କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏହା କେବଳ ସ୍ୱାଦ ବୃଦ୍ଧି କରିବା ପାଇଁ ନୁହେଁ, ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ? ହଁ, ସବୁଜ ଧନିଆ ପତ୍ର ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇପାରେ । ଏହା କେବଳ ଆମର ମତ ନୁହେଁ, ବରଂ ଆଚାର୍ଯ୍ୟ ବାଲକୃଷ୍ଣଙ୍କ ମଧ୍ୟ ଏହା କୁହନ୍ତି । ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଅନୁସାରେ, ଧନିଆରେ ଅନେକ ଲୁକ୍କାୟିତ ଗୁଣ ଅଛି ଯାହା ଶରୀର ଏବଂ ମନ ଉଭୟ ପାଇଁ ଲାଭଦାୟକ । ସେ କରିଥିଲେ ଯେ ଧନିଆ ପାଚନ ପ୍ରକ୍ରିୟାକୁ ଉନ୍ନତ କରେ, ମେଟାବୋଲିଜିମକୁ ସକ୍ରିୟ କରେ ଏବଂ ଶରୀରରୁ କ୍ଷତିକାରକ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରେ । ଏହା ବ୍ୟତୀତ, ଏହା ହୃଦୟ ସ୍ୱାସ୍ଥ୍ୟ ବଜାୟ ରଖିବା, ପ୍ରଦାହ ହ୍ରାସ କରିବା ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ସହାୟକ । ଧନିଆ କେବଳ ଏକ ସ୍ୱାଦିଷ୍ଟ ମସଲା ନୁହେଁ, ଏହା ଆମ ସ୍ୱାସ୍ଥ୍ୟ ପାଇଁ ଏକ ଉତ୍କୃଷ୍ଟ ଅସ୍ତ୍ର ମଧ୍ୟ। ଏହାକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଯେକୌଣସି ସମୟରେ ଲାଭଦାୟକ ସାବ୍ୟସ୍ତ ହୋଇପାରେ।



ପେଟ ଏବଂ ପାଚନ ପାଇଁ ଲାଭଦାୟକ: ଧନିଆ ପାଚନକୁ ଉନ୍ନତ କରେ ଏବଂ ପେଟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ । ଯଦି ଆପଣ ପେଟ ଫୁଲିବା, ଗ୍ୟାସ୍ କିମ୍ୱା ଏସିଡିଟିରେ ପୀଡିତ, ତେବେ ନିୟମିତ ଧନିଆ ବ୍ୟବହାର ବହୁତ ଲାଭଦାୟକ ପ୍ରମାଣିତ ହୁଏ । ପତ୍ରର ରସ କିମ୍ୱା ଧନିଆ ପାଉଡର ସେବନ ପେଟକୁ ହାଲୁକା ରଖିବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବାରେ ସାହାଯ୍ୟ କରେ । ଧନିଆ କେବଳ ହଜମ ପାଇଁ ଲାଭଦାୟକ ନୁହେଁ, ଏହା ଗଳା ଏବଂ କାଶରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ । ଧନିଆ ପତ୍ର କିମ୍ୱା ରସର ଏକ ଛୋଟ ମାତ୍ରା ପିଲାମାନଙ୍କ କାଶରୁ ମୁକ୍ତି ଦେଇପାରେ। ଏହା ଗଳା ଯନ୍ତ୍ରଣା ଏବଂ ଘା' ହେବା ଚିକିତ୍ସାରେ ମଧ୍ୟ ପ୍ରଭାବଶାଳୀ । ଧନିଆ ପାଉଡରକୁ ପାଣିରେ ମିଶାଇ ପିଇବା ଦ୍ୱାରା ମୁଣ୍ଡବିନ୍ଧା ଏବଂ ଗରମଜନିତ ଅସୁବିଧାରୁ ମୁକ୍ତି ମିଳିଥାଏ । ଧନିଆର ବ୍ୟବହାର ଦ୍ୱାରା ଆଣ୍ଠୁଗଣ୍ଠି ଏବଂ ଋତୁସ୍ରାବ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

# ଆଖିରୁ ଜାଣନ୍ତୁ ମଧୁମେହ ଏବଂ କୋଲେଷ୍ଟ୍ରଲର ଲକ୍ଷଣ : ପରୀକ୍ଷା ନକରି କରନ୍ତୁ ଚିହ୍ନଟ

ଆଖିକୁ ଶରୀରର ଦର୍ପଣ କୁହାଯାଏ । କେବଳ ଦୁନିଆକୁ ଦେଖିବା ପାଇଁ ନୁହେଁ, ବରଂ ଶରୀର ଭିତରେ କେଉଁ ରୋଗ ପାଦ ଥାପୁଛି, ତାହା ମଧ୍ୟ ଆଖି ମାଧ୍ୟମରେ ଜାଣିହୁଏ । ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଡାଇବେଟିସ୍ ଏବଂ ହାଇ କୋଲେଷ୍ଟ୍ରଲ୍ ଏକ ସାଧାରଣ ସମସ୍ୟା ପାଲଟିଛି । ଅନେକ ସମୟରେ ରକ୍ତ ପରୀକ୍ଷା କରିବା ପୂର୍ବରୁ ଆମ ଆଖି କିଛି ସ୍ୱତନ୍ତ୍ର ସଙ୍କେତ ଦେଇଥାଏ, ଯାହାକୁ ଆମେ ଜାଣିବା ନିହାତି ଜରୁରୀ।



୧. ଆଖିରୁ କୋଲେଷ୍ଟ୍ରଲ୍ ବଢ଼ିବାର ସଙ୍କେତ

ଯେତେବେଳେ ଶରୀରରେ ଖରାପ କୋଲେଷ୍ଟ୍ରଲ୍ ର ମାତ୍ରା ବଢ଼ିଯାଏ, ଏହା ରକ୍ତନଳୀରେ ଜମା ହେବାକୁ ଲାଗେ। ଏହାର ପ୍ରଭାବ ଆଖିରେ ମଧ୍ୟ ଦେଖାଯାଏ:

କର୍ଣ୍ଣିଆ ଚାରିପଟେ ଧଳା ବଳୟ : ଯଦି ଆପଣଙ୍କ ଆଖିର କଳା ଡୋଳା ବା କର୍ଣ୍ଣିଆର ଚାରିପଟେ ଧଳା, ପାଉଁଶିଆ କିମ୍ୱା ନୀଳ ରଙ୍ଗର ଏକ ଗୋଲାକାର ବଳୟ ଦେଖାଯାଉଛି, ତେବେ ଏହା ହାଇ କୋଲେଷ୍ଟ୍ରଲ୍‌ର ଏକ ପ୍ରମୁଖ ସଙ୍କେତ । ଏହା ଚର୍ବି ଜମା ହେବା କାରଣରୁ ହୋଇଥାଏ।

ଆଖି ପତା ଉପରେ ହଳଦିଆ ଦାଗ: ଆଖିର ଉପର କିମ୍ୱା ତଳ ପତା ପାଖରେ ଛୋଟ ଛୋଟ ହଳଦିଆ ରଙ୍ଗର ମାଂସଳ ପେଣ୍ଡୁଳା ବା ଦାଗ ଦେଖାଯିବା। ଏଥିରେ ଯନ୍ତ୍ରଣା ହୁଏନାହିଁ, କିନ୍ତୁ ଏହା ଶରୀରରେ ବଢୁଥିବା ଚର୍ବି ବା କୋଲେଷ୍ଟ୍ରଲ୍‌ର ସ୍ପଷ୍ଟ ପ୍ରମାଣ।

ଦୃଷ୍ଟିଶକ୍ତି ହଠାତ୍ କମିଯିବା: କୋଲେଷ୍ଟ୍ରଲ୍ କାରଣରୁ ଆଖିକୁ ରକ୍ତ ଯୋଗାଉଥିବା ନଳୀରେ ବାଧା ସୃଷ୍ଟି ହୋଇପାରେ, ଯାହାକୁ 'ରେଟିନାଲ୍ ଆର୍ଟେରୀ ଅକ୍ଲୁଜନ' କୁହାଯାଏ। ଏହା ଦ୍ୱାରା ଜଣେ ବ୍ୟକ୍ତି ହଠାତ୍ ଦେଖିବାରେ ଅସୁବିଧା ଅନୁଭବ କରେ ।

୨. ଆଖିରୁ ଡାଇବେଟିସ୍‌ର ସଙ୍କେତ

ରକ୍ତରେ ଶର୍କରା ବା ସୁଗାରର ମାତ୍ରା ବଢ଼ିଲେ ଏହା ଆଖିର ସୂକ୍ଷ୍ମ ରକ୍ତନଳୀଗୁଡ଼ିକୁ ନଷ୍ଟ କରିଦିଏ । ଏହାକୁ 'ଡାଇବେଟିକ୍ ରେଟିନୋପାଥି' କୁହାଯାଏ।

ଝାପ୍ସା ଦେଖାଯିବା : ଯଦି ଆପଣଙ୍କୁ ହଠାତ୍ ସବୁକିଛି ଝାପ୍ସା ଦେଖାଯାଉଛି, ତେବେ ଏହା ବଢୁଥିବା ସୁଗାରର ଲକ୍ଷଣ ହୋଇପାରେ । ରକ୍ତରେ ସୁଗାର ବଢ଼ିଲେ ଆଖିର ଲେନ୍ସ ଫୁଲିଯାଏ, ଯାହା ଫଳରେ ଦୃଷ୍ଟିଶକ୍ତି ଅସ୍ପଷ୍ଟ ହୋଇଯାଏ ।

ଆଖି ଆଗରେ କଳା ଦାଗ ଉଡ଼ିବା : ଅନେକ ସମୟରେ ଡାଇବେଟିସ୍ ରୋଗୀଙ୍କୁ ଆଖି ଆଗରେ ଛୋଟ ଛୋଟ କଳା ଦାଗ, ବିନ୍ଦୁ କିମ୍ୱା ବୁଢ଼ିଆଣି ଜାଲ ଭଳି କିଛି ଉଡୁଥିବାର ଦେଖାଯାଏ । ଏହା ରେଟିନାରୁ ରକ୍ତସ୍ରାବ ହେବାର ସଙ୍କେତ ହୋଇପାରେ ।

ରଙ୍ଗ ଚିହ୍ନିବାରେ ଅସୁବିଧା: ସୁଗାର ବହୁତ ଦିନ ଧରି ଅଧିକ ରହିଲେ ବ୍ୟକ୍ତି ରଙ୍ଗ ଚିହ୍ନିବାର କ୍ଷମତା ହରାଇବାକୁ ଲାଗେ। ବିଶେଷ କରି ନୀଳ ଏବଂ ହଳଦିଆ ରଙ୍ଗ ମଧ୍ୟରେ ପାର୍ଥକ୍ୟ ବୁଝିବା କଷ୍ଟକର ହୁଏ।

ରାତିରେ ଦେଖିବାରେ କଷ୍ଟ: ମଧୁମେହ କାରଣରୁ ଆଖିର ଦୃଷ୍ଟିଶକ୍ତି ଦୁର୍ବଳ ହୋଇଯାଏ, ଯାହାଫଳରେ ଅଳ୍ପ ଆଲୁଅରେ କିମ୍ୱା ରାତିରେ କୌଣସି ଜିନିଷ ସଠିକ୍ ଭାବେ ଦେଖାଯାଏ ନାହିଁ।

କ'ଣ କରିବା ଉଚିତ୍: ଯଦି ଆପଣଙ୍କ ଆଖିରେ ଏହିଭଳି କୌଣସି ପରିବର୍ତ୍ତନ ଦେଖାଯାଉଛି, ତେବେ ତାକୁ ନଜରଅନ୍ଦାଜ କରନ୍ତୁ ନାହିଁ । ଜଣେ ଚକ୍ଷୁ ବିଶେଷଜ୍ଞଙ୍କୁ ଦେଖାଇବା ସହ ନିଜର ବ୍ଲଡ୍ ସୁଗାର ଏବଂ ଲିପିଡ୍ ପ୍ରୋଫାଇଲ୍ (କୋଲେଷ୍ଟ୍ରଲ୍) ଟେଷ୍ଟ କରାଇ ନିଅନ୍ତୁ । ଆଖିରେ ଦେଖାଯାଉଥିବା ଏହି ସଙ୍କେତଗୁଡ଼ିକ ଶରୀରର ଆଭ୍ୟନ୍ତରୀଣ ସ୍ୱାସ୍ଥ୍ୟ ବିଷୟରେ ସୂଚନା ଦେଇଥାନ୍ତି। ସଠିକ୍ ସମୟରେ ଏହାକୁ ଚିହ୍ନଟ କରି ଚିକିତ୍ସା କଲେ ଆମେ ଭବିଷ୍ୟତରେ ଅନ୍ଧତ୍ୱ କିମ୍ୱା ହୃଦଘାତ ଭଳି ବଡ଼ ବିପଦରୁ ରକ୍ଷା ପାଇପାରିବା । ମନେରଖନ୍ତୁ, ସଚେତନତା ହିଁ ସୁସ୍ଥ ଜୀବନର ଚାବିକାଠି ।




ପରିବା ବଜାରରେ ମଟର , ଫୁଲକୋବି , ଶିମ୍ୱ ଏବଂ ମୂଳା ଭଳି ପରିବାର ଭାରି ଚାହିଦା । ବର୍ତ୍ତମାନ ପ୍ରତିଟି ପରିବା ଦୋକାନ ଦେଖିଲେ ଲାଗେ ଯେମିତି ସବୁଜ ପରିବାର ଭଣ୍ଡାର । ପାଟିକୁ ସୁଆଦ ଦେହକୁ ହିତକର ଏହି ପରିବା ଖାଇଲେ ଅନେକ ରୋଗ ମଧ୍ୟ ଦୂର ହେବା କଥା କୁହାଯାଏ । ଏହି ପରିବା ଭିତରୁ ମୂଳା ଅନ୍ୟତମ । ଖାଲି ମୂଳା କାହିଁକି ମୂଳା ସାଗ ମଧ୍ୟ ଶୀତ ଦିନରେ ଅଧିକ ସଂଖ୍ୟାରେ ଖିଆଯାଏ । ପୋଷକ ତତ୍ତ୍ୱରେ ଭରପୁର ମୂଳା ସାଗ ସ୍ୱାସ୍ଥ୍ୟ ପାଇଁ ଭାରି ଭଲ । ଏଥିରେ ଭିଟାମିନ୍, ଖଣିଜ ପଦାର୍ଥ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ । ମୂଳା ସାଗ ଖାଇବା ଖାଲି ପାଚନ, ଚର୍ମ ଏବଂ ହୃଦୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ନୁହେଁ ବରଂ ଏହା ବିଷାକ୍ତ ପଦାର୍ଥ ବାହାର କରି ଶରୀରକୁ ସଫା କରିବାରେ ମଧ୍ୟ ସାହାଯ୍ୟ କରେ । ଏଥିରେ ଥିବା ଫାଇବର ହଜମ କରାଏ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । କ୍ୟାଲସିୟମ, ପୋଟାସିୟମ ଏବଂ ଆଇରନ ଭଳି ଖଣିଜ ପଦାର୍ଥ ଥିବାରୁ ହାଡ଼କୁ ମଜବୁତ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ମୂଳା ପତ୍ର ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ କାରଣ ଏଥିରେ କ୍ୟାଲୋରୀ କମ୍ ଥାଏ ଏବଂ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ଫୁଲ୍ ରଖିଥାଏ । ମୂଳା ସାଗ ଶରୀର ପାଇଁ ଏକ ବରଦାନ ସଦୃଶ କାରଣ ଯଦି ଆପଣ ଅର୍ଶରେ ପୀଡ଼ିତ ତେବେ ଏହି ପତ୍ରର ଔଷଧୀୟ ଗୁଣ ଅର୍ଶ ଲକ୍ଷଣରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ । ଏହି ପତ୍ରର ରସ ପାଚନ କ୍ରିୟାକୁ ଉନ୍ନତ କରିବା ସହ କୋଷ୍ଠକାଠିନ୍ୟ ହ୍ରାସ କରେ । ମୂଳା ପତ୍ରରେ ଥିବା କ୍ୟାଲସିୟମ ଏବଂ ଫସଫରସ୍ ହାଡ଼କୁ ମଜବୁତ କରେ ଏବଂ ହାଡ଼ ଭାଙ୍ଗିବାର ଆଶଙ୍କା ହ୍ରାସ କରେ । କ୍ୟାଲୋରୀ କମ୍ କିନ୍ତୁ ଫାଇବର ଏବଂ ଜଳୀୟ ଅଂଶ ଅଧିକ ଥିବାରୁ ଏହା ଲମ୍ୱା ସମୟ ପର୍ଯ୍ୟନ୍ତ ପେଟକୁ ଫୁଲ୍ ରଖେ ଯାହାକୁ ଖାଇଲେ ଶୀଘ୍ର ଭୋକ ଲାଗେନି ଏବଂ ଓଜନ ମଧ୍ୟ ହ୍ରାସ ହୋଇଥାଏ । ମୂଳା ପତ୍ରରେ ପ୍ରଦାହ-ରୋଧୀ ଗୁଣ ଥାଏ, ଯାହା ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେବାରେ ସାହାଯ୍ୟ କରେ । ଏଥିରେ ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଥିବାରୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୋଇଥାଏ ଏବଂ ଚର୍ମକୁ ମଧ୍ୟ ଏହା ଚମକ ଦେଇଥାଏ । ଏହି ପତ୍ରରେ ପଟାସିୟମ ଏବଂ କ୍ୟାଲସିୟମ ଭଲ ପରିମାଣରେ ଥାଏ, ଯାହା ହୃଦୟ ପାଇଁ ଲାଭଦାୟକ । ମୂଳା ସାଗ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ହୃଦରୋଗର ଆଶଙ୍କା ହ୍ରାସ କରେ । ଏହା ଯକୃତ ଏବଂ ବୃକକ୍ ପାଇଁ ମଧ୍ୟ ଭାରି ଭଲ । ଏହି ସାଗକୁ ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ ହୋଇଥାଏ । ମଧୁମେହ ରୋଗୀଙ୍କ ପାଇଁ ଏହା ଏକ ପ୍ରାକୃତିକ ଉପଚାର କାରଣ ରକ୍ତ ଶର୍କରା ସ୍ତରକୁ ସ୍ଥିର ରଖିବାରେ ସାହାଯ୍ୟ କରେ ।



# ଗ୍ୟାସ ବର୍ଣ୍ଣର ସଫା ନେଇ ଚିନ୍ତିତ କି ? ତେବେ ଆପଣାନ୍ତୁ ଘରୋଇ ଉପାୟ ...

ସବୁବେଳେ ଗ୍ୟାସରେ ରୋଷେଇ କରିବା ଫଳରେ ଗ୍ୟାସର ଚୁଲା ବା Gas Burner କଳା ପଡ଼ିଯାଇଥାଏ । ଏହାକୁ ସଫା କରିବାକୁ ମାର୍କେଟରେ ମିଳୁଥିବା ମହଙ୍ଗା ପ୍ରଡକ୍ଟର ଆବଶ୍ୟକତା ପଡିଥାଏ । କିନ୍ତୁ ସବୁ ସମୟରେ ମହଙ୍ଗା ପ୍ରଡକ୍ଟ ବ୍ୟବହାର କରିବା ସମସ୍ତଙ୍କ ପାଇଁ ସମ୍ଭ ବ ହୁଏ ନାହିଁ , ସେ ଘରୋଇ ହେଉ କି ହୋଟେଲ ସବୁଠି ଗ୍ୟାସ୍ ରେ ରୋଷେଇ ପରେ ସମସ୍ୟା ଦେଖାଯାଏ ସଫା କରିବା ନେଇ କାରଣ ଆମେ ରୋଷେଇ କରିବା ପରେ ସାଧାରଣ ଭାବରେ ଗୃହିଣୀ ମାନଙ୍କ ଚିନ୍ତା ବଢିଯାଏ ସଫା କରିବା ନେଇ ।

ମହଙ୍ଗା ଜିନିଷ ପରିବର୍ତ୍ତେ ଘରୋଇ ଉପଚାର ମାଧ୍ୟମରେ କମ୍ ଖର୍ଚ୍ଚରେ ଏବଂ ସହଜରେ ଆପଣ ଏହାକୁ ସଫା କରିପାରିବେ। ଏହି ଉପଚାର ମାଧ୍ୟମରେ ଆପଣଙ୍କ କଳା ପଡିଯାଇଥିବା ଗ୍ୟାସର ଚୁଲା ପୁରା ନୂଆ ଦିଶିବ। ଗ୍ୟାସ୍ ବର୍ନରରେ ଥିବା ଛୋଟ କଣାଗୁଡ଼ିକ ପ୍ରାୟତଃ ତେଲ, ମସଲା ଏବଂ ଧୂଳିରେ ଭର୍ତ୍ତି ହୋଇଯାଏ । ଏହା ଗ୍ୟାସ୍‌କୁ ଖରାପ କରିବା ସହ ନିଆଁ ଆଞ୍ଚକୁ କମ କରେ ଏବଂ ରୋଷେଇ ସମୟ ବୃଦ୍ଧି କରେ ।

ଏହା ସହିତ ଗ୍ୟାସ୍ ଅପଚୟ ମଧ୍ୟ ହୋଇଥାଏ। ଯଦି ମଇଳା ହୋଇଯାଇଥିବା ଗ୍ୟାସ୍ ଚୁଲାକୁ ସଫା କରିବା ଆପଣଙ୍କ ପାଇଁ କଷ୍ଟକର ହୋଇପଡୁଛି ତେବେ ଏହି ସହଜ ଘରୋଇ ଉପଚାର କରି ନିଜର ସମସ୍ୟା ଦୂର କରନ୍ତୁ। କାରଣ ଏହି ଟିପ୍ସ ଦ୍ୱାରା ମାତ୍ର କିଛି ମିନିଟ୍ ମଧ୍ୟରେ ଆପଣଙ୍କର ଗ୍ୟାସ ଚୁଲା ସଫା ହେବା ସହ ଚକ୍ ଚକ୍ ଦିଶିବ। ଆଉ ଆପଣ ବି କମ୍ ସମୟ ମଧ୍ୟରେ ଚିନ୍ତା ମୁକ୍ତ ହୋଇଯିବେ ।



ପ୍ରଥମେ ଦୁଇ ଗ୍ଲାସ ଉଷୁମ ପାଣିରେ ଏକ ଚାମଚ ଲେମ୍ବୁ ରସ ନଚେତ୍ ଭିନେଗାର ମିଶାଇ ଆଣ୍ଟାସିଡ୍ ପାଉଡର ନଚେତ୍ ଇନୋ ପାଉଡର ଆଣନ୍ତୁ ।

ଗ୍ୟାସ୍ ଚୁଲାକୁ ସଫା କରିବା ପାଇଁ, ପ୍ରଥମେ ଏକ ପାତ୍ରରେ ଦୁଇ ଗ୍ଲାସ ଉଷୁମ ପାଣି ଢାଳନ୍ତୁ। ଏହା ପରେ ଏଥିରେ ଲେମ୍ବୁ ରସ କିମ୍ୱା ଧଳା ଭିନେଗାର ମିଶାନ୍ତୁ । କାରଣ ଲେମ୍ବୁ ବା ଭିନେଗାର ଉଭୟ ତେଲ ଲାଗି କଳା ହୋଇଯାଇଥିବା ଦାଗ ଛଡ଼ାଇବାରେ ସାହାଯ୍ୟ କରେ। ଲେମ୍ବୁ ବା ଭିନେଗାର ଉଷୁମ ପାଣିରେ ପକାଇ ସାରିବା ପରେ ସଫଳ କରିବାକୁ ଥିବା ବର୍ନର ସବୁକୁ ସେଥିରେ ପକାନ୍ତୁ।

ତା'ପରେ ଇନୋ ପାଉଡରକୁ ବର୍ନର ଉପରେ ଛିଞ୍ଚନ୍ତୁ ଏବଂ ଏହାକୁ ୫ମିନିଟ୍ ପାଇଁ ରଖନ୍ତୁ । ପାଞ୍ଚ ମିନିଟ୍ ପରେ, ବର୍ନରକୁ ବାହାର କରି ଏକ ନରମ ବ୍ରଶ୍ ସାହାଯ୍ୟରେ ଘଷି ଦିଅନ୍ତୁ। ଆପଣ ଦେଖିବେ ଯେ ମଇଳା ଆପେ ଆପେ ଛାଡ଼ିବା ଆରମ୍ଭ କରିବ। ଇନୋ ପାଉଡରରେ ମୁଖ୍ୟତଃ ସୋଡିୟମ୍ ବାଇକାର୍ବୋନେଟ୍ (ବେକିଙ୍ଗ ସୋଡା ଭାବରେ ମଧ୍ୟ ଜଣାଶୁଣା) ଏବଂ ସାଇଟ୍ରିକ୍ ଏସିଡ୍ ଥାଏ। ଲେମ୍ବୁ ରସ କିମ୍ୱା ଭିନେଗାର ଏବଂ ଉଷୁମ ପାଣି ସହିତ ଏହାକୁ ମିଶ୍ରଣ କଲେ, ଏହା ଦ୍ରୁତ ଗତିରେ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ ଉତ୍ପାଦନ କରେ, ଯାହଳ ଗ୍ୟାସ୍ ସଫା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ଏଭଳି ଉପାୟରେ ଆପଣ ଗ୍ୟାସ୍ ଚୁଲ୍ଲାକୁ ସଫା କରନ୍ତୁ।

# ସାବଧାନ: ତ୍ୱଚାକୁ ନଷ୍ଟ କରିଦେବ ଏହି ସବୁ ପାନୀୟ



ଆମେ ଦୈନନ୍ଦିନ ଜୀବନରେ ଏମିତି ଗୁଡ଼ାଏ ଖାଦ୍ୟ ଖାଇଥାଉ ଯାହାକି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ଏମିତି ଅନେକ ଖାଦ୍ୟ ରହିଛି ଯାହା ଆମର ତ୍ୱଚାକୁ ରୁକ୍ଷ କରିଥାଏ। ଖାଦ୍ୟ ଖାଇବା ନେଇ ସତର୍କତା ଅବଲମ୍ୱନ କଲେ ଆମେ କିଛି ମାତ୍ରାରେ ଆମ ତ୍ୱଚାର ଚମକ ବଜାୟ ରଖିପାରିବା।

ଅନେକ ଲୋକ ଭାବନ୍ତି ଜୁସ୍ ପିଇବା ଦ୍ୱାରା ତ୍ୱଚାର ଚମକ ବଢ଼ିଥାଏ। ଚମରେ ଉଜ୍ଜ୍ୱଳତା ଆସିଥାଏ। ମାତ୍ର ମନେ ରଖନ୍ତୁ ସିଧା ଫଳକୁ ରସ କରି ପିଇଲେ ଲାଭପ୍ରଦ ହୋଇଥାଏ। ମାତ୍ର ବଜାରରେ ଯେଉଁ ପ୍ୟାକେଟ ଜୁସ୍ ସବୁ ମିଳୁଛି ସେଥିରେ ଅତିରିକ୍ତ ପରିମାଣର ମିଠା ଭାଗ ରହିଥିବା ହେତୁ ତାହା ତ୍ୱଚା ପାଇଁ ହିତକାରକ ହୋଇନଥାଏ।



ସେହିପରି ଗାଈ ଛେନା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥିବାରୁ ତାହାକୁ ଲୋକେ ବିଭିନ୍ନ ଖାଦ୍ୟରେ ଖାଇଥାନ୍ତି। ମାତ୍ର ମନେ ରଖନ୍ତୁ ଏଥିରେ ତୈଳ ଭାଗ ରହୁଥିବା ହେତୁ ଏହା ବ୍ରଣର ବାହାରିବାର ପ୍ରମୁଖ କାରଣ ପାଲଟିଥାଏ। କଫି ଶରୀର ପାଇଁ ଅନେକ ଭଲ ହୋଇଥାଏ। ମାତ୍ର ଅତ୍ୟଧିକ କଫି ପିଇବା ଦ୍ୱାରା ଶରୀରୁ ଜଳ ଅଂଶ ହ୍ରାସ ପାଇଥାଏ। ଫଳରେ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ।

ଆପଣ ଯେତେ ବି ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ ପଛେ ଯଦି ଆପଣ ବାରମ୍ୱାର ଥଣ୍ଡା ପାନୀୟ ପିଉଛନ୍ତି ତେବେ ଏହା ତାହାର ପ୍ରଭାବ କମ୍ କରିଥାଏ। ସେହିପରି ମଦ୍ୟପାନ ରୁକ୍ଷ ତ୍ୱଚାର କାରଣ ହୋଇଥାଏ। ଏହା ଆପଣ ଜାଣିଥିବେ ନିଶ୍ଚୟ। ଆପଣ ନିଜ ଶରୀରର ଯେତେ ବି ଯତ୍ନ ନିଅନ୍ତୁ ପଛେ ଯଦି ଆଲ୍‌କହଲ ନେଉଛନ୍ତି ତେବେ ସବୁ ବୃଥା।

# ମଧ୍ୟପ୍ରାଚ୍ୟ ରଣକ୍ଷେତ୍ରର ନିଆଁ ଓ ବିମାନ ଭଡ଼ା ଆକାଶଛୁଆଁ ହେବା ଆଶଙ୍କା

ମାର୍ଚ୍ଚ ୨୦୨୬ର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶ୍ୱ ଇତିହାସ ଏକ ଅତ୍ୟନ୍ତ ଭୟଙ୍କର ତଥା ନିର୍ଣ୍ଣାୟକ ମୋଡ଼ ନେଇଛି । ଗତ ଫେବୃଆରୀ ଶେଷ ସପ୍ତାହରୁ ଆରମ୍ଭ ହୋଇଥିବା ଇସ୍ରାଏଲ ଏବଂ ଆମେରିକା ଦ୍ୱାରା ଇରାନ ଉପରେ ମିଳିତ ସାମରିକ ଆକ୍ରମଣ ବର୍ତ୍ତମାନ କେବଳ ଏକ ରାଜନୈତିକ ବିଶ୍ଳେଷଣର ବିଷୟ ହୋଇ ରହିନାହିଁ, ବରଂ ଏହା ସାଧାରଣ ଜନଜୀବନ ଉପରେ ଏକ ପ୍ରଚଣ୍ଡ ଆର୍ଥିକ ଆଘାତ ଦେଇସାରିଛି । ଯୁଦ୍ଧର ପ୍ରଭାବ ଆଉ 'ଆଶଙ୍କା' ପର୍ଯ୍ୟାୟରେ ନାହିଁ; ଏହା ଏକ କଠୋର ବାସ୍ତବତାରେ ପରିଣତ ହୋଇଛି ଯେଉଁଠାରେ ବିମାନ ଭଡ଼ା ରାତାରାତି ତିନିରୁ ଚାରି ଗୁଣ ବୃଦ୍ଧି ପାଇଛି । ଯେତେବେଳେ ତେହେରାନ ଓ ଇସଫାହାନର ଆକାଶରୁ ବୋମା ଓ କ୍ଷେପଣାସ୍ତ୍ର ବର୍ଷା ହେଉଛି, ସେତେବେଳେ ହଜାର ହଜାର କିଲୋମିଟର ଦୂରରେ ଥିବା ଭାରତୀୟ ଶ୍ରମିକ ଓ ଯାତ୍ରୀମାନେ ଏହାର ମୂଲ୍ୟ ଦେଉଛନ୍ତି । ବିମାନ ବୀମା କମ୍ପାନୀଗୁଡ଼ିକ ଦ୍ୱାରା 'ୱାର୍ ରିସ୍କ ପ୍ରିମିୟମ' ବା ଯୁଦ୍ଧଜନିତ ବିପଦ ବୀମା କିସ୍ତିରେ ଯେଉଁ ଅହେତୁକ ବୃଦ୍ଧି ଘଟିଛି, ତାହା ବିମାନ ଯାତ୍ରାକୁ ସାଧାରଣ ବର୍ଗଙ୍କ ପହଞ୍ଚ ବାହାରକୁ ନେଇଯାଇଛି ।

ବର୍ତ୍ତମାନର ପରିସ୍ଥିତିକୁ ବୁଝିବା ପାଇଁ ଆମକୁ ପ୍ରଥମେ ଯୁଦ୍ଧର ଭୌଗୋଳିକ ଓ ଆର୍ଥିକ ଦିଗ ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ଆମେରିକା ଓ ଇସ୍ରାଏଲର ଯୁଦ୍ଧ ବିମାନଗୁଡ଼ିକ ଇରାନର ପ୍ରମୁଖ ସାମରିକ ଘାଟିଗୁଡ଼ିକୁ ଲଗାତାର ଟାର୍ଗେଟ୍ କରୁଥିବା ବେଳେ ଇରାନର ପ୍ରତିଜବାବ ସମଗ୍ର ପାରସ୍ୟ ଉପସାଗରୀୟ ଅଞ୍ଚଳକୁ ଅସ୍ଥିର କରିଦେଇଛି । ଫଳସ୍ୱରୂପ, ଇରାନ, ଇରାକ ଏବଂ କୁଏତର ଆକାଶପଥ ବେସାମରିକ ବିମାନ ଚଳାଚଳ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼ିଛି । ଏହି ପୃଷ୍ଠଭୂମିରେ ଅନ୍ତର୍ଜାତୀୟ ବୀମା କମ୍ପାନୀଗୁଡ଼ିକ ଯୁଦ୍ଧ ପ୍ରଭାବିତ ଅଞ୍ଚଳ ଦେଇ ଗତି କରୁଥିବା ବିମାନଗୁଡ଼ିକ ପାଇଁ ବୀମା ପ୍ରିମିୟମକୁ ଆକାଶଛୁଆଁ କରିଦେଇଛନ୍ତି । ସଦ୍ୟତମ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ପ୍ରତ୍ୟେକ ଥର ଯୁଦ୍ଧ କ୍ଷେତ୍ରର ସୀମାନ୍ତ ଦେଇ ଉଡ଼ାଣ ଭରିବା ପାଇଁ ବିମାନ କମ୍ପାନୀଗୁଡ଼ିକୁ ବିମାନର ମୋଟ ମୂଲ୍ୟର (Hull Value) ପ୍ରାୟ ୦.୧% ପର୍ଯ୍ୟନ୍ତ ଅତିରିକ୍ତ ପ୍ରିମିୟମ ଦେବାକୁ ପଡ଼ୁଛି । ଯୁଦ୍ଧ ପୂର୍ବରୁ ଏହା ନଗଣ୍ୟ ଥିଲା, କିନ୍ତୁ ଆଜି ଏହା ବିମାନ କମ୍ପାନୀଙ୍କ ପାଇଁ ଏକ ବିରାଟ ବୋଝ ପାଲଟିଛି ।ଏହି ବର୍ଦ୍ଧିତ ଖର୍ଚ୍ଚର ବାସ୍ତବ ଚିତ୍ର ଅତ୍ୟନ୍ତ ଉଦବେଗଜନକ । ତଥ୍ୟ ଅନୁଯାୟୀ, ଏୟାରବସ୍ ଇ୩୨୦ କିମ୍ବା ବୋଇଂ ୭୩୭ ଭଳି ଏକ 'ନାରୋ-ବଡି' (ସଂକୀର୍ଣ୍ଣ) ବିମାନ ପାଇଁ, ଯାହାର ମୂଲ୍ୟ ପ୍ରାୟ ୬୦୦-୭୦୦ କୋଟି ଟଙ୍କା, ଏହି ବର୍ଦ୍ଧିତ ପ୍ରିମିୟମ ବାବଦକୁ ଏୟାରଲାଇନ୍ସକୁ ଗୋଟିଏ ରିଟର୍ଣ୍ଣ ଟ୍ରିପ୍ ପାଇଁ ପ୍ରାୟ ୩୦ ରୁ ୪୦ ଲକ୍ଷ ଟଙ୍କା (୩୨,୦୦୦ ରୁ ୪୮,୦୦୦ ଡଲାର) ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ୁଛି । ସେହିପରି ବୋଇଂ ୭୭୭ କିମ୍ବା ୭୮୭ ଡ୍ରିମଲାଇନର ଭଳି 'ୱାଇଡ୍-ବଡି' (ବୃହତ) ବିମାନ ପାଇଁ ଏହି ଖର୍ଚ୍ଚ ୯୦ ଲକ୍ଷରୁ ୧ କୋଟି ଟଙ୍କା (ପ୍ରାୟ ୧,୦୦,୦୦୦ ଡଲାର) ପର୍ଯ୍ୟନ୍ତ ପହଞ୍ଚି ଯାଇଛି । ମନେରଖନ୍ତୁ, ଏହା କୌଣସି ବାର୍ଷିକ ଦେୟ ନୁହେଁ, ବରଂ ପ୍ରତ୍ୟେକ ଥର ଯାତାୟାତ ପାଇଁ ଦେବାକୁ ପଡ଼ୁଥିବା ଅତିରିକ୍ତ ଅର୍ଥ । ବିମାନ ଶିଳ୍ପ ପରି ଏକ ସ୍ୱଳ୍ପ ଲାଭାଂଶ (Low Margin) ଭିତ୍ତିକ ବ୍ୟବସାୟରେ ଏତେ ବଡ଼ ଧରଣର ଖର୍ଚ୍ଚ ବହନ କରିବା କମ୍ପାନୀଗୁଡ଼ିକ ପକ୍ଷେ ଅସମ୍ଭବ ହୋଇପଡ଼ିଛି । ତେଣୁ ସେମାନେ ବାଧ ହୋଇ ଏହି ବୋଝକୁ ଯାତ୍ରୀଙ୍କ ଉପରେ ଲଦି ଦେଇଛନ୍ତି । ଫଳସ୍ୱରୂପ, ଭାରତରୁ ଦୁବାଇ କିମ୍ବା ଅନ୍ୟ ଗଲ୍ଫ ଦେଶକୁ ଯାଉଥିବା ଯେଉଁ ଟିକେଟ୍ ପୂର୍ବରୁ ୧୦,୦୦୦ରୁ ୧୫,୦୦୦ ଟଙ୍କାରେ ମିଳୁଥିଲା, ତାହା ଆଜି ୫୦,୦୦୦ ରୁ ୬୦,୦୦୦ ଟଙ୍କାରେ ବିକ୍ରି ହେଉଛି ।

କେବଳ ବୀମା ପ୍ରିମିୟମ ବୃଦ୍ଧି ଏକମାତ୍ର ସମସ୍ୟା ନୁହେଁ । ଯୁଦ୍ଧ କାରଣରୁ ଇରାନର ଆକାଶପଥ ବନ୍ଦ ରହିଥିବାରୁ ବିମାନଗୁଡ଼ିକୁ ବାଧ ହୋଇ ବହୁ ଦୂର ବୁଲି ଯିବାକୁ ପଡ଼ୁଛି । ଏହି 'ରି-ରୁଟିଂ' ବା ପଥ ପରିବର୍ତ୍ତନ ଯୋଗୁଁ ୟୁରୋପ ଏବଂ ଆମେରିକାକୁ ଯାଉଥିବା ବିମାନଗୁଡ଼ିକର ଉଡ଼ାଣ ସମୟ ପ୍ରାୟ ୨ ରୁ ୩ ଘଣ୍ଟା ବଢିଯାଇଛି । ବିମାନ ଚଳାଚଳରେ ସମୟ ବଢିବା ମାନେ ଇନ୍ଧନ ଖର୍ଚ୍ଚ ବଢିବା । ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଏହି ଅତିରିକ୍ତ ଉଡ଼ାଣ ସମୟ ପାଇଁ ଘଣ୍ଟା ପ୍ରତି ପ୍ରାୟ ୬,୦୦୦ ରୁ ୭,୫୦୦ ଡଲାର (ପ୍ରାୟ ୫-୬ ଲକ୍ଷ ଟଙ୍କା) ଅଧିକ ଖର୍ଚ୍ଚ ହେଉଛି । ଏହା ସହିତ ଯୋଡ଼ି ହୋଇଛି ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିର ସମସ୍ୟା । ଯୁଦ୍ଧ ଯୋଗୁଁ ତୈଳ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କାରେ ବିମାନ ଇନ୍ଧନ (ATF)ର ମୂଲ୍ୟ ଉତ୍ତର-ପଶ୍ଚିମ ୟୁରୋପରେ ମେଟ୍ରିକ୍ ଟନ୍ ପିଛା ୧,୨୫୯ ଡଲାର ଅତିକ୍ରମ କରିଛି । ଭାରତୀୟ ବିମାନ କମ୍ପାନୀଗୁଡ଼ିକର ମୋଟ ପରିଚାଳନା ଖର୍ଚ୍ଚର ପ୍ରାୟ ୪୦% କେବଳ ଇନ୍ଧନ ବାବଦରେ ଯାଇଥାଏ । ତେଣୁ ଏକାଧାରରେ ବୀମା ପ୍ରିମିୟମ ବୃଦ୍ଧି, ଲମ୍ବା ଯାତ୍ରା ପଥ ଏବଂ ମହଙ୍ଗା ତୈଳ—ଏହି ତିନୋଟି କାରଣ ମିଶି ବିମାନ ଭଡ଼ାକୁ ଏକ ଅକଳ୍ପନୀୟ ସ୍ତରକୁ ନେଇଯାଇଛି । ଭାରତ ପାଇଁ ଏହି ପରିସ୍ଥିତି ଅତ୍ୟନ୍ତ ସଙ୍କଟଜନକ । ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦିଲ୍ଲୀରୁ ଲଣ୍ଡନ ଯାଉଥିବା ସିଧାସଳଖ ବିମାନର ଇକୋନୋମି କ୍ଲାସ୍ ଭଡ଼ା ବର୍ତ୍ତମାନ ୧,୫୦,୦୦୦ ଟଙ୍କା ଟପିଯାଇଛି, ଯାହା ସାଧାରଣ ସମୟ ତୁଳନାରେ ଦୁଇଗୁଣରୁ ଅଧିକ । ଏହାର ସବୁଠାରୁ ବଡ଼ ଶିକାର ହେଉଛନ୍ତି ଭାରତର ସାଧାରଣ ପ୍ରବାସୀ ଶ୍ରମିକ । କେରଳ, ତେଲେଙ୍ଗାନା, ଉତ୍ତରପ୍ରଦେଶ ଏବଂ ବିହାର ଭଳି ରାଜ୍ୟରୁ ଲକ୍ଷ ଲକ୍ଷ ଲୋକ ରୋଜଗାର ପାଇଁ ଉପସାଗରୀୟ ଦେଶ ଉପରେ ନିର୍ଭରଶୀଳ । ଯୁଦ୍ଧ ପରିସ୍ଥିତିରେ ଅନେକ ଶ୍ରମିକ ନିଜ ଦେଶକୁ ଫେରିବାକୁ ଚାହୁଁଥିଲେ ମଧ ଅତ୍ୟଧିକ ଭଡ଼ା ଯୋଗୁଁ ସେମାନେ ସେଠାରେ ଫସି ରହିଛନ୍ତି । ଅନ୍ୟପକ୍ଷରେ, ଯେଉଁମାନେ ଛୁଟିରେ ଘରକୁ ଆସିଥିଲେ, ସେମାନେ କର୍ମକ୍ଷେତ୍ରକୁ ଫେରିବା ପାଇଁ ଅସମର୍ଥ ହେଉଛନ୍ତି । ଏହା କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ବରଂ ଦେଶର 'ରେମିଟାନ୍ସ' ବା ବିଦେଶରୁ ଆସୁଥିବା ଅର୍ଥ ପ୍ରବାହ ଉପରେ ମଧ ନକାରାତ୍ମକ ପ୍ରଭାବ ପକାଉଛି ।

ଏହି ଯୁଦ୍ଧ କେବଳ ଯାତ୍ରୀ ପରିବହନ ନୁହେଁ, ବରଂ ବାଣିଜ୍ୟିକ କାରବାରକୁ ମଧ ଗଭୀର ଭାବେ କ୍ଷତିଗ୍ରସ୍ତ କରିଛି । ଭାରତରୁ ୟୁରୋପ ଏବଂ ଆମେରିକାକୁ ରପ୍ତାନି ହେଉଥିବା ଫଳ, ପନିପରିବା, ଔଷଧ ଏବଂ ବୟନ ଶିଳ୍ପ ସାମଗ୍ରୀର ପରିବହନ ଖର୍ଚ୍ଚ ବହୁଗୁଣ ବଢିଯାଇଛି । 'ଏୟାର ଫ୍ରେଟ୍' ବା ବିମାନ ମାଲ ପରିବହନ ଭଡ଼ା ବୃଦ୍ଧି ପାଇବା ଫଳରେ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ସାମଗ୍ରୀର ପ୍ରତିଯୋଗିତାମୂଳକ ଦର ବଜାୟ ରଖିବା କଷ୍ଟକର ହେଉଛି । ଏହାବ୍ୟତୀତ, ଯୁଦ୍ଧ ଆରମ୍ଭ ହେବାର ମାତ୍ର କିଛି ଦିନ ମଧରେ ବିଶ୍ୱବ୍ୟାପୀ ୨୧,୦୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ବାତିଲ ହୋଇଥିବା ଖବର ମିଳିଛି । ଏହା ଯୋଗାଣ ଶୃଙ୍ଖଳା (Supply Chain)କୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି । ଭାରତୀୟ ବିମାନ କମ୍ପାନୀ ଯଥା ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ପାଇଁ ଏହା ଏକ ଦୋଛକି ପରିସ୍ଥିତି । ଗୋଟିଏ ପଟେ ପାକିସ୍ତାନର ଆକାଶପଥ ବ୍ୟବହାର ଉପରେ କଟକଣା ଏବଂ ଅନ୍ୟ ପଟେ ଇରାନ-ଇରାକ ଯୁଦ୍ଧ କ୍ଷେତ୍ର—ଏହି ଦୁଇଟି କାରଣରୁ ଭାରତୀୟ ବିମାନଗୁଡ଼ିକୁ ପଶ୍ଚିମ ଦେଶକୁ ଯିବା ପାଇଁ ଏକ ଅତ୍ୟନ୍ତ ଲମ୍ବା ଏବଂ ବ୍ୟୟବହୁଳ ରାସ୍ତା ବାଛିବାକୁ ପଡ଼ୁଛି ।

ବିଶ୍ଳେଷଣ କଲେ ଜଣାପଡ଼େ ଯେ, ଏହି ସଙ୍କଟର ଆଶୁ ସମାଧାନର କୌଣସି ସମ୍ଭାବନା ଦେଖାଯାଉନାହିଁ । ଯେପର୍ଯ୍ୟନ୍ତ ଆମେରିକା ଓ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ଏବଂ ଇରାନ ଏହାର ପ୍ରତିଜବାବ ଦେଉଥିବ, ସେପର୍ଯ୍ୟନ୍ତ ବୀମା କମ୍ପାନୀଗୁଡ଼ିକ ରିସ୍କ ପ୍ରିମିୟମ କମାଇବେ ନାହିଁ । ବରଂ ଯଦି ଯୁଦ୍ଧର ତୀବ୍ରତା ଆହୁରି ବୃଦ୍ଧି ପାଏ, ତେବେ ବୀମା କମ୍ପାନୀଗୁଡ଼ିକ ହୁଏତ ସମ୍ପୂର୍ଣ୍ଣ ଭାବେ କଭରେଜ୍ ପ୍ରତ୍ୟାହାର କରିନେବାର ଧମକ ଦେଇପାରନ୍ତି, ଯାହା ବିମାନ ସେବାକୁ ସମ୍ପୂର୍ଣ୍ଣ ଠପ୍ କରିଦେବ । ଇଣ୍ଟରନ୍ୟାସନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏସନ୍ (IATA)ର ପୂର୍ବାନୁମାନ ଅନୁଯାୟୀ, ୨୦୨୬ ମସିହାରେ ବିମାନ କମ୍ପାନୀଗୁଡ଼ିକର ନେଟ୍ ଲାଭ ମାତ୍ର ୩.୯% ରହିବାର ଆଶା ଥିଲା, କିନ୍ତୁ ବର୍ତ୍ତମାନର ଯୁଦ୍ଧ ପରିସ୍ଥିତିରେ ଏହି ସ୍ୱଳ୍ପ ଲାଭ ମଧ କ୍ଷତିରେ ପରିଣତ ହେବାର ଆଶଙ୍କା ରହିଛି ।

ପରିଶେଷରେ, ଏହା ନିଃସନ୍ଦେହ ଯେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ରକ୍ତାକ୍ତ ସଂଘର୍ଷ କେବଳ ଏକ ରାଜନୈତିକ କିମ୍ବା ସୀମା ବିବାଦ ନୁହେଁ । ଏହା ବିଶ୍ୱ ବିମାନ ଚଳାଚଳ ବ୍ୟବସ୍ଥା ଉପରେ ଏକ ଘାତକ ପ୍ରହାର । 'ୱାର୍ ରିସ୍କ ପ୍ରିମିୟମ'ର ଏହି ଅହେତୁକ ବୃଦ୍ଧି ପ୍ରମାଣ କରୁଛି ଯେ ଯୁଦ୍ଧର ମୂଲ୍ୟ କେବଳ ରଣକ୍ଷେତ୍ରରେ ନୁହେଁ, ବରଂ ସାଧାରଣ ନାଗରିକଙ୍କ ଦୈନନ୍ଦିନ ଜୀବନରେ ମଧ ପଡ଼େ । ଯଦି ବିଶ୍ୱ ନେତୃବୃନ୍ଦ ଏହି ସଙ୍କଟର ଶୀଘ୍ର କୂଟନୈତିକ ସମାଧାନ ନ ବାହାର କରନ୍ତି, ତେବେ ଆଗାମୀ ଦିନରେ ବିମାନ ଯାତ୍ରା କେବଳ ଧନୀକ ଶ୍ରେଣୀର ବିଳାସ ହୋଇ ରହିଯିବ ଏବଂ ବିଶ୍ୱାୟନର ଗତି ମନ୍ଥର ହୋଇଯିବ । ଭାରତ ସରକାର ଏହି କୂଟନୈତିକ ସ୍ତରରେ ନିଜ ନାଗରିକଙ୍କ ସୁରକ୍ଷା ଓ ସୁବିଧା ପାଇଁ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ । କିନ୍ତୁ ବାସ୍ତବତା ହେଉଛି, ଶାନ୍ତି ବିନା ସୁଲଭ ଯାତାୟାତ ଏବଂ ସ୍ଥିର ଅର୍ଥନୀତିର କଳ୍ପନା କରାଯାଇନପାରେ ।

## ପ୍ରଶ୍ନ ପ୍ରତିପ୍ରଶ୍ନ

# ନୋବେଲରେ ଭାରତ



ଶ୍ରୀବତ୍ସ ନାୟକ

ବିଶ୍ୱରେ ପ୍ରତିଭା ସମ୍ପନ୍ନ ବ୍ୟକ୍ତିମାନଙ୍କୁ ଯେତେଗୁଡିଏ ପୁରସ୍କାର ଦିଆଯିବାର ବ୍ୟବସ୍ଥା ରହିଛି ତନ୍ମଧ୍ୟରୁ 'ନୋବେଲ' ପୁରସ୍କାର ହେଉଛି ସବୁଠାରୁ ମର୍ଯ୍ୟଦାଜନକ ତଥା ସର୍ବଶ୍ରେଷ୍ଠ ପୁରସ୍କାର । ଶାନ୍ତି, ଭେଷଜ, ସାହିତ୍ୟ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ବିଶ୍ୱର ଯେକୌଣସି ଦେଶର ଓ ଜାତିର ଯୋଗ୍ୟ ବିବେଚିତ ବ୍ୟକ୍ତି ବିଶେଷଙ୍କୁ 'ନୋବେଲ' ଉପାଧିରେ ଭୂଷିତ କରାଯାଇଥାଏ । ସୁଇସ୍ ବୈଜ୍ଞାନିକ ତଥା ଡିନାମାଇଟର ଉଦ୍ଭାବକ ଆଲଫ୍ରେଡ ନୋବେଲଙ୍କ ଦ୍ୱାରା ପ୍ରତିଷ୍ଠିତ ନୋବେଲ ଫାଉଣ୍ଡେସନ ତରଫରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖ, ନୋବେଲଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସ୍ୱେଡେନର ରାଜଧାନୀ ଷ୍ଟକହୋମଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ନୋବେଲ ପୁରସ୍କାର ମୁଖ୍ୟତଃ ଜିଜ୍ଞାସା, ସୃଜନଶୀଳତା ଓ ମୌଳିକତାରୁ ପ୍ରେରିତ କାର୍ଯ୍ୟ ଏବଂ ଗବେଷଣାକୁ ମାନ୍ୟତା ଦେଇଥାଏ ।

ଏହି ଉପାଧିରେ ଭୂଷିତ ହେଉଥିବା ବ୍ୟକ୍ତି ବିଶ୍ୱବ୍ୟାପୀ ନିଜର ଏକ ପରିଚୟ ସୃଷ୍ଟିକରିବା ସହିତ ନିଜ ଦେଶକୁ ଗୌରବାନ୍ୱିତ କରିଥାନ୍ତି ।

ଭାରତର ଜନସଂଖ୍ୟା ଦୃଷ୍ଟିରୁ ଦେଖିଲେ ଯଦିଓ 'ନୋବେଲ' ପୁରସ୍କାର ବିଜେତାଙ୍କ ସଂଖ୍ୟା ନଗଣ୍ୟ ତଥାପି ଯେଉଁମାନେ ଭାରତ ପାଇଁ 'ନୋବେଲ' ପୁରସ୍କାର ଜିତିବାର ଗୌରବ ଆଣିଦେଇଛନ୍ତି ସେମାନଙ୍କ ନାମ ଭାରତ ଇତିହାସରେ ଅବିସ୍ମରଣୀୟ ହୋଇ ରହିବ ।

ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଗୁଗଲ୍‌ର ତଥ୍ୟ ଅନୁସାରେ ୧୯୦୧ ମସିହାରୁ ପ୍ରଚଳିତ ହେଉଥିବା ଏହି ନୋବେଲ ପୁରସ୍କାର ୨୦୨୫ ମସିହା ସୁଦ୍ଧା ଅର୍ଥାତ୍ ୧୨୪ ବର୍ଷ ମଧରେ ୧୦୨୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଇଛି । ତନ୍ମଧ୍ୟରୁ ପଦାର୍ଥ ବିଜ୍ଞାନରେ ୨୩୦ ଜଣ, ରସାୟନ ବିଜ୍ଞାନରେ ୨୦୦ ଜଣ, ଭେଷଜରେ ୨୩୨ ଜଣ, ସାହିତ୍ୟରେ ୧୨୨ ଜଣ, ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ୧୪୩ ଜଣ ଏବଂ ଅର୍ଥନୀତି କ୍ଷେତ୍ରରେ ୯୯ ଜଣ ବିଦ୍ୱାନ ବ୍ୟକ୍ତି ଏହି ପୁରସ୍କାର ପ୍ରାପ୍ତ ହୋଇଛନ୍ତି । ୪୨୮ ନୋବେଲ ବିଜେତାଙ୍କ ସହିତ ତାଲିକାର ଶୀର୍ଷରେ ଇଉନାଇଟେଡ୍ ଷ୍ଟେଟ୍ସ ରହିଥିବା ବେଳେ ୧୪୪ ନୋବେଲ ବିଜେତା ଙ୍କ ସହ ଇଉନାଇଟେଡ୍ କିଂଗଡମ୍ ଓ ୧୧୬ ନୋବେଲ ବିଜେତାଙ୍କ ସହିତ ଜର୍ମାନ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଳଙ୍କୃତ କରିଛି । ସ୍ୱେଡେନ ଭଳି ଏକ କ୍ଷୁଦ୍ର ରାଷ୍ଟ୍ରରେ ୩୫ ଜଣ ନୋବେଲ ବିଜେତା ପ୍ରାପ୍ତ ହୋଇଥିବା ବେଳେ ତାଲିକାରେ ୧୩ ବିଜେତାଙ୍କ ସହ ଭାରତ ୧୯ତମ ସ୍ଥାନରେ ରହିଛି । ତେଣୁ ଅନ୍ୟ ଦେଶ ମାନଙ୍କର ତୁଳନାରେ ଜନସଂଖ୍ୟା ଦୃଷ୍ଟିରୁ ଦେଖିଲେ ଏ କ୍ଷେତ୍ରରେ ଭାରତ ସାମାନ୍ୟ ପଛୁଆ ରହିଛି । ବହୁ ସଂଖ୍ୟକ ବୈଜ୍ଞାନିକ, ସୃଜନ, ଅର୍ଥନୀତିଜ୍ଞ ସହିତ ସର୍ବାଧିକ ଜନବହୁଳ ଦେଶ ହେବା ସତ୍ତ୍ୱେ, ନୋବେଲରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ । ବିଶେଷକରି ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ଦେଖୁଥିବା ଓ ୨୦୫୦ ମସିହା ବେଳକୁ ବିଶ୍ୱ ଗୁରୁ ଆଡ଼କୁ ଅଗ୍ରସର ହେଉଥିବା ଭାରତ ବିଗତ ଏକ ଶତାବ୍ଦୀ ଧରି ବିଜ୍ଞାନ କ୍ଷେତ୍ରରେ କୌଣସି ବୈଜ୍ଞାନିକ ନୋବେଲ ନପାଇବା ଭାରତର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଭାରତୀୟ ଶିକ୍ଷାରୁ ନବସୃଜନ କାହିଁକି ହଜିଯାଉଛି, ନୋବେଲ ପୁରସ୍କାର ଦୌଡରେ ଭାରତ କାହିଁକି ପଛରେ ଅଛି ତାହା ଏବେ ଆଲୋଚ୍ୟର ପ୍ରସଙ୍ଗ ।

ଭାରତୀୟ ବୈଜ୍ଞାନିକମାନେ ନୋବେଲ ଭଳି ସମ୍ମାନଜନକ ପୁରସ୍କାର ନପାଇବାର ଯେଉଁ ସବୁ କାରଣ ରହିଛି ତନ୍ମଧ୍ୟରୁ ଗବେଷଣା (Research and development) କ୍ଷେତ୍ରରେ ଭାରତ ପର୍ଯ୍ୟାପ୍ତ ସୟଳ ବିନିଯୋଗ ନକରିବା ପ୍ରମୁଖ କାରଣ ଅଟେ । ଏ କ୍ଷେତ୍ରରେ ଦେଖିଲେ ଇସ୍ରାଏଲ ଘରୋଇ ଉତ୍ପାଦ (ଜିଡିପି)ର ୬.୩ ପ୍ରତିଶତ, ତାଇୱାନ ୪.୯ ପ୍ରତିଶତ, ଦକ୍ଷିଣ କୋରିଆ ୪.୫ ପ୍ରତିଶତ ଆମେରିକା ୩.୪ ପ୍ରତିଶତ, ଜାପାନ ୩.୪ ପ୍ରତିଶତ, ଅଷ୍ଟ୍ରିଆ ୩.୩ ପ୍ରତିଶତ, ଜର୍ମାନ୍ ୩.୧ ପ୍ରତିଶତ ଓ ଚୀନ ୨.୪ ପ୍ରତିଶତ ଅର୍ଥ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟରେ ବିନିଯୋଗ କରୁଥିବାବେଳେ ଭାରତର ବିନିଯୋଗ ମାତ୍ର ୦.୭ ପ୍ରତିଶତ । ୨୦୧୦-୧୧ ଆର୍ଥିକ ବର୍ଷରେ ଭାରତ ଗବେଷଣା ପାଇଁ ୬୦,୧୯୬.୭୫ କୋଟି ଟଙ୍କା ବିନିଯୋଗ ହୋଇଥିବାବେଳେ ୨୦୨୦-୨୧ରେ ୧,୨୭,୩୮୦.୯୬ କୋଟି ଟଙ୍କା ବିନିଯୋଗ କରିଥିଲା ଯାହାର ପରିମାଣ ଏକ ଦଶନ୍ଧିରେ ଦ୍ୱିଗୁଣିତ ହୋଇଥିଲା ସତ ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ଭାରତୀୟ ବୈଜ୍ଞାନିକଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ୨୦୨୪ ମସିହାରେ ପ୍ରାୟ ୫,୩୦୦ ଭାରତୀୟ ବୈଜ୍ଞାନିକ ଏଥିରେ ସ୍ଥାନ ପାଇଥିଲେ, ଯାହା ପ୍ରକୃତରେ ଗର୍ବର ବିଷୟ । ଏତେ ସଂଖ୍ୟକ ବୈଜ୍ଞାନିକ ଥିବା ସତ୍ତ୍ୱେ ଭାରତ ବିଜ୍ଞାନ କ୍ଷେତ୍ରରେ ନୋବେଲ ସ୍ତରୀୟ ସଫଳତା ହାସଲ କରିନାହିଁ । ଯଦି ଏତେ ସଂଖ୍ୟକ ଭାରତୀୟ ଏପରି ବଡ ରାଙ୍କିଂରେ ସ୍ଥାନ ପାଉଛନ୍ତି ତେବେ ଏହା ସୂଚାଇ ଦିଏ ଯେ ଗବେଷଣା ବଡ ପରିମାଣରେ ହେଉଛି କିନ୍ତୁ ଭାରତର ଗବେଷଣା ଗୁଣାତ୍ମକ ନହୋଇ ପରିମାଣାତ୍ମକ ହୋଇଯାଇଛି । ଗବେଷଣାର ମୌଳିକତା ଯଥେଷ୍ଟ ହ୍ରାସ ପାଇଛି । ଉଚ୍ଚ ଗୁଣବତ୍ତା ଅନୁସନ୍ଧାନ ହେଉନାହିଁ । ଅଧିକ ଉଦ୍ଧୃତ ଏବଂ ପେଟେଣ୍ଟ ଦାଖଲ ଉପରେ ଧ୍ୟାନ ଦିଆଯାଇଛି ।ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଅନେକ ଦୁର୍ବଳତା ମଧ ଏଥି ନିମନ୍ତେ କେତେକାଂଶରେ ଦାୟୀ । ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ ଏମ୍ ଆଇ ଟି ଏବଂ ଷ୍ଟାନ୍ ଫୋର୍ଡ ବିଶ୍ୱବିଦ୍ୟାଳୟର ଶିକ୍ଷାବ୍ୟବସ୍ଥା ତୁଳନାରେ ଭାରତରେ ବିଶ୍ୱବିଦ୍ୟାଳୟ ଶିକ୍ଷାବ୍ୟବସ୍ଥା ଗବେଷଣା ବ୍ୟତୀତ ପାରମ୍ପରିକ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଥାଏ । ଭାରତର ଯେଉଁମାନେ ଗବେଷଣା କ୍ଷେତ୍ରରେ ଊଣାଅଧିକେ ଦକ୍ଷ ସେମାନେ ବିଦେଶରେ ରହି ଅନେକ ଗୁଣାତ୍ମକ ଗବେଷଣା କରୁଛନ୍ତି । କେବଳ ସେତିକି ନୁହେଁ ବରଂ ଭାରତ ଜନ୍ମିତ ବିଦେଶରେ ନାଗରିକତ୍ୱ ଗ୍ରହଣ କରି ଅନେକ୍ ବିଦ୍ୱାନ ନୋବେଲ ପ୍ରାପ୍ତ ହୋଇଛନ୍ତି । ଏ କ୍ଷେତ୍ରରେ ହରଗୋବିନ୍ଦ ଖୁରାନା, ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର, ରାମକୃଷ୍ଣନ ହେଉଛନ୍ତି ଅନ୍ୟତମ । ଏତଦବ୍ୟତୀତ ଅନ୍ୟଏକ କାରଣ ହେଉଛି ଭାରତର ଦୀର୍ଘକାଳୀନ ଦୂରଦୃଷ୍ଟିର ସମ୍ପୂର୍ଣ୍ଣ ନୀତି ନିର୍ଦ୍ଧାରଣର ଅଭାବ ରହୁଛି ।

ଚୀନ, ଜାପାନ,ଦକ୍ଷିଣ କୋରିଆ ଭଳି ଦେଶରେ ୨୦-୩୦ ବର୍ଷର ଦୀର୍ଘକାଳୀନ ଯୋଜନା ରହିଥିବା ବେଳେ ଭାରତର ଯୋଜନାର ସର୍ବକାଳୀନ ଅବଧି ହେଉଛି ପାଞ୍ଚ ବର୍ଷ । ଉନ୍ନତମାନର ଗବେଷଣା ଓ ବୈଜ୍ଞାନିକ ଭାରତରେ ସୃଷ୍ଟି ନହେବାର ମଧ ଅନ୍ୟ ଏକ କାରଣ ହେଉଛି ସରକାରଙ୍କ ବିଧି ବ୍ୟବସ୍ଥା । ବୈଜ୍ଞାନିକ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା, ସରକାରୀ ଚାପ, ଅର୍ଥନୈତିକ ପୃଷ୍ଠପୋଷକତା ମାତ୍ରାଧିକ ପ୍ରାଶାସନିକ ହସ୍ତକ୍ଷେପ ଫଳରେ ଗବେଷଣା ଏତେଟା ଗୁଣାତ୍ମକ ହୋଇପାରୁନାହିଁ । ଉପଯୁକ୍ତ ମେଧାବୀ ଚିହ୍ନିବାରେ ଅସମର୍ଥ ଯୋଗୁଁ ଯେଉଁ କିଛି ଗବେଷଣା ହେଉଛି ସେଗୁଡିକ ପାରମ୍ପରିକ ଏବଂ ପୂର୍ବଲିଖିତ ଧାରାରେ ଏକ ପୁନରାବୃତ୍ତି ମାତ୍ର । ଉପଯୁକ୍ତ ଯୋଗ୍ୟତା, ଗବେଷଣା ଦକ୍ଷତା ଓ ଉଚ୍ଚକୋଟୀର ଅନୁସନ୍ଧାନ ଥାଇ ମଧ ଭାରତର ପ୍ରାଶାସନିକ ନିୟମ ଅନୁସାରେ ପଦୋନ୍ନତି ନିମନ୍ତେ ପ୍ରମୋସନ ପାଇଁ ବିଜ୍ଞ ଅପେକ୍ଷା ଅଭିଜ୍ଞଙ୍କୁ ଗୁରୁତ୍ୱ ଦିଆଯାଇଥାଏ । ଜଦି ବି କେହି ମେଧାବୀ ତଥା ଯୁବ ବୈଜ୍ଞାନିକ କୌଣସି ପ୍ରତିଷ୍ଠିତ ଅନୁଷ୍ଠାନରେ ଗବେଷଣା କରିବାର ସୁଯୋଗ ପାଏ ତେବେ ରାଜନୈତିକ ଚାପ ତଥା ଉପଯୁକ୍ତ ସରଞ୍ଜାମ ଅଭାବରୁ ଗବେଷଣା ବାଧାପ୍ରାପ୍ତ ହୋଇଥାଏ । ଏହିଭଳି ଏକ ବ୍ୟବସ୍ଥାରେ ଜଣେ ଯୁବ ବୈଜ୍ଞାନିକର ସ୍ୱପ୍ନ ମରିଯାଏ ଓ ପ୍ରେରଣା ହଜିଯାଏ । ପ୍ରକାଶନ ଓ ପୁରସ୍କାର ପାଇଁ ଦୌଡ ଭିତରେ ଗବେଷଣାର ମୂଳ ଲକ୍ଷ୍ୟ ସୁଦୂରପ୍ରସାରୀ ହୋଇଯାଏ ।

ଥରେ ଚିନ୍ତା କରନ୍ତୁ ତ ! ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ଅବଦୁଲ କଲାମଙ୍କୁ ବିଶ୍ୱବିଦ୍ୟାଳୟରେ ପଢ଼ାଇବାର ସୁଯୋଗ ମିଳି ନଥିଲା କିନ୍ତୁ ପରବର୍ତ୍ତୀ ସମୟରେ ସେ ଭାରତର 'ମିଶାଇଲ ମ୍ୟାନ' ଭାବରେ ପ୍ରତିଷ୍ଠିତ ହୋଇଥିଲେ ।

ଭାରତକୁ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବାକୁ ହେଲେ ଜିଜ୍ଞାସାକୁ ଦମନ କରିବା ଉଚିତ ନୁହଁ ବରଂ ଉତ୍ସାହିତ କରିବା ଉଚିତ । ଏଥିପାଇଁ ଶିକ୍ଷାରେ ସଂସ୍କାର ଆଣିବା ଉଚିତ୍ । ଭାରତୀୟ ସମ୍ବିଧାନ ଅନୁଯାୟୀ, ବୈଜ୍ଞାନିକ ମନୋଭାବ ବିକଶିତ କରିବା ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ କର୍ତ୍ତବ୍ୟ, ଯାହା ୧୯୭୬ ମସିହା ୪୨ତମ ସଂଶୋଧନର ଧାରା ୫୧A(h) ମାଧ୍ୟମରେ ସାମିଲ କରାଯାଇଛି । ଏହି ବ୍ୟବସ୍ଥା ପ୍ରତ୍ୟେକ ନାଗରିକଙ୍କୁ ପ୍ରଶ୍ନ କରିବା ମନୋଭାବ, ମାନବବାଦ ଏବଂ ସଂସ୍କାରର ମନୋଭାବ ବିକଶିତ କରିବାକୁ ଆହ୍ୱାନ କରେ । ଏହା ଆମକୁ ମନେ ପକାଇଦିଏ ଯେ ବୈଜ୍ଞାନିକ ପଦ୍ଧତିର ଲକ୍ଷ୍ୟ ହେଉଛି ମାନବ କଲ୍ୟାଣ । ତେଣୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଜ୍ଞାସା ଓ ସୃଜନଶୀଳତାକୁ ପ୍ରଭାବଶାଳୀ ଭାବରେ ବିକଶିତ କରିବା ଉଚିତ୍ ।ଅନ୍ୟପକ୍ଷରେ ଦେଖିଲେ ଧର୍ମ ଓ ଅନେକ ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ ହୋଇ ଭାରତ ବିଜ୍ଞାନ କ୍ଷେତ୍ରରେ ବହୁତ ପଛରେ ରହିଯାଇଛି । ସରକାର ଏ ସବୁ ଉପରେ ଯତ୍ନବାନ୍ ହେବା ନିହାତି ଜରୁରୀ ନଚେତ୍ ଭାରତର ବିଶ୍ୱଗୁରୁ ହେବାର ସ୍ୱପ୍ନ ବାସ୍ତବିକ୍ ସ୍ୱପ୍ନରେ ରହିଯିବ ।

+ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ

# ଚତୁର୍ଥ ଆସନ : ଘୋଡାଙ୍କ ଅପେକ୍ଷାରେ !



ସୌଭାଗ୍ୟ ରଂଜନ ମହାନ୍ତି

ରାଜ୍ୟରେ ଖାଲି ହେଉଥିବା ଚାରୋଟି ରାଜ୍ୟସଭା ଆସନ ପାଇଁ ୫ଜଣ ପ୍ରତ୍ୟଶୀ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ପ୍ରତିଦ୍ୱନ୍ଦିତା ନିଶ୍ଚିତ ହୋଇଯାଇଛି । ରାଜ୍ୟର ୧୪୭ ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଶାସକ ଓ ବିରୋଧି ଦଳର ସଦସ୍ୟଙ୍କ ସଂଖ୍ୟା ଦୃଷ୍ଟିରୁ ବିଜେପି ୨ଟି, ବିଜେଡି ଗୋଟିଏ ଆସନରେ ବିଜୟୀ ହେବା ନିଶ୍ଚିତ ଥିବାବେଳେ ଚତୁର୍ଥ ଆସନଟିରେ କଡା ପ୍ରତିଦ୍ୱନ୍ଦିତା ହେବା ସମ୍ଭାବନା ରହିଛି । ଯାହାକୁ ହାଇଭୋଲଟେଜ ପ୍ରତିଦ୍ୱନ୍ଦିତା କହିଲେ ହୁଏତ ଅତିରଂଜିତ ହୋଇନପାରେ । ବିଧାନସଭାରେ ଏବେ କ୍ଷମତାସୀନ ବିଜେପିର ୭୯ ଜଣ ବିଧାୟକ ଥିବାବେଳେ ୩ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିଛି । ତେବେ ବିଜେପି ଶିବିରରେ ମୋଟ ୮୨ଜଣ ସଦସ୍ୟ ଅଛନ୍ତି । ସେହିପରି ବିଜେଡିର ଦୁଇଜଣ ନିଲମ୍ବିତ ସଦସ୍ୟଙ୍କୁ ଛାଡି ୪୮ଜଣ ବିଧାୟକ ଥିବାବେଳେ କଂଗ୍ରେସର ୧୪ଜଣ ଏବଂ ସିପିଏମର ଜଣେ ବିଧାୟକ ଅଛନ୍ତି । ଜଣେ ପ୍ରାର୍ଥୀଙ୍କ ବିଜୟ ପାଇଁ ୩୦ଟି ଭୋଟ ଆବଶ୍ୟକ ଥିବାବେଳେ ବିଜେପିର ଦୁଇଜଣ ପ୍ରାର୍ଥୀ ବିଜୟୀ ହେବା ପରେ ଆଉ ୨୨ଟି ବଳକା ରହୁଛି । ସେହିପରି ବିଜେଡିର ଜଣେ ମାତ୍ର ପ୍ରାର୍ଥୀଙ୍କ ବିଜୟ ନିଶ୍ଚିତ ଥିବାବେଳେ ଆଉ ୧୮ଟି ଭୋଟ ବଳକା ରହୁଛି । ଚତୁର୍ଥ ଆସନ ପାଇଁ ବିଜେପି ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲୀପ ରାୟଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିଛି । ଦିଲୀପ ମଧ ବିଜେପିର ଜଣେ ଟାଣୁଆ ନେତା ଭାବେ ଜଣାଶୁଣା । ଅପର ପକ୍ଷରେ ଚତୁର୍ଥ ଆସନ ପାଇଁ ଖ୍ୟାତନାମା ଡାକ୍ତର ଦତେଶ୍ୱର ରାୟଙ୍କୁ ବିଜେଡି, କଂଗ୍ରେସ ଏବଂ ସିପିଏମ ମିଳିତ ପ୍ରାର୍ଥୀ ଭାବେ ଛିଡା କରାଇଛନ୍ତି । ବିଜେଡିର ବଳକା ଭୋଟ ସହ କଂଗ୍ରେସର ୧୪ଟି ଏବଂ ସିପିଏମର ଗୋଟିଏ ଭୋଟ ମିଶିଲେ ୩୮ଟି ଭୋଟ ହେଉଥିବାବେଳେ ବିରୋଧି ଦଳ ବିଜୟ ସୁନିଶ୍ଚିତ ଥିବା ନିର୍ବାଚନ କହେ । ଚତୁର୍ଥ ଆସନ ପାଇଁ ଦିଲୀପଙ୍କ ସପକ୍ଷରେ ୨୨ଟି ଭୋଟ ଥିବାବେଳେ ସେ କେବଳ ନୁହଁନ୍ତି ବିଜେପି ରାଜ୍ୟ ଓ କେନ୍ଦ୍ରୀୟ ନେତୃବର୍ଷ ବିଜୟ ନିଶ୍ଚିତ ବୋଲି ବାହାସ୍ଫୋଟ ମାରିଛନ୍ତି । ଅତୀତରେ ୨୦୦୨ରେ ରାୟ ବିଜେଡିକୁ ଚକମା ଦେଖାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ଅଭିଜ୍ଞତାକୁ ପାଥେୟ କରି ସେ ବିଜୟୀ ହେବା କହିବା ସ୍ୱାଭାବିକ । ଅନ୍ୟପକ୍ଷରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ ବିରୋଧି ଶିବିରର ଦୁଇ ପ୍ରାର୍ଥୀ ତଥା ଡଃ ସଂତୃପ୍ତ ମିଶ୍ର ଓ ଡା. ଦତେଶ୍ୱର ରାୟଙ୍କୁ ଆଗୁଆ ଅଭିନନ୍ଦନ ଜଣାଇ ସାରିଲେଣି । ଚତୁର୍ଥ ଆସନ ପାଇଁ ଶାସକ ବିଜେପିର ଆସ୍ଫାଳନ କ୍ରସ ଭୋଟିଂର ସଂକେତ ଦିଏ । ଯାହାକି ଅସମ୍ଭବ ମଧ୍ୟ ନୁହେଁ । ଏବେ କେବଳ ଓଡିଶା ରାଜନୀତି ଘୋଡାକୁ ଅପେକ୍ଷା । ରାଜ୍ୟସଭା ନିର୍ବାଚନ ନିୟମ ଅନୁଯାୟୀ ଜଣେ ବିଧାୟକ ଭୋଟ ଦେବା ପରେ ସେଠାରେ ଉପସ୍ଥିତ ଥିବା ଦଳର ପ୍ରାଧିକୃତ ଏଜେଂଟଙ୍କୁ ବାଲଟ ପେପର ଦେଖାଇବାକୁ ବାଧ । ଅନ୍ୟଥା ତାଙ୍କର ଭୋଟ ନାକଚ ହେବ । ଏଥିରୁ ଜଣେ ବିଧାୟକ କାହାକୁ ଭୋଟ ଦେଲେ ତାହା ସ୍ପଷ୍ଟ ହେବ । ଘୋଡା ବେପାରକୁ ଚିହ୍ନଟ କରିପାରିବ । କେବଳ ଏତିକି ନୁହେଁ, କ୍ରସ ଭୋଟିଂ କରିଥିବା ଦଳୀୟ ବିଧାୟକ ଅଯୋଗ୍ୟ ଘୋଷିତ ବା ବିଧାୟକ ପଦ ହରାଇବେ । କିନ୍ତୁ ନିଲମ୍ବିତ ଦୁଇ ସଦସ୍ୟ ନିଜ ଇଚ୍ଛାନୁସାରେ ଭୋଟ ଦେଇପାରିବେ । କିନ୍ତୁ ସେମାନେ ଭୋଟ ଦେବା ପରେ ଦଳର ପ୍ରାଧିକୃତ ଏଜେଂଟଙ୍କୁ ବାଲଟ ପେପର ଦେଖାଇବାକୁ ବାଧ । ଅନ୍ୟଥା ସେମାନଙ୍କର ଭୋଟ ନାକଚ ହେବ । କିନ୍ତୁ ବିଧାୟକ ପଦ ପ୍ରତି କୌଣସି ଆଂଚ ଆସିବ ନାହିଁ । କହିବାକୁ ଗଲେ ବିଜେଡିର ଦୁଇ ନିଲମ୍ବିତ ବିଧାୟକଙ୍କର ଭୋଟ କୌଣସି ଗୁରୁତ୍ୱ ରଖେ ନାହିଁ । କିନ୍ତୁ ଏହା ନିଶ୍ଚିତ ଯେ, ରାଜ୍ୟସଭା ନିର୍ବାଚନରେ ବିକ୍ରୀ ହୋଇଥିବା ବିଧାୟକ ଧରାପଡିବେ । ତେବେ ରାଜ୍ୟସଭା ନିର୍ବାଚନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ନବୀନ ଏବଂ କଂଗ୍ରେସ ନେତୃବର୍ଗ ଗୋଟିଏ ମଂଚରେ ଏକାଠ ହେବା । ଯାହାକି ରାଜ୍ୟ ରାଜନୀତିରେ ନୂତନ ସମୀକରଣର ବାର୍ତ୍ତା ଦେଇଛି । ସମଦୂରତ୍ୱ କଥା କହି ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡିଶା ରାଜନୀତିରୁ ଏକାକୀ ଛତ୍ରପତି ହୋଇଥିବା ନବୀନ କଂଗ୍ରେସ ବିରୋଧରେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବାବେଳେ ପ୍ରଥମ ଥର ପାଇଁ ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ସହ ଏକାଠି ହୋଇ କମନ ପ୍ରାର୍ଥୀ ଦେଇଛନ୍ତି । କେବଳ ଏତିକି ନୁହେଁ, ଭବିଷ୍ୟତରେ ତ୍ରିସ୍ତରୀୟ ଓ ଅନ୍ୟ ନିର୍ବାଚନରେ କଂଗ୍ରେସ ସହ ମେଂଟ ଗଠନ ନେଇ ଏକ ପ୍ରଶ୍ନର ଉତରକୁ ସିଧାସଳଖ ଏଡାଇ ଯାଇ ସମୟ କହିବ ବୋଲି ଉତର ଦେବା । ରାଜ୍ୟ ରାଜନୀତି ଏକ ନୂଆମୋଡ ନେବାକୁ ଯାଉଥିବା ମନେହୁଏ । ତେବେ ସେ ଯାହା ହେଉ, ଚତୁର୍ଥ ଆସନ ହିଁ ବିକ୍ରୀ ଯୋଗ୍ୟ ଘୋଡାକୁ ଚିହ୍ନଟ କରିବ, ଏଥିରେ ସନ୍ଦେହ ନାହିଁ ।

-ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯






## ଯୁଦ୍ଧ-ପ୍ରେମ

### ଡ. ଶୁଭେନ୍ଦୁ ମେହେର

କେତେ ଆଉ ଲଢ଼ିବ
ଦେଶ ଦେଶ ଭିତରେ ହିଂସାର ଲଢେଇ
ଯୁଦ୍ଧଂ ଦେହୀର ଡାକରାରେ !

ଗୁଳି ଗୋଳାବାରୁଦ
ଗଛିତ ରହୁ ସେଇମିତି,
ଅସ୍ତ୍ର ଶସ୍ତ୍ରର ଧାର, ମୁଳାୟମ ହେଉ
ଅନାୟାସେ ।
ଋତୁ ପରି ବଦଳି
କ୍ଷତାକ୍ତ କରୁଥିବା ଧ୍ୱଂସସ୍ତୁପ ବିଧ୍ୱଂସ ହେଉ
।
ଯୁଦ୍ଧର ରଙ୍ଗକୁ ଧୋଇଦିଅ,
ମନର ବେଗବାନ ଘୋଡ଼ାକୁ ଅକ୍ତିଆର କର
ଲୋଡ଼ନାହିଁ ସ୍ୱର୍ଣ୍ଣିମ ବିଜୟ
କି କଳ୍ପିତ ଆତଙ୍କ !
ପ୍ରେମର ରଙ୍ଗ ମାଖ,
ହୃଦୟର ରଙ୍ଗ ମାଖ
ଆଦରର ଆଉ ବିଶ୍ୱାସର ରଙ୍ଗ ମାଖ
ପ୍ରେମର ନଇଟିଏ ହୋଇ ନରମିଯାଅ ।
ସହସ୍ର ଶିବଙ୍କୁ ଶବ ସଜେଇ
କେତେଦିନ ଆଉ,
ରକ୍ତର ରଙ୍ଗକୁ ଲାଲ ଭାବିବ ।
ସ୍ନେହ ଆଉ ପ୍ରେମର ରଙ୍ଗ ବି ତ
ଲାଲ ହିଁ ଥାଏ ।

ଆସୁନ ଟିକେ ନିଃସର୍ତ୍ତ ପ୍ରେମ କରିବା
ଯେଉଁଠି ନଥିବ
ପଡୋଶୀର ଇର୍ଷା !
ନାରୀ ଆଉ ପୁରୁଷର,
ଧନୀ ଆଉ ଗରୀବର,
ଉଚ୍ଚ ଆଉ ନୀଚର ଦ୍ୱିଭାଷା !
ପାଇବାର ଆଶା, ନ ପାଇବାର ନିରାଶା
କେବଳ ଆଉ କେବଳ ଥିବ
ତ୍ୟାଗର ଦିବ୍ୟାଶା ।

ଏଇଠି ତ,
ଦେହ ଦେହ ଭିତରେ ଲଢ଼େଇ
ଈର୍ଷା, ବିଦ୍ୱେଷ, ପରଶ୍ରୀ କାତରତା
ଅସହିଷ୍ଣୁତା ଆଉ କ୍ରୁରତା ।

ହାରିବା ଜିତିବାର ମୋହରୁ
ଉତୁରି ଆସି
ତୁମର ସେ'
ବୋମା ଦୁଇଟିରୁ ବାରୁଦ କାଢ଼ି
ପ୍ରେମ ଆଉ ଅମୃତ ପୁରାଅ
ହୃଦୟର ଦୁଇପଟେ ସଜେଇ ଦିଅ
ସର୍ବାନ୍ତକରଣରେ
ଛାତିରେ ଛାତିକୁ ମିଶାଇ ଦେଖ ।

ଦେହରେ ଦେହକୁ ଘଷ,
ଓଠରେ ଓଠ, ହାତରେ ହାତ !
କେତେ କୋମଳତା, ଶୀତଳତା,
ସରଳତା ଆଉ ଆତ୍ମୀୟତା ଅଛି
ଅନୁଭବ କର ।

ମାପିନିଅ ପ୍ରେମରେ,
ପ୍ରୀତିରେ,
ସମ୍ମୋହନରେ, ମିଳନରେ,
ଆଶାରେ, ଆଶ୍ୱାସନାରେ ।
ଯୁଦ୍ଧରେ ଜିତିଲେ ଆନନ୍ଦ
ଆଉ ପ୍ରେମରେ ହାରିଲେ ମହାନନ୍ଦ ।

+ଯାଲୋଏ, ସୁବର୍ଣ୍ଣପୁର
ମୋ-୯୯୩୮୪୩୩୬୬୪

# ନ୍ୟାୟପ୍ରିୟ ଜାହାଙ୍ଗୀର

## ନଗେନ୍ଦ୍ର ନାଥ ପଟ୍ଟନାୟକ



ସମ୍ରାଟ ଜାହାଙ୍ଗୀର ଅତ୍ୟନ୍ତ ନ୍ୟାୟପ୍ରିୟ ଥିଲେ। ନ୍ୟାୟ ପ୍ରଦାନର ତାଙ୍କ ଖ୍ୟାତି ସାମ୍ରାଜ୍ୟର କୋଣ ଅନୁକୋଣେ ବ୍ୟାପିଯାଇଥିଲା। ଅନ୍ୟାୟକୁ ସେ ସହ୍ୟ କରିପାରୁ ନ ଥିଲେ। ଅନ୍ୟାୟ ଓ ଅନୀତିର ଶିକାର ହୋଇଥିବା ପ୍ରଜାକୁ ତ୍ୱରିତ ନ୍ୟାୟ ଦେବାରେ ସେ ସଫଳ ହୋଇଥିଲେ । କାହା ପ୍ରତି ସାମାନ୍ୟ ଅନ୍ୟାୟ ହେଉଥିବା ଖବର ତାଙ୍କ କାନରେ ପଡିଲେ ଅନ୍ୟାୟକୁ ପ୍ରଶୟ ଦେଇଥିବା ବ୍ୟକ୍ତି ବିରୁଦ୍ଧରେ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ। ଏପରିକି ଘୋର ଅନ୍ୟାୟ କରିଥିବା ପ୍ରଜାକୁ ଅବିଳମ୍ବେ ମୃତ୍ୟୁ ଦଣ୍ଡାଦେଶ ଦେଇ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ

ତାଙ୍କର ଜଣେ ଚାକର ଥିଲା ଯେ ଭାରି ବିଶ୍ୱସ୍ତ। ଥରେ ତାଙ୍କ ପାଖରେ ଛିଡାହୋଇ ସେ ଗୋଟିଏ ଗିଲାସରେ ସୁମିଷ୍ଟ ସରବତ ଢାଳୁଥିଲା। ଅଚାନକ ସରବତ ବୁନ୍ଦାଏ ତାଙ୍କ ଉପରେ ପଡ଼ିଗଲା। ହୁଏତ ଟିକିଏ ଅସାବଧାନତା ଯୋଗୁ ଏପରି ଘଟିଗଲା। କିନ୍ତୁ ସେଦିନ ସକାଳୁ ଜାହାଙ୍ଗୀରଙ୍କ ମୁଣ୍ଡକୁ କାହିଁକି କେଜାଣି ପିତ୍ତ ଚହଟି ଯାଇଥିଲା। ରାଗରେ ନିଆଁବାଣ ହୋଇ ସେ ବିଚରା ଚାକରଟିର ମୁଣ୍ଡକାଟ କରିବାକୁ ଆଜ୍ଞାଦେଲେ। ଅସହାୟ ଚାକରଟି ଦଣ୍ଡେ ଚିନ୍ତାକରି ଚୁପ୍ ଚାପ୍ ତାଙ୍କ ନିକଟକୁ ଆଗେଇ ଆସିଲା। କ' ଣ ଭାବିଲା କେଜାଣି ଆଖି ପିଛୁଳକେ ଗିଲାସଯାକ ସରବତ ଅଜାଡିଦେଲା ତାଙ୍କ ମୁଣ୍ଡ ଉପରେ। ସମ୍ରାଟଙ୍କ ଦେହ ଗୋଟାକଯାକ ଓଦା ସରସର। ଏ କଥା ଦେଖି ତାଙ୍କ ରାଗ ପଞ୍ଚମକୁ ଉଠିଗଲା। ରାଗ ବ୍ରହ୍ମଚଣ୍ଡାଳ। ସେ ଆଉରି ରାଗିପାଚି ଲାଲ ପଡ଼ିଗଲେ । ତାଙ୍କ ଆଖିଯୋଡ଼ିକରୁ ଯେମିତି ନିଆଁବର୍ଷା ହେଉଥାଏ । ଟିକିଏ ପରେ ତମତମ ହୋଇ କହିଲେ - ତୋର ପୁଣି ଏତେ ବହପ; ତୁଟା ଜାଣିଶୁଣି ଏମିତି ଅଭଦ୍ରାମି କରି ମସ୍ତବଡ ଭୁଲଟେ କରି ପକାଇଲୁ । ତୋର ଆଉ ତ୍ରାହିନାହିଁ । ଜୀବନ ଯିବାଟା ଏକପ୍ରକାର ଥୟ । ତା' ପରେ ନାଚାର ଚାକରଟି ନମ୍ରତାର ସହିତ ଅତ୍ୟନ୍ତ ଶାନ୍ତ ଓ ଧୀର ସ୍ୱରରେ କହିଲା: ଜହାଁପହ୍ନା, ଆପଣ ହେଉଛନ୍ତି ନ୍ୟାୟର ମଶାଲ; ଘରେ ଘରେ ଆପଣ ନ୍ୟାୟର ପ୍ରଦୀପ ଜଳାଉଚନ୍ତି। ମୁଁ ଚାହୁଁନାହି ମୋର ମୃତ୍ୟୁ ଅନ୍ତେ ଆପଣଙ୍କ ଉପରେ ଆରୋପ ନ ଲାଗୁ । ତୁଚ୍ଛାଟା ସରବତପାଇଁ ବାଦଶାହା ମୁଣ୍ଡ କାଟିବାକୁ ଆଦେଶ ଦେଇଥିଲେ ବୋଲି । ଖାସ୍ ମୋ ଆଡୁ ତ ଏଇ ଭୁଲଟା ହୋଇଯାଇଛି । ଚାକରଟିର ତୁଣ୍ଡରୁ କଥାପଦକ ଶୁଣି ଜାହାଙ୍ଗୀର କହିଲେ: ତୁ ଧନ୍ୟ, ତୁ ନିଜର ଉପସ୍ଥିତ ବୁଦ୍ଧି ଓ ଅକଲ ଯୋଗୁ ଖାଲି ମୋ ରାଗକୁ ଶାନ୍ତ କରିନୁ ବରଂ ମୋର ହୃଦୟକୁ ମଧ୍ୟ ଛୁଇଁଦେଇଛୁ ।


+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର
ଓସ୍କାର ସିଟି, ଲେନ ନଂ ୯, ପ୍ଲଟ ନଂ ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ ,ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮


# ଗୁଡିଉଡାଇ ଗାଇବା ଗୀତ

## ପ୍ରଶାନ୍ତ କୁମାର ଦାଶ

ପାଠ ପଢିବା କାମ ସରିଲା
ଚାଲରେ ସାଙ୍ଗସାଥୀ
ଉଡାଇଦେବା ଆକାଶେ ଗୁଡି
ମଜା ମଉଜେ ମାତି ।

ସୁଲୁ ସୁଲିଆବାଆ ବୋହୁଚି
ଲାଗୁଚି ଟିକେ ଶୀତ
କହିଲା କୁନା ଗୁଡି ଉଡାଇ
ଚାଲ ଗାଇବା ଗୀତ ।

ନାନା ରଙ୍ଗର କାଗଜ ଆଣି
ତିଆରିଅଛି ଗୁଡି
ନଟେଇ ମାଞ୍ଜା ଖୋଲି ଛାଡିବା
ଯିବସେ ଦୂରେ ଉଡି ।

ଗଛମୂଳରେ ବସି ଦେଖିବା
ଗୁଡିର ଉଡା ଗତି
ମିଳି ମିଶିକି ଆମେରେ ସବୁ
ଖେଳରେ ଯିବା ମାତି ।

ଶୀତଦିନର ମଜା ମଉଜ
ମିଳିବନାହିଁ ଆଉ
କରିବାଯାଇ ତୋଟାରେ ଭୋଜି
ଆଉ ଦିଦିନ ଯାଉ ।

ଉଡାଜାହାଜେ ବସି ଉଡିବା
ଛୋଟ ଗୁଡିଟି ପରି
ରଖିବା ଦେଶ ରାଇଜ ଟେକ
ସମାଜ ହିତକରି ।


+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦


# ସେବକ ପଣେ କରିବି ସେବା

## ଧ୍ରୁବ ଚରଣ ଘିବେଲା

ମଞ୍ଜିରୁ ଗଛ ହୁଏଟି ସୃଷ୍ଟି
ପାଇ ପାଣି ପବନ
ସୂରୁଯ ଢାଳେ ଆଲୋକ କେତେ
ଦିନରେ ପ୍ରତିକ୍ଷଣ ।

କଳିକା ବଢ଼ି ଫୁଲ ଯେ ଫୁଟି
ବାସ ବାସନା ଛୁଟେ
ସକାଳେ ଫୁଟି ସଞ୍ଜ ବେଳକୁ
ମାଟିରେ ପୁଣି ଲୋଟେ ।

ଫୁଲ ପରିକା ଫୁଟିବି ଦିନେ
ବଢ଼ିବି ଗଛ ଭଳି
କରିବି କାମ ମିଳିବ ନାମ
କାମରେ ମନ ଢାଳି ।

ମାଆ ଗରଭୁ ଜନମ ନେଇ
ବଢ଼ିଛି ମାଆ କୋଳେ
ମାଟିରେ ଗଡ଼ି ମାଟିରେ ଖେଳି
ଥିବି ମୁଁ ସାଙ୍ଗ ମେଳେ ।

ଚାଲି ଶିଖିବି ପକାଇ ପାଦ
ମାଆର ହାତ ଧରି
ମାଆ ମୁହଁରୁ କଥା ଶୁଣିକି
କହିବି ପୁଣି ଥରି ।

ଅକ୍ଷର ଚିହ୍ନି ପଢ଼ିବି ପାଠ
ଲେଖିବି ଖଡ଼ି ଧରି
ଟିକି ହାତରେ କରିବି କାମ
ଅତି ଯତନ କରି ।

ମାଆର କଥା ସବୁ ଶୁଣିକି
ବାପାଙ୍କ କଥା ଘେନି
ସେବକ ପଣେ କରିବି ସେବା
ବାପାମାଆଙ୍କୁ ମାନି ।

ଦେଶଦଶର ସେବାରେ ରହି
ସେବକ ପଣେ ଥିବି
ବାପାମାଆଙ୍କ ଚରଣ ତଳେ
ରହିବି ତାଙ୍କୁ ସେବି ।


ବଉଦରାଜ-୭୬୨୦୧୪,
ଜି. ବୌଦ୍ଧ
ମୋ, ୯୪୩୭୪୭୮୪୬୬


# ଜାଣରେ ଏକଥା ଜାଣ

## ନୀଳମଣି ଚାନ୍ଦ

ଯେଉଁ ପଥରଟି ଦେଖିବାକୁ
ଏତେ ଟାଣ
ବିନ୍ଧାଣି ପାଖକୁ ଆଣ ବେଗି
ବୋହି ଆଣ
ସୁନ୍ଦର ମୂର୍ତ୍ତି ସେ ଗଢୁ
ସଭିଙ୍କ ନଜର ପଡୁ ।

ଯେଉଁ କାଠଗଡ଼ ଦେଖିବାକୁ
ଭାରି ଟାଣ
ବଢ଼େଇ ପାଖକୁ ବୁହାବୋହି
କରି ଆଣ
ଚଉକି ମେଜ ସେ ଗଢୁ
ଆରବ ବସିକି ପଢୁ ।

ଯେଉଁ କ୍ଷେତଟିରେ ଚାଲୁ ସେହି
ମାଟି ଟାଣ
କୃଷକ ଭାଇକି ଯାଇ ବେଗି
ଡାକି ଆଣ
ହଳ କଲେ ହେବ ଚୂନା
କ୍ଷେତରେ ଫଳିବ ସୁନା ।

ମାଟି, କାଠ, ଆଉ ପଥରର
ଟାଣପଣ
ମେହେନତ କଲେ ସେ ବଦଳେ
ସତ ମଣ
କହିବାନି ଆଉ ଟାଣ
ଜାଣରେ ଏ କଥା ଜାଣ ।


+ ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


# ଛୋଟ ପିଲା ମୁଁ

## ରତ୍ନକାନ୍ତି ମିଶ୍ର

ଦୁଃଖୀ ଯଦିବା କରିବ ପ୍ରଭୁ
ଓଠେ ମୋ ଦେବ ହସ,
ଛନ୍ଦ କପଟ ଅହଂ ବିଦ୍ୱେଷ
ଅନ୍ତରୁ କରି ନାଶ ।

ବିପଦେ ମୋତେ ପକାଇବ ତ
ନାହିଁ ମୋ ମନେ ଖେଦ,
ପରର ହିତ ହେଉ ମୋ ବ୍ରତ
ନଭାଙ୍ଗୁ ଧୈର୍ଯ୍ୟ ବନ୍ଧ ।

ଅଜଣା ପଥେ ଚଲାଇବ ତ
ମନେ ଦେବ ସାହସ,
ଯାତନା ଯଦି ମୋ ପାଇଁ ରଖ
ନତୁଟୁ ମୋ ବିଶ୍ୱାସ ।

ସବୁରି ସାଥେ ସମ ଭାବନା
ରଖିବା ଭଲ ଭାବେ,
କାହା ମନକୁ ବାଧିଲା ଭଳି
କଥା ନକହେ କେବେ ।

ଅଭାବେ ଯଦି ରଖିବ ରଖ
ମନେ ନଦିଅ ହିଂସା,
କାହାର ଧନ ସଂପତ୍ତି ଦେଖି
ନକରେ କେବେ ଈର୍ଷା ।

ସତପଥରେ ଚାଲିବା ପାଇଁ
ଦିଅ ମୋ ମନେ ଶକ୍ତି,
ସୁଗୁଣ ଯେତେ ଶିଖିବା ପାଇଁ
ରଖ ମୋହର ମତି ।

ଛୋଟ ପିଲା ମୁଁ ମନରେ ଆସେ
ଏମିତି କଥା କେତେ
ଗୁହାରି ଶୁଣ ହେ ଭଗବାନ
ସୁପଥେ ନିଅ ମୋତେ ।


+ଆଳି, କେନ୍ଦ୍ରାପଡା
ମୋ: ୮୨୪୯୭୯୯୯୬୧


# ବୁଝି ବିଚାରି କାମ କର

## ପ୍ରଣତି ଆଚାର୍ଯ୍ୟ ମିଶ୍ର





ଏକ ଘଞ୍ଚ ଜଙ୍ଗଲ ଥିଲା। ଏହାର ମଧ୍ୟଭାଗ ଦେଇ ଏକ ସୁନ୍ଦର ନଦୀ ପ୍ରବାହିତ ହେଉଥିଲା। ନଦୀର ଜଳ ସମଗ୍ର ପରିବେଶକୁ ମନ୍ତ୍ରମୁଗ୍ଧ କରୁଥିଲା। କୁଳୁକୁଳୁ ନାଦ କରି ବୋହି ଯାଉଥିବା ସୁନ୍ଦର ଧାରା ସମସ୍ତଙ୍କୁ ମୋହିତ କରୁଥିଲା। ସେଥିପାଇଁ ସମସ୍ତେ ତାକୁ ମୋହିନୀ ଡାକୁଥିଲେ।

ଜଙ୍ଗଲର ସମସ୍ତ ପ୍ରାଣୀ ନଦୀର ମିଠା ପାଣି ପିଇ ନିଜର ଶୋଷ ମେଣ୍ଟାଉଥିଲେ। ଯିଏ ନଦୀର ପାଣି ପିଏ ମୋହିନୀଙ୍କୁ ପ୍ରଶଂସା କରେ। ମୋହିନୀ ମଧ୍ୟ ସମସ୍ତଙ୍କ ତୃଷା ମେଣ୍ଟାଇ ନିଜକୁ ଧନ୍ୟ ମନେ କରୁଥିଲା। ସେ ଏହାକୁ ନିଜର କର୍ତ୍ତବ୍ୟ ବୋଲି ଭାବେ । ତାର କୌଣସି ଗର୍ବ, ଅହଙ୍କାର ନଥିଲା।

ମୋହିନୀ କୂଳରେ ଏକ ଆମ୍ବ ଗଛ ଥିଲା। ଏହାର ନାମ ଥିଲା ସୁନ୍ଦରୀ ଆମ୍ବ। ସୁନ୍ଦରୀ ବହୁତ ରସାଳ ଏବଂ ମିଠା ଥିଲା। ଆମ୍ବ ଋତୁରେ ଜଙ୍ଗଲର ସମସ୍ତ ପଶୁପକ୍ଷୀ ସୁନ୍ଦରୀ ଆମ୍ବ ଗଛ ପାଖରେ ବସି ରହୁଥିଲେ। ସୁନ୍ଦରୀ ମଧ୍ୟ ନିଜ ଡାଳ ବଙ୍କା କରି ଜଙ୍ଗଲର ସମସ୍ତ ବାସିନ୍ଦାଙ୍କୁ ଫଳ ଉପହାର ଦିଏ। ଜଙ୍ଗଲର ପଶୁପକ୍ଷୀମାନେ ସୁନ୍ଦରୀକୁ ବହୁତ ଭଲ ପାଉଥିଲେ । ସୁନ୍ଦରୀ ବହୁତ ଧିର, ନମ୍ର ଥିଲା ।

ସୁନ୍ଦରୀ ଏବଂ ମୋହିନୀ ନିବିଡ ସାଙ୍ଗ ଥିଲେ। ପରସ୍ପର ସୁଖ ଦୁଃଖ ବାଣ୍ଟୁଥିଲେ।

ସୁନ୍ଦରୀର ଚେର ମୋହିନୀର ମିଠା ପାଣି ଶୋଷି ନିଜ ତୃଷା ମେଣ୍ଟାଉଥିଲା। ମୋହିନୀର ମିଠା ପାଣି ସୁନ୍ଦରୀକୁ ରସାଳିଆ କରୁଥିଲା। ବେଳେବେଳେ ମୋହିନୀ କୋଳରେ ସୁନ୍ଦରୀ ଆମ୍ବ ପଡୁଥିଲା। ସୁନ୍ଦରୀ ଏବଂ ମୋହିନୀଙ୍କ ବନ୍ଧୁତା ସାରା ଜଙ୍ଗଲରେ ପ୍ରସିଦ୍ଧ ଥିଲା।

ଶିବୁ ନାମକ ଏକ ମାଙ୍କଡ଼ ମଧ୍ୟ ଜଙ୍ଗଲରେ ରହୁଥିଲା। ସେ ସୁନ୍ଦରୀ ଏବଂ ମୋହିନୀଙ୍କ ବନ୍ଧୁତାକୁ ବହୁତ ଇର୍ଷା କରେ । ଶିବୁ ସେମାନଙ୍କ ବନ୍ଧୁତାକୁ ଭାଙ୍ଗିବା ପାଇଁ ମନରେ ଏକ ଉପାୟ ଚିନ୍ତା କଲା।

ଥରେ ଶିବୁ ସୁନ୍ଦରୀ ଆମ୍ବ ଗଛର ଏକ ଡାଳରେ ଚଢ଼ିଥିଲା। ସେ ଜୋରରେ ଡାଳଗୁଡ଼ିକୁ ହଲାଇ ତାର ପତ୍ରଗୁଡ଼ିକୁ ଛିଣ୍ଡାଉଥିଲା। ଏହା ସୁନ୍ଦରୀଙ୍କୁ ବହୁତ ଯନ୍ତ୍ରଣା ଦେଉଥିଲା। କିଛି ସମୟ ପରେ ସୁନ୍ଦରୀ ବିରକ୍ତ ହୋଇ କହିଲା , ତୁମେ କ'ଣ କରୁଛ ଶିବୁ ? ତୁମେ ବହୁତ ଖରାପ। ଯଦି ଫଳ ଖାଇବାକୁ ଚାହୁଁଛ, ତେବେ ଖାଅ, କିନ୍ତୁ ମୋର ପତ୍ରଗୁଡ଼ିକୁ ଏପରି ଭାବରେ ଛିଣ୍ଡାଅ ନାହିଁ।

ଶିବୁ କହିଲା, ମୋହିନୀ ଠିକ୍ କଥା କହିଥିଲେ। ସୁନ୍ଦରୀ ନିଜକୁ ଜଣେ ମହାନ ଦାନଶୀଳ ବୋଲି ଭାବୁଛି ହେଲେ, ସେ ସେପରି ନୁହଁନ୍ତି। ସେ କେବଳ ଅଭିନୟ କରୁଛନ୍ତି । ଏହା କହି ନିଜ କଥା ଚାତୁରୀରେ ସୁନ୍ଦରୀ ମନରେ କ୍ରୋଧ ଜାଗ୍ରତ କରାଇଲା ।

ଶିବୁ କଥା ଶୁଣି ସୁନ୍ଦରୀ ଆଶ୍ଚର୍ଯ୍ୟ ହୋଇ କହିଲା, ମୋହିନୀ ମୋ ବିଷୟରେ ଏସବୁ କହୁଛନ୍ତି। ମୁଁ ତାକୁ ମୋର ସବୁଠାରୁ ଭଲ ବନ୍ଧୁ ବୋଲି ମାନିଥାଏ । ସୁନ୍ଦରୀ ମନରେ ମୋହିନୀ ପ୍ରତି କ୍ରୋଧ ସୃଷ୍ଟି କରି ଶିବୁ ଚାଲିଗଲା ।

ଏହାପରେ ଶିବୁ, ମୋହିନୀ ନଦୀ କୂଳକୁ ଯାଇ ପାଣି ପିଇଲା, ପାଣିରେ ମୁହଁ ଧୋଇଲା। ସେଥିରେ ଛେପ ପକାଇଲା। ଜରି କାଗଜ ଚିରି ପକାଇଲା। ଏସବୁ ଦେଖି ମୋହିନୀ ବହୁତ କ୍ଷୁବ୍ଧ ହେଲା। ଏପରି ଆଚରଣ ତାକୁ ଗଭୀର ଦୁଃଖିତ କଲା। ସେ କହିଲା, ହେ, ଶିବୁ ଏସବୁ କ'ଣ ? ଯଦି ତୁମେ ପାଣି ପିଇବାକୁ ଚାହୁଁଛ, ତେବେ ଆରାମରେ ପିଅ। କିନ୍ତୁ ଏହି ଅବ୍ୟବସ୍ଥା କର ନାହିଁ।

ଶିବୁ କହିଲା, ସୁନ୍ଦରୀ ଠିକ୍ କହିଥିଲେ, ମୋହିନୀ ନିଜ ମିଠା ପାଣି ପାଇଁ ଅତ୍ୟଧିକ ଗର୍ବିତ। ସେ ଏକ ଅହଂକାରୀ ନଦୀ। ଶିବୁ ତା କଥା ଚକ୍ରାନ୍ତରେ ମୋହିନୀକୁ ବଶବର୍ତ୍ତୀ କଲା। ଶିବୁ କଥା ଶୁଣି, ମୋହିନୀ ରାଗି କହିଲା, ମୋ ବନ୍ଧୁ ମୋ ବିଷୟରେ ଏସବୁ ଭାବୁଛି। ମୁଁ ବିଶ୍ୱାସ କରିପାରୁନି। ମୁଁ ତାଙ୍କୁ ବହୁତ ଭଲପାଏ ହେଲେ ସେ ମୋ ବିରୋଧରେ କହୁଛି ମୁଁ ତାକୁ ଉଚିତ ଶିକ୍ଷା ଦେବି । ମୋହିନୀ ମନରେ କ୍ରୋଧ ସଂଚାର କରି ଶିବୁ ଦୌଡ଼ି ପଳାଇଗଲା।

ଦିନେ ସୁନ୍ଦରୀ ଏବଂ ମୋହିନୀ ପରସ୍ପର ମୁହାଁମୁହିଁ ହୋଇଥିଲେ। ସେମାନେ ଉଭୟ ରାଗରେ ଜରଜର ହେଉଥିଲେ। ପରସ୍ପରକୁ ଗାଳି ଦେଉଥିଲେ। ସେମାନଙ୍କର ବନ୍ଧୁତା ଶେଷ କରିବାକୁ ସ୍ଥିର କରିଥିଲେ। ଠିକ୍ ସେହି ସମୟରେ, ଜଣେ ସାଧୁ ସେହି ବାଟ ଦେଇ ଗଲେ। ସେ ସେମାନଙ୍କୁ ଝଗଡ଼ାର କାରଣ ପଚାରିଲେ। ସାଧୁଙ୍କ ସମ୍ମୁଖରେ ସେମାନେ ନିଜ ନିଜ ଯୁକ୍ତି ଉପସ୍ଥାପନ କଲେ। ସନ୍ଥ ସେମାନଙ୍କ କଥା ଶୁଣି ହସିଲେ। କିଛି ସମୟ ଭାବିବା ପରେ ସେ କହିଲେ, ସୁନ୍ଦରୀ ଏବଂ ମୋହିନୀ, ତୁମେ ଦୁହେଁ ଶିବୁ ଚକ୍ରାନ୍ତର ଶିକାର ହୋଇଛ।

ସାଧୁଙ୍କ କଥା ଶୁଣି ସୁନ୍ଦରୀ ଏବଂ ମୋହିନୀ ଆଶ୍ଚର୍ଯ୍ୟ ହେଲେ। ସେମାନେ ଏକ ସ୍ୱରରେ ପଚାରିଲେ, ଏହା କିପରି ସମ୍ଭବ ମହାରାଜ ? ସାଧୁ ଜଣକ କହିଲେ, ଶିବୁ ତୁମ ଦୁହେଁଙ୍କ ମନରେ ପରସ୍ପର ପ୍ରତି କ୍ରୋଧ ଭରିଦେଇଛି। ସେ ପରସ୍ପର ବିଷୟରେ ଖରାପ କଥା କହିଲା ଏବଂ ତୁମେ ତା କଥାରେ ପଡ଼ିଗଲ। ତୁମେ ଦୁହେଁ ପରସ୍ପର ସହିତ କଥା ହେବାକୁ ଚେଷ୍ଟା କରିଛ କି ?

ଲଜ୍ଜିତ ହୋଇ ସେମାନେ ଦୁହେଁ ମୁଣ୍ଡ ହଲାଇଲେ। ସେମାନଙ୍କର ଲଜ୍ଜିତ ସ୍ୱର ଶୁଣି ସାଧୁ ମହାରାଜ କହିଲେ, କେହି ଆସି ଆମକୁ କଣ କହିଦିଏ ଏବଂ ଆମେ ସତ ମିଛ ବିଚାର ନକରି ନିଜ ନିଜ ମଧ୍ୟରେ ଲଢ଼ିବା ଆରମ୍ଭ କରିଦେଉ। ଏପରି କରିବା ଉଚିତ୍ ନୁହେଁ। ବୁଝି ବିଚାରି କାମ କରିବା ଆବଶ୍ୟକ।

ଏବେ ସୁନ୍ଦରୀ ଏବଂ ମୋହିନୀ ସତ କଣ ବୁଝିପାରିଲେ। ସେମାନେ ପରସ୍ପରକୁ କ୍ଷମା ମାଗିଲେ ଏବଂ ପୁଣି ବନ୍ଧୁତାର ହାତ ବଢ଼ାଇଲେ। ମୋହିନୀ ସାଧୁ ମହାରାଜଙ୍କୁ ମିଠା ପାଣି ପିଇବାକୁ ଦେଲେ। ସୁନ୍ଦରୀ ରସାଳ ଆମ୍ବ ପ୍ରଦାନ କଲେ। ସାଧୁ ମହାରାଜ ପାଣି ଏବଂ ମିଠା ଆମ୍ବରେ ତୃପ୍ତ ହେଲେ। ହରେକୃଷ୍ଣ ହରେରାମ ଉଚ୍ଚାରଣ କରି ଘନ ଜଙ୍ଗଲ ଆଡକୁ ଚାଲିଗଲେ।


+ନୟାଗଡ଼
ମୋ: ୯୪୩୭୬୪୨୯୪୭


# ଶ୍ରେଷ୍ଠ ସମ୍ପତ୍ତି

## ସତ୍ୟନାରାୟଣ ପ୍ରଧାନ



ଦୁଇ ଭାଇ ଭିତରେ ବିଲ ବାଡ଼ି ସମ୍ପତ୍ତିକୁ କେନ୍ଦ୍ର କରି ଲାଗି ରହିଥିବା ବିବାଦ ଉଗ୍ର ରୂପ ଧାରଣ କରିଥିଲା । ସେଥିପାଇଁ ସେମାନେ ଗାଁ ଗଣ୍ଡା ଭଦ୍ରଲୋକଙ୍କ ଉପସ୍ଥିତିରେ ଯାହା ସବୁ ବାପାଙ୍କ ଅର୍ଜିତ ସମ୍ପତ୍ତି ଥିଲା ଦୁଇ ଭାଗ କରି ଅଡୁଆକୁ ଛିଣ୍ଡାଇ ଦେଇଥିଲେ । ଏସବୁ ଦେଖିବା ଆଗରୁ ବୁଢ଼ା ବାପା ଆରପାରିକୁ ଚାଲି ଯାଇଥିଲେ । ଦୁଇଭାଇଙ୍କ ଭିତରୁ ସାନଭାଇ ବେଶି ଅଲଗା ହେବାକୁ କଳି କରି ଆସୁଥିଲା ।

ବୁଢ଼ୀ ମାଆ ସମସ୍ତଙ୍କ ଆଗରେ ହାତ ଯୋଡ଼ି ସେ ନିଜେ ଗୋଟିଏ ଅଡୁଆ ହୋଇ ରହିଗଲା ବୋଲି କାନ୍ଦି କହୁଥିଲା । ସେ କାହା ପାଖରେ ରହିବ ବୋଲି ତାର ସମଧାନ କରିବାକୁ ବିକଳ ହୋଇ ଚାହିଁ ରହିଲା । ସମସ୍ତଙ୍କ ସାମ୍ନାରେ ଧାର୍ଯ୍ୟ ହେଲା କି ବଡ଼ ଭାଇ ସପ୍ତାହ ପର୍ଯ୍ୟନ୍ତ ଖାଇବାକୁ ଦେବା ପରେ ସାନଭାଇ ସେପରି ପାଳନ କରିବ। ବୁଢ଼ୀ ମାଆ ଆଖିରୁ ବହି ଯାଉଥିବା ଲୁହକୁ ପୋଛି ଘର ଭିତରକୁ ଚାଲିଗଲା ।

ଦୁଇ ପୁଅ ନିଜ ସଂସାରରେ ବ୍ୟସ୍ତ କେବଳ ଯାହା ଧର୍ମକୁ ଆଖି ଠାର ପରି ପାଳି ଅନୁସାରେ ଖାଇବା ଦେବା କଥା । ଦିନେ ବୁଢ଼ୀ ମାଆ ଖରାବେଳେ ବଡ଼ ପୁଅ ପାଖରେ ଖାଇ ବିଶ୍ରାମ କରୁଥିଲା । ସନ୍ଧ୍ୟାରେ ବାହାରକୁ ଟିକେ ବୁଲିବା ପାଇଁ ଗଲାବେଳେ ବୟସ ହୋଇ ଯାଇଥିବାରୁ ମୁଣ୍ଡ ତାର ବୁଲାଇ ଦେବାରୁ ତଳେ ଗଳି ପଡିଲା । ବାହାର ପଥର ମୁଣ୍ଡରେ ବାଜିବା ସହ ହାତ ଗୋଡ଼ ଖଣ୍ଡିଆ ଖାବରା ହୋଇ ରକ୍ତ ବୋହୁଥିଲା।

ବଡପୁଅ କାମକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିଲା । ବୁଢ଼ୀ ମାଆର ଦେହ ଖରାପ ଜାଣି ତାକୁ ଡାକ୍ତର ଦେଖାଇ ନିଜର କର୍ତ୍ତବ୍ୟ ପାଳନ କରିଥିଲା । ସାନବୋହୂ ବୁଢ଼ୀ ମାଆର ଏପରି ହୋଇଛି ବୋଲି ଆରମ୍ଭରୁ ପଡିଲା ବେଳରୁ ଜାଣିଥିଲା । ବୁଢ଼ୀ ମାଆ ମନରେ ଚିନ୍ତା କଲା କେହି ନ ଆସିଲେ ବି ଦେହ ପା' କିପରି ଅଛି ତା ପୁଅ ନିଶ୍ଚୟ ବୁଝିବାକୁ ଆସିବ ଯେତେ ହେଲେ ବି ଦୁଇ ଭାଇଙ୍କ ଭିତରେ କେବେ ସ୍ନେହ ମମତାକୁ ପାତର ଅନ୍ତର କରି ଭାଗବଣ୍ଟା କରିନାହିଁ ।

ସନ୍ଧ୍ୟା ଯାଇ ରାତି ହେଲା ପୁଣି ସକାଳକୁ ଅପେକ୍ଷା କଲା କିନ୍ତୁ ସାନପୁଅର ଦେଖା ଦର୍ଶନ ନ ଥିଲା । ବଡ଼ଭାଇ ମାଆର ମନକଥାକୁ ଭଲଭାବେ ବୁଝି ପାରିଲା । ଜୀବନରେ ତାର ମାଆ ଆଉ କେବେ ଦୁଃଖ ନ ପାଉ ବୋଲି ସବୁଦିନ ପାଇଁ ପାଖରେ ରଖିବାକୁ ନିଷ୍ପତ୍ତି ନେଲା। ପୁଅ ହୋଇ ବାପା ମାଆଙ୍କ ସେବା କଲେ ଯେଉଁ ଖୁସି ମିଳେ ତାହା ବର୍ଣ୍ଣନା କରିବା ଏତେ ସହଜ ନୁହଁ । ସେ ଜୀବନରେ ପାଇଥିବା ନିର୍ଜୀବ ଟଙ୍କା ବିଲ ବାଡ଼ି ଅପେକ୍ଷା ଜୀବିତ ଶ୍ରେଷ୍ଠ ସମ୍ପତ୍ତିକୁ ପାଖରେ ପାଇ ଆଉ ସାନଭାଇକୁ ଦେଇ ହରାଇବାକୁ ଇଚ୍ଛା କରୁ ନ ଥିଲା ।


+ଅଣ୍ଡିଆ , ଯାଜପୁର
ମୋ - ୯୧୭୮୩୧୩୬୪୪

# ବ୍ଲକସ୍ତରୀୟ ୧୪ପର୍ଯ୍ୟାୟ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ନୀଳଗିରି, ୦୬/୩ (ନି.ପ୍ର): ଗୁରୁବାର ସ୍ଥାନୀୟ ପଞ୍ଚାୟତସମିତି ପରିସରରେ ବ୍ଲକସ୍ତରୀୟ ୧୪ପର୍ଯ୍ୟାୟ ଭୀମଭୋଇ ସମାର୍ଥଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିବାବେଳେ ମାନ୍ୟବର ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ, ବ୍ଲକ୍ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଜ୍ୟୋତିମୟ ପୋଥାଳ, ବି.ଡି.ଓ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା ସମେତ ଅନ୍ୟାନ୍ୟ ସମ୍ମାନୀତ ଅତିଥି ଉପସ୍ଥିତ ଥିଲେ । ନୀଳଗିରି ପଞ୍ଚାୟତସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତରୁ ବିଭିନ୍ନବର୍ଗରେ ଯଥା ମାନସିକ ଅନଗ୍ରସରରେ ୫୮ଜଣ,ଭେଷଜ, ଅସ୍ଥିଶଲ୍ୟ ୨୭୮ଜଣ ଏବଂ ଚକ୍ଷୁରେ ୪୯ଜଣ ମୋଟ ୩୮୫ ଜଣ ହିତାଧିକାରୀ ନିଜ ନିଜର ନାମ ପଞ୍ଜିକରଣ କରିଥିଲେ ।ସେମାନଙ୍କୁ ଅଭିଜ୍ଞ ଚିକିତ୍ସା ବିଶେଷଜ୍ଞମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇଥିଲା ଏବଂ ଯୋଗ୍ୟବିବେଚିତ ହିତାଧିକାରୀଙ୍କୁ ଦିବ୍ୟାଙ୍ଗ ପ୍ରମାଣ ପତ୍ର,ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ବ୍ୟାଙ୍କ୍ ଋଣ ସୁବିଧା,ଆୟ ପ୍ରମାଣପତ୍ର ସହିତ ଯାତାୟାତ ନିମନ୍ତେ ବସ୍ ,ରେଳ ପାସ ଯୋଗାଇ ଦିଆଯାଇଥିବା ସ୍ଥଳେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନୀଳଗିରି ଗୋଷ୍ଠୀଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ଗୋଷ୍ଠୀ ସାମାଜିକ ସଶକ୍ତିକରଣ ଅଧିକାରୀ ଶ୍ରୀମତୀ ସଲିମା ରାଉତ,କାର୍ଯ୍ୟକ୍ରମ ସହାୟିକା ଶ୍ରୀମତୀ ଭାରତୀପ୍ରଭା ଲେଙ୍କା ସମେତ ପଞ୍ଚାୟତ ସମିତିର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ସୂଚାରୁ ରୂପେ ସଂପାଦନ ହୋଇଥିଲା ।

# ୫୪ତମ ଆଚାର୍ଯ୍ୟ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ପୁରୀ, ୦୬/୩ (ନି.ପ୍ର): ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ମଙ୍ଗଳବାର ସଂଧ୍ୟାରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ସ୍ଥିତ ଐତିହ୍ୟ ସମ୍ପନ୍ନ ଗ୍ରାମ ଶ୍ରୀରାମଚନ୍ଦ୍ରପୁର ଶାସନ ଆଚାର୍ଯ୍ୟ ହରିହର କ୍ଲବ ସମ୍ମୁଖରେ ୫୪ତମ ଆଚାର୍ଯ୍ୟ ସ୍ମାରକୀ ସର୍ବଭାରତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଆନନ୍ଦ ଉଲ୍ଲାସର ସହ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭଲିବଲ ସିନିୟର କୋଚ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ପୂର୍ବକ ଉଦଘାଟନ କରି କହିଲେ ସ୍ନେହ ଶ୍ରଦ୍ଧା ଓ ଭକ୍ତି ଏକତା ସହ ପବିତ୍ର ଦୋଳପୂର୍ଣ୍ଣିମା ପର୍ବରେ ଏଭଳି ନିଆରା ପରମ୍ପରା ଭଲିବଲ ଟୁର୍ଣ୍ଣାମେଂଟ । ଆୟୋଜିତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସେବାୟତ କୃଷ୍ଣଚନ୍ଦ୍ର ସାମନ୍ତରାୟ, ପୂର୍ବତନ ସମିତିସଭ୍ୟ କୃଷ୍ଣଚନ୍ଦ୍ର ତ୍ରିପାଠୀ, ପାହୁ ଟେର୍ଡ଼ସ ପରିଚାଳକ ଦେବାଶିଷ ମିଶ୍ର, ଗ୍ରାମ କୋଠ ସମ୍ପାଦକ ମାନସ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କ ଖେଳ ପ୍ରଦର୍ଶନକୁ ଅତି ଉଚ୍ଚକୋଟିର କହିବା ସହ ଖେଳ ଦ୍ୱାରା ସୁନ୍ଦର ସ୍ୱାସ୍ଥ୍ୟ ଓ ଶରୀରର ଗଠନ ଶୈଳୀ ବିକଶିତ ହେବ ବୋଲି ମତବ୍ୟକ୍ତ କରିଥିଲେ । ଯୁବ ପରିଷଦର ସଭାପତି ଅଜିତ କୁମାର ନନ୍ଦ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏଥିରେ କେଏସଆର ସ୍ୱିକରିତ ୱେଷ୍ଟବେଙ୍ଗଲ, ହାଇଦ୍ରାବାଦ ଇନକମ ଟ୍ୟାକ୍ସ,ମୋଙ୍ଗିଆ ଭଲିବଲ ଏକାଡେମୀ ଝାଡଖଣ୍ଡ, ହରିଆନା ସ୍ୱାଇକର ଦଳ ଅଂଶଗ୍ରହଣ କରିଥିଲେ । ଅତିଥିମାନେ ଖେଳାଳୀମାନଙ୍କୁ ସ୍ୱାଗତ କରିବା ସହ କରମର୍ଦ୍ଦନ କରି ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପରାମର୍ଶ ଦେଇଥିଲେ । ଉଜ୍ଜ୍ୱଳ ଆଲୋକ ମାଳାରେ ଖେଳପଡିଆ ଆଲୋକିତ ହୋଇଥିଲା । ଶ୍ରୀରାମଚନ୍ଦ୍ରପୁର ଶାସନ ଗ୍ରାମର ଶତାଧିକ ଲୋକଙ୍କ ସମେତ ଆଖପାଖ ଅଂଚଳର ଦର୍ଶକ ମାନଙ୍କ କରତାଳିରେ ଉତ୍ସାହିତ ହୋଇଥିଲେ ଖେଳାଳିମାନେ । ୪ଟି ଦଳ ଭିତରେ ୪ଟି ପର୍ଯ୍ୟାୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଭଲିବଲ ଟୁର୍ଣ୍ଣାମେଣ୍ଟରେ ହାଇଦ୍ରାବାଦ ଇନକମ ଟ୍ୟାକ୍ସ ଚମ୍ପିୟାନ ହୋଇଥିବା ବେଳେ କେଏସଆର ସ୍ୱିକରସ ୱେଷ୍ଟବେଙ୍ଗଲ ରନର୍ସ ଅପ ହୋଇଥିଲେ । ଅତିଥିମାନଙ୍କ ଦ୍ୱାରା ଚମ୍ପିୟାନ ଦଳକୁ ୨୦ ହଜାର ଚେକ ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଯୁବ ପରିଷଦର ସମ୍ପାଦକ ସୁବ୍ରତ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ତଥା ଭଲିବଲ ପ୍ରଶିକ୍ଷକ ପ୍ରଭାକର ତ୍ରିପାଠୀ ଖେଳ ପରିଚାଳନା କରିଥିବା ବେଳ ଯୁବ ପରିଷଦର ସଦସ୍ୟ ସଂଗ୍ରାମ ମିଶ୍ର, ଆଶୁତୋଷ ତ୍ରିପାଠୀ, ବିଶ୍ୱଜିତ ଦାଶ, କ୍ଷୀରୋଦ ମିଶ୍ର, ଅବିନାଶ ତ୍ରିପାଠୀ, ସୌରଭ ମହାପାତ୍ର, ଜଗନ୍ନାଥ ମହାପାତ୍ର, ଶ୍ରୀରାମ ନନ୍ଦ, ସୁମିତ ମିଶ୍ର, ସଞ୍ଜୟ ନନ୍ଦ, କାଳିପ୍ରସାଦ ମିଶ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ଗାନ୍ଧୀ ବାଳାଶ୍ରମ ବିଦ୍ୟାଳୟ ଶିକ୍ଷକଙ୍କ ପରଲୋକ

ଭଦ୍ରକ, ୦୬/୩ (ନି.ପ୍ର): ଗାନ୍ଧୀ ବାଳାଶ୍ରମ ମଧ୍ୟ ଇଂରାଜୀ ବିଦ୍ୟାଳୟର ସହକାରୀ ଶିକ୍ଷକ ରବିନାରାୟଣ ତିଆଡ଼ି(୫୭)ଙ୍କର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ମଧୁମେହ ରୋଗରେ ପୀଡ଼ିତ ଥିଲେ । ମଙ୍ଗଳବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କ ମରଶରୀରକୁ ରମ୍ଭିଲା ଗ୍ରାମକୁ ଅଣାଯାଇ ଗ୍ରାମ ପରିକ୍ରମା କରିବା ପରେ ଶେଷ ଦର୍ଶନ ନିମିତ ରଖାଯାଇଥିଲା । ତାଙ୍କ ମୃତ୍ୟୁ ଖବର ପାଇ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଗାନ୍ଧୀ ବାଳାଶ୍ରମ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁସ୍ତାକ ଗହ୍ୱର, ଗାନ୍ଧୀ ବାଳାଶ୍ରମ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧରଣୀଧର ସେଠୀ, ଝରଣା ଦାସ, ତଥାଗତ ଜେନା, ଆଇନଜୀବି ବିଶ୍ୱରଞ୍ଜନ ଦାସ, ସୌମ୍ୟରଞ୍ଜନ ଦାସ, ନିରଞ୍ଜନ ନାୟକ, ଚନ୍ଦନ ସାହୁ, ପ୍ରଜ୍ଞାଶ୍ରୀ ଦାସ, ରତିକାନ୍ତ ଦାସ, ହୃଷିକେଶ ପାଢ଼ୀ, ଅଜୟ ପାଢ଼ୀ, ଅରବିନ୍ଦ ପାଢ଼ୀ, ପ୍ରେମାନନ୍ଦ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା । ପୁତ୍ର ଓମ୍କାର ତିଆଡ଼ି ମୁଖାଗ୍ନୀ ଦେଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସହଧର୍ମିଣୀ କନକଲତା ମହାପାତ୍ର, କନ୍ୟା ମନୀଷା, ଭାଇ ରାମନାରାୟଣ, ରାଜନାରାୟଣ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ରବିନାରାୟଣ ତିଆଡ଼ି ଗାନ୍ଧୀ ବାଳାଶ୍ରମ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଦୀର୍ଘ ୩୦ବର୍ଷ ଧରି ଶିକ୍ଷକତା କରିଆସୁଥିଲେ ।

# ଭାରସାମ୍ୟ ହରାଇ ଘରେ ପଶିଲା ହାଇୱା: ବୃଦ୍ଧା ମୃତ

କୋରେଇ, ୦୬/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ପଳସା ଆଦିବାସୀ ବସ୍ତିରେ ହୋଲି ରାତ୍ରୀରେ ଏକ ଅଭାବନୀୟ ଘଟଣା ଘଟିଛି । ହାଇୱା ଦୁର୍ଘଟଣାରେ ଜଣେ ବୃଦ୍ଧାର ମୃତ୍ୟୁ ଘଟିଛି । ପ୍ରକାଶଯେ ବୁଧବାର ବିଳମ୍ବିତ ରାତ୍ରୀରେ ସଠିପୁର ବରୁଣ୍ଡାଇ ରାସ୍ତାରେ କଂଟାବଣିଆ ବାଲିଘାଟକୁ ବାଲି ପାଇଁ ଯାଉଥିବା ଏକ ହାଇୱା ( ଓଡି୨୨ଜି ୪୨୧୨) ଦ୍ରୁତ ଗତିରେ ଯାଇ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡର ପାର ହୋଇ ପଳସା ଅଦିବାସୀ ବସ୍ତିରେ ଜଗା ମୁଣ୍ଡା ଘରେ ପିଟି ହୋଇଥିଲା । ରାସ୍ତା ଠାରୁ ପ୍ରାୟ ୧ଶହ ମିଟର ଦୂରରେ ଥିବା ଉକ୍ତ ଘର ସମ୍ମୁଖ ବାରଣ୍ଡାରେ ତାଙ୍କ ସ୍ତ୍ରୀ ଦୂତୀ ମୁଣ୍ଡା (୭୩) ବସିଥିବା ବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ । ହାଇୱାଟି ଘର ଛାତରେ ଲାଗି ରହିଯିବାରୁ ଅଧିକ ଦୁର୍ଘଟଣାରୁ ମୁକ୍ତି ମିଳିଥିଲା । ଖବରପାଇ ସାହି ଲୋକ ଓ ପଳସା ଗ୍ରାମବାସୀଙ୍କ ଭିଡ ଜମିଥିଲା । ଦୂତୀକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ସେଠାରେ ତାର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ଥାନାଧିକାରୀ ରଂଜିତ ମହାନ୍ତି, ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶ ଘଟଣାସ୍ଥଳେ ପହଂଚିଥିଲେ । କ୍ଷତିପୂରଣ ଦାବୀରେ ଉତ୍ୟକ୍ତ ଲୋକମାନେ ହାଇୱାଟିକୁ ସେଠାରୁ ଛାଡିନଥିଲେ । ପରେ ଘଟଣାସ୍ଥଳେ ହାଇୱାର ମାଲିକ ବାଲେଶ୍ୱର ସିମୂଳିଆ ଗୋବିନ୍ଦ ସାହୁ ପହଂଚି ଘର ମରାମତି ଓ ଚିକିତ୍ସା ଖର୍ଚ୍ଚ ଦେବାକୁ ଲିଖିତ ପ୍ରତିଶୃତି ଦେବା ପରେ ଗାଡିଟିକୁ ବାହାର କରାଯାଇଥିଲା । ପୁଲିସ ହାଇୱାଟିକୁ ଜବତ କରିବା ସହ ଚାଳକ ମାଖନକୁ ଅଟକ ରଖିଛି । ମାତ୍ର କଟକରେ ଚିକିତ୍ସିତ ଅବସ୍ଥାରେ ରାତିରେ ଦୁତୀର ମୃତ୍ୟୁ ଘଟିଥିଲା । ପୁଅ ଜଳଧର କଟକରେ ପହଂଚି ଶବ ବ୍ୟବଚ୍ଛେଦ କରି ଗ୍ରାମକୁ ଆଣି ଶବ ସତ୍କାର କରିଥିଲେ । ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ବିଜେଡି ତରଫରୁ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ

ଭୁବନ, ୦୬/୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ ବିଷ୍ଣୁପ୍ରିୟା ଗାଲାକ୍ସି କନଫରେନ୍ସ ହଲରେ ମହାନ୍ ଜନନାୟକ, ପ୍ରବାଦ ପୁରୁଷ, ଆଧୁନିକ ଓଡ଼ିଶାର ନିର୍ମାତା, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତା ଓ ଏନ୍ ଏ ସି ବିଜେଡି ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରାର୍ଥୀ ଡ଼ା. ଅବିନାଶ ସାମଲ ଯୋଗଦେଇ ବିଜୁ ବାବୁଙ୍କ କର୍ମମୟ ଜୀବନ ଏବଂ ଓଡ଼ିଶା ପାଇଁ ତାଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଓଡ଼ିଶାର ବରପୁତ୍ର ତଥା ଇଣ୍ଡୋନେସିଆର ଭୂମିପୁତ୍ର ବିଜୁ ବାବୁଙ୍କୁ ଭାରତ ରତ୍ନ ନମିଳିବା ଅତ୍ୟନ୍ତ ଦୁଃଖ ଦାୟକ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ ( ଡୁଗୁ) ଯୋଗଦେଇ କହିଥିଲେ ଯେ, 'ସାହସର ଅନ୍ୟ ନାମ ବିଜୁ ପଟ୍ଟନାୟକ, ଓଡ଼ିଆ ଜାତିର ସେ ଅମର ନାୟକ' । ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ଭଳି ସାହସୀ ହୁଅ ଆଉ ମା ମାଟିକୁ ଭଲ ପାଅ ବୋଲି ମତବ୍ୟକ୍ତ କରିଥିଲେ । 'ମା ହେଲେ ପାଠୋଇ, ଦେଶ ଯିବ ଆଗେଇ' ସ୍ଲୋଗାନ ଦେଇ ନାରୀ ଶିକ୍ଷା ଓ ନାରୀ ଶକ୍ତିର ସଶକ୍ତିକରଣ ପାଇଁ ପଦକ୍ଷେପ ନେଇ ରାଜନୀତିରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାରେ ବିଜୁ ବାବୁ ଥିଲେ ସାରା ଭାରତ ବର୍ଷର ପ୍ରଥମ ରାଜନେତା ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ବିଜେଡି ଉପ ସଭାପତି ସୁଧାକର ସାହୁ କହିଥିଲେ ।ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ, ଏନ୍ ଏ ସି ଉପାଧ୍ୟକ୍ଷା ଶ୍ରୀମତୀ ମାନିନୀ ସାହୁ, ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ସାହୁ, ଅଜୟ ସେଠୀ, ଅଭିମନ୍ୟୁ ବେହେରା, ସୋମନାଥ ମହାରଣା, ସମ୍ପାଦକ ବିଶ୍ୱଜିତ୍ ବାରିକ, ପିଂଟୁ ଦାସ ପ୍ରମୁଖ ବକ୍ତବ୍ୟ ରଖି ବିଜୁ ବାବୁଙ୍କୁ ମରଣୋତର ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିବା ସହିତ ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥାର ସ୍ରଷ୍ଟା ବିଜୁ ବାବୁଙ୍କ ଜନ୍ମ ଦିବସକୁ ପୂର୍ବରୁ ସରକାରୀ ସ୍ତରରେ ପଂଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିଲା କିନ୍ତୁ ଦୁଃଖ ଓ ପରିତାପର ବିଷୟ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ହୀନ ମନ୍ୟତାର ପରିଚୟ ଦେଇ ଏହାକୁ ବନ୍ଦ କରିଦେଲା । ଆଗାମୀ ପଂଚାୟତ ଓ ପୌର ନିର୍ବାଚନରେ ଆପଣ ମାନେ ଏହାର ଜବାବ ଦେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ସହିଦ୍ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ଓ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ବନ୍ଦେ ମାତରଂ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେଡି ସମର୍ଥିତ ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, କାଉନସିଲରଙ୍କ ସମେତ ୫ଶହରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଯୋଗଦେଇଥିଲେ ।

# ସମ୍ବଲପୁର ପ୍ରେସକ୍ଲବର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

ସମ୍ବଲପୁର, ୦୬/୩ (ନି.ପ୍ର): ସମ୍ବଲପୁର ପ୍ରେସ କ୍ଲବର ନବ ନିର୍ବାଚିତ ସମସ୍ତ କର୍ମକର୍ତା ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କର୍ମକର୍ତାମାନେ ଆଗାମୀ ଦୁଇ ବର୍ଷ ପାଇଁ ସଦସ୍ୟ ଏବଂ କ୍ଲବର ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଏଥିସହ କ୍ଲବ ପରିସରରେ ଆଜିର ବୈଠକ ସମ୍ବଲପୁର ପ୍ରେସ କ୍ଲବ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପରିଚାଳନା କମିଟିରେ ଖାଲି ରହିଥିବା ଦୁଇଟି ସଦସ୍ୟ ପଦବୀ ପାଇଁ ବାଦଶାହ ଜୁସମନ କୁମାର ରଣା ଏବଂ ଶ୍ରବଣ ପତିଙ୍କୁ ସଦସ୍ୟ ଭାବେ ଗ୍ରହଣ ପାଇଁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । ଜିଲ୍ଲାର ସମସ୍ତ ଖବରଦାତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ନିମନ୍ତେ ଆସନ୍ତା ମାର୍ଚ୍ଚ ୮ ତାରିଖରେ ସମ୍ବଲପୁର ପ୍ରେସ କ୍ଲବ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବା ସମ୍ପର୍କରେ ପରିଚାଳନା କମିଟି ପକ୍ଷରୁ ସ୍ଥିର କରାଯାଇଛି । ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ଥିବାରୁ ଏହି ଅବସରରେ ସମ୍ବଲପୁରରେ କାର୍ଯ୍ୟ କରୁଥିବା ମହିଳା ଖବରଦାତା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏଥିସହ ସହରରେ କ୍ରମ ବର୍ଦ୍ଧିଷ୍ଣୁତାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ବଲପୁର ପ୍ରେସ କ୍ଲବ ପରିସରରେ ୨ ଶହ ସିଟ୍ ବିଶିଷ୍ଟ ଏକ ସମ୍ମିଳନୀ କକ୍ଷ ନିର୍ମାଣ କରାଯିବା ନେଇ ଆଲୋଚନା କରାଯାଇଥିଲା । ଏହାପରେ ନବ ନିର୍ବାଚିତ କର୍ମକର୍ତାମାନେ ସମ୍ବଲପୁର ଏସପିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଆଜିର ଆହୁତ ବୈଠକରେ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସମେତ ଦୁଇ ଉପସଭାପତି ନରେଶ ଚନ୍ଦ୍ର ସେଠ, ବୀରାଜ କୁମାର ମିଶ୍ର, ସାଧାରଣ ସମ୍ପାଦକ ଭବାନୀଶଙ୍କର ଭୋଇ, ଦୁଇ ଯୁଗ୍ମ ସମ୍ପାଦକ ଅମଲେନ୍ଦୁ ନାୟକ ଏବଂ ଅନିଲ ଶ୍ରୀରାମକା, କୋଷାଧ୍ୟକ୍ଷ ସୁବ୍ରତ କୁମାର ମିଶ୍ର, ସଦସ୍ୟ ଦେବେନ୍ଦ୍ର କୁମାର ମିଶ୍ର, ଜସବୀର ସିଂହ, ଶ୍ରବଣ କୁମାର ପତି ଏବଂ ବାଦସାହା ଜୁସମନ୍ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଖଡ଼ିଆଳରେ ଦୁଇଗୋଟି ପୁସ୍ତକ ଲୋକାର୍ପିତ

ନୂଆପଡ଼ା, ୦୬/୩ (ନି.ପ୍ର): ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ ଓ କଂଟାବାଞ୍ଜି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସଞ୍ଜିବନୀ ସୁଧା ରଥ ଉଭୟଙ୍କ ଦ୍ୱାରା ଲିଖିତ ପୁସ୍ତକ ' ଅନୁଶୀଳନ ଓ ବିଶ୍ଳେଷଣ ' ଏବଂ ଶ୍ରୀ ଯୋଷୀଙ୍କ ରଚିତ ଇଂରାଜୀ ପୁସ୍ତକ ' ଚେଞ୍ଜ ଆଣ୍ଡ୍ ଟ୍ରେଡିସନ୍ସ ଇନ୍ ନାଇଜେରିଏନ୍ ନୋଭେଲ୍ସ ଇନ୍ ଇଂଲିଶ୍ : ସିଲକ୍ଟେଡ୍ ୱୋର୍କ୍ସ ଅଫ୍ ଚିନୁଆ ଆଚେବେ ଏଣ୍ଡ୍ ବେନ୍ ଓକ୍ରି' ଖଡ଼ିଆଳ ପାଠାଗାର ଗୃହରେ ଲୋକାର୍ପିତ ହୋଇଯାଇଛି । ସମାରୋହରେ ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ, ପ୍ରାକ୍ତନ ଅଧ୍ୟକ୍ଷା ତଥା ସୁସାହିତ୍ୟିକା ଡକ୍ଟର ଅଞ୍ଜଳି ପାଢ଼ୀ ଓ ବିଶିଷ୍ଟ କବି ପଟ୍ଟାୟତ ନୀଳଲୋହିତ ସିଂହ ଦେବ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରିଥିଲେ । ବୋଡେନ ସ୍ଥିତ ବିଜୁପଟ୍ଟନାୟକ ମହାବିଦ୍ୟାଳୟର ପ୍ରାଧ୍ୟାପକ ସାମୁଏଲ ଦାନୀ, ସୁସାହିତ୍ୟିକ ଡକ୍ଟର ସୁଶାନ୍ତ କୁମାର ବିଶି ଓ ଗାଳ୍ପିକ ମିୟୋଗ ରଞ୍ଜନ ପାତ୍ର ପୁସ୍ତକ ଦୁଇଟି ଉପରେ ଆଲୋଚନା କରିଥିବା ବେଳେ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବୁଦ୍ଧିଜୀବୀ ବିଶ୍ୱଜିତ ପାଢ଼ୀ, ଅଧ୍ୟାପିକା ଶିଳା ତ୍ରିବେଦୀ, ଅଧାପକ ରମାକାନ୍ତ ସିଂ ସାହାଣୀ, କବି ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଲେଖକ ଦମ୍ପତିଙ୍କୁ ସେମାନଙ୍କ ସାରସ୍ୱତ ସାଧନାର ବିଭିନ୍ନ ଦିଗ ଉପରେ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବ୍ୟଙ୍ଗ କବି ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ହରେନ୍ଦ୍ର କୁମାର ପଣ୍ଡା, ପ୍ରାଧ୍ୟାପକ ଡକ୍ଟର ତରୁଣ କୁମାର ପ୍ରଧାନ, ସବିତା ଚଟର୍ଜୀ, ସାହିତ୍ୟିକ ହରିପ୍ରସାଦ ମୁଣ୍ଡ, ଅଶ୍ୱିନୀ କୁମାର ପାଢ଼ୀ, ଆର୍ତ ବଲ୍ଲଭ ଯୋଷୀ, ନୀଳିମା ରାଣୀ ସାଗର, ଅରିନ୍ଦ୍ର କୁମାର ପ୍ରଧାନ, କିଶୋର ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ଶ୍ରୀ ଯୋଷୀଙ୍କର ଏହା ହେଉଛି ଅଷ୍ଟମ ଓ ଶ୍ରୀମତୀ ରଥଙ୍କର ତୃତୀୟ ପୁସ୍ତକ ।

# ଜଗନ୍ନାଥ ସାଗର ପୁନଃଉଦ୍ଧାର ଏବଂ ପୌରସଂସ୍ଥାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଦୁର୍ନୀତି ବିରୋଧରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି

ଜୟପୁର, ୦୬/୩ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାରେ ବ୍ୟାପକ ଦୁର୍ନିତୀ ଓ ଅନିୟମତା ନେଇ ବିଜେଡି ପକ୍ଷରୁ ଏକ ଦାବିପତ୍ର ସ୍ଥାନୀୟ ଭିଜିଲାନ୍ସ ଏସ.ପିଙ୍କୁ ପ୍ରଦାନ କରାଯାଇଛି । ବିଜେଡି ପକ୍ଷରୁ ଏହି ଦାବିପତ୍ରରେ ଦୁର୍ନତୀ ଏବଂ ସରକାରଙ୍କ ଟଙ୍କା ଅନିମୟତା ଭାବେ ଲୁଟ କରାଯାଇଥିବା ଅଭିଯୋଗ ନେଇ ଜୟପୁର ପୌରଅଧ୍ୟକ୍ଷ ସିଧାସଳଖ ସଂପୃକ୍ତି ରହିଛନ୍ତି । ତେଣୁ ତାଙ୍କ ବିରୋଧରେ ନିରପକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଜୟପୁର ସହରର ରାଜାରାଜୁଡା ସମୟର ଐତିହାସିକ ଜଗନ୍ନାଥ ସାଗରର ଉନ୍ନତୀକରଣ ନାମରେ ପୂର୍ବ ରାଜ୍ୟ ସରକାର ୯ କୋଟି ଏବଂ ବର୍ତମାନ ରାଜ୍ୟ ସରକାର ୭ କୋଟି ସମୁଦାୟ ୧୬ କୋଟି ଟଙ୍କା ପ୍ରଦାନ କରିଥିଲେ । ପୌରସଂସ୍ଥା ପକ୍ଷରୁ ଏହି କାର୍ଯ୍ୟ ଗତ ୨୦୨୪ ମସିହାରେ ଆରମ୍ଭ କରାଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)କୁ ବଣ୍ଟନ କରାଯାଇ ବିନା କାର୍ଯ୍ୟରେ ବ୍ୟାପକ ଦୁର୍ନିତୀ ଏବଂ ବେଆଇନ ଭାବେ ମିଥ୍ୟା ବିଲ ପ୍ରସ୍ତୁତ କରାଯାଇ କୋଟି କୋଟି ଟଙ୍କା ଆତ୍ମସାତ କରିଛନ୍ତି । ଏହିପରି କେବଳ ପୌରସଂସ୍ଥାର ୨୫ ନମ୍ବର ୱାର୍ଡ ଯାହା ପୌରଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ନିଜସ୍ୱ ୱାର୍ଡ , ତେଣୁ ଉକ୍ତ ୱାର୍ଡର ଏସଏଚଜି ନାମରେ ୩୫ ଲକ୍ଷ ଟଙ୍କାର ବିନା ଉନ୍ନନୀମୂଳକ କାର୍ଯ୍ୟରେ ଟଙ୍କା ଉଠାଯାଇଛି ଏବଂ ଆତ୍ମସାତ କରାଯାଇଛି । ଏହିପରି ଉକ୍ତ ଏସଏଚଜିର କର୍ମକର୍ତା ଭାବେ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କ ପତ୍ନୀ ଉକ୍ତ ଟଙ୍କା ଉଠାଣ କରିଥିବା ନେଇ ଦାବିପତ୍ରରେ ବିଜେଡି ପକ୍ଷରୁ ଗୁରୁତ୍ୱର ଅଭିଯୋଗ ଅଣଯାଇଛଇ । ଏହିପରି ଜଗନ୍ନାଥ ସାଗରର ପଙ୍କ ଉଦ୍ଧାର ନାମରେ ଆନ୍ଧ୍ରପ୍ରଦେଶର ବିଜୟୱାଡା ସହରର ଏକ ସ ଠିକାସଂସ୍ଥା ଠାରୁ ମେସିନ ଭଡା ସୂତ୍ରରେ ଅଣାଯାଇ ଅଳ୍ପ କିଛି ପଙ୍କ ଉଦ୍ଧାର କରାଯାଇ ପ୍ରାୟ ୨ କୋଟି ଟଙ୍କା ବିଲ କରାଯାଇ ଉକ୍ତ ସଂସ୍ଥାକୁ ପ୍ରଦାନ କରାଯାଇଛି । ଏହିପରି ଉକ୍ତ ସଂସ୍ଥା ଠାରି ମଧ ପି.ସି ନାମରେ ପୌରଅଧ୍ୟକ୍ଷ ଟଙ୍କା ହଡପ କରିଛନ୍ତି । ଏହାପରେ ୨୦୨୫ ମସିହାରେ ନୂତନ ରାଜ୍ୟ ସରକାରଙ୍କ ପକ୍ଷରୁ ୭ କୋଟି ଟଙ୍କା ଟେଣ୍ଡର କାର ?ୟ ମଧ ଅନିୟମତା କରାଯାଇ ଲୁଟ କରାଯାଇଛି । ପୌରସଂସ୍ଥା ପାର୍କରେ ଖୋଲା ବ୍ୟାୟାମଶାଳା ନିର୍ମାଣ ନାମରେ ଆବଶ୍ୟକ ଯନ୍ତ୍ରପାତୀ ନିମ୍ନ ମାନରେ ଲଗାଯାଇ ଉଚ୍ଚ ଦରର ବିଲ୍ କରାଯାଇ ଟଙ୍କା ହଡପ କରାଯାଇଛି । ଏହିପରି ଜୟପୁର ପୌରାଧକ୍ଷ ଶ୍ରୀ ମହାନ୍ତି ଜୟପୁର ଘରୋଇ ବସ ମାଲିକ ସଂଘର ସମ୍ପାଦକ ତଥା ବସ ମାଲିକ ହୋଇଥିବା ବେଳେ ଏକ ବସ ଚଳାଚଳ ପାଇଁ ରୁଟ ପେରମିଟ ହାତେଇବା ପାଇଁ ୧୦୬ ଦିନର ବିଶାଖପାଟଣା ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ମିଥ୍ୟା ବିଲ୍ ଓ କାଗଜପତ୍ର ପସ୍ତୁତ କରିବା ସହିତ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ମାଧ୍ୟମରେ ଦାଖଲ କରିଛନ୍ତି । କିନ୍ତୁ ଉକ୍ତ ସମୟରେ ପୌରସଂସ୍ଥା ପକ୍ଷରୁ ବିଭିନ୍ନ ବୈଠକ, ସରକାରୀ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଗସ୍ତ ଖର୍ଚ୍ଚ ଉଠାଣ କରାଯାଇଛି । ଏହି ଅଭିଯୋଗର ମଧ ବିଧିବଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ବିଜେଡିର ପୌରସଂସ୍ଥାର କାଉନସିଲର , କର୍ମକର୍ତା ଭିଜିଲାନ୍ସ ଏସ.ପି ରବିନ୍ଦ୍ର କୁମାର ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି ।

# ଭଜନ ଓ ଆଧୁନିକ ନୃତ୍ୟ ଗୀତରେ ଝୁମିଲେ ଦର୍ଶକ

ପୁରୀ, ୦୬/୩ (ନି.ପ୍ର): ପୁରୀ ଜିଲ୍ଲା ସାକ୍ଷୀଗୋପାଳ ସ୍ଥିତ କଳା ପରମ୍ପରା ଓ ଐତିହ୍ୟ ସମ୍ପନ୍ନ ଗ୍ରାମ ଶ୍ରୀରାମଚନ୍ଦ୍ରପୁର ଶାସନ ପ୍ରଥମ ଖଣ୍ଡି କୋଠ ଆନୁକୁଲ୍ୟରେ ଦୋଳପୂର୍ଣ୍ଣିମା ଅବସରରେ ଭୁବନେଶ୍ୱର ଡ୍ରିମ ନାଇଟ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଗୋପୀନାଥ ମନ୍ଦିର ସମ୍ମୁଖରେ ଭଜନନୃତ୍ୟ ଓ ଆଧୁନିକ ନୃତ୍ୟ ଗୀତ ଆନନ୍ଦ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଯାଇଛି । କୋଠର ସମ୍ପାଦକ ଚିତରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ପୂର୍ବତନ ସରପଂଚ ଅଶୋକ କୁମାର ରାଉତରାୟ, ସତ୍ୟପ୍ରକାଶ ଦାଶ, ଓଡିଶା ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ସମ୍ପାଦକ ସୁଧାଂଶୁ କର ଅତିଥିଭାବେ ଯୋଗଦେଇ କହିଲେ, ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ପାଂଚ ଦିନଧରି ଦୋଳପୂର୍ଣ୍ଣିମା ପର୍ବ ଧୂମଧାମରେ ପାଳିତ ହୋଇଛି । ଗୋପୀନାଥ ମହାପ୍ରଭୁ ସୁସଜ୍ଜିତ ଚଉଦୋଳରେ ଯାଇ ଗ୍ରାମରେ ଦୁଆରି ଭୋଗ ସହ ଶୋଭାଯାତ୍ରାରେ ଯାଇ ଦୋଳମଣ୍ଡପ ଉପରେ ଦୋଳରେ ଗ୍ରାମର ପ୍ରଭୁ ଚଣ୍ଡେଶ୍ୱରଙ୍କ ସହ ଝୁଲୁଥିଲେ । ଭକ୍ତ ମାନଙ୍କ ଦର୍ଶନ ସମେତ ଗ୍ରାମର ସର୍ବଭାରତୀୟ ଆଚାର୍ଯ୍ୟ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଓ ଗ୍ରାମର ବିଶେଷ ପର୍ବପର୍ବାଣୀ ପାଳନ ଏକ ସ୍ୱତନ୍ତ୍ର ନିଆରା । ଶାନ୍ତି ମୈତ୍ରୀ ଓ ଭାଇଚାରାରେ ଏକତ୍ରିତ ରହିଥିବାରୁ ଅତିଥି ମାନେ ଖୁସିବ୍ୟକ୍ତ କରିବା ସହ ପ୍ରଶଂସା କରିଥିଲେ । ଏହି ଅବସରରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ମାନସ କୁମାର ଓ ଲୀନାଙ୍କ ଉପସ୍ଥାପନ ଶୈଳୀ ଓ ଆଧୁନିକ ଗୀତରେ ଝୁମିଥିଲେ ଦର୍ଶକ । ଗ୍ରୁପ ଡ୍ୟାନ୍ସରେ ଦୁଲୁକିଥିଲା ମଂଚ । ରଙ୍ଗୀନ ଆଲୋକ ମାଳାରେ ଝଲସୁଥିଲା ମଂଚ । ମଂଚ ନାଚ ଗୀତ ନାଚିଥିଲେ ଉତ୍ସାହିତ ଗ୍ରାମର ଯୁବକ । ଯୁବକ ମାନଙ୍କ ଡ୍ୟାନ୍ସ ଦେଖି ଦର୍ଶକ ମାନେ ହୋଇଥିଲେ ବିମୋହିତ । ପବିତ୍ର କୁମାର ମିଶ୍ର, ବିଶ୍ୱଜିତ ମିଶ୍ର, ସିଦ୍ଧାର୍ଥ ଦାଶ, ସୌରଭ କୁମାର ନନ୍ଦ, ସୁବ୍ରତ କୁମାର ନନ୍ଦ, ବିନାୟକ ଶତପଥୀ ,ଶ୍ରୀପତି ଦାଶ, ଦୁତିକୃଷ୍ଣ ମିଶ୍ର, ଜ୍ୟୋତି ପ୍ରକାଶ ମିଶ୍ର, ସତ୍ୟ ନାରାୟଣ ମହାପାତ୍ର, ସଂବୀତ କେଶରୀ ଦାଶ ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ଏକତ୍ରିତ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଦର୍ଶକ ମାନଙ୍କ କରତାଳିରେ ଉତ୍ସାହିତ ହୋଇଥିଲେ କଳାକାର ।

# ବୋରିଗୁମ୍ମାରେ ପଂଚାୟତ ସମିତି ବୈଠକ

ଜୟପୁର, ୦୬/୩ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ପଂଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ପଂଚାୟତ ସମିତି ସଭାରେ ଜୟପୁର ବିଧାନସଭା ମଣ୍ଡଳୀର ମାନ୍ୟବର ବିଧାୟକ ତାରାପ୍ରସାଦ ବାହିନୀପତି ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ବୋରିଗୁମ୍ମା ବ୍ଲକର ସମଗ୍ର ଉନ୍ନତି, ଲୋକ କଲ୍ୟାଣମୂଳକ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ଓ ଗ୍ରାମାଂଚଳର ମୌଳିକ ସମସ୍ୟାଗୁଡ଼ିକ ନିରାକରଣ ସମ୍ପର୍କରେ ଗୁରୁତ୍ୱ ସହିତ ଆଲୋଚନା ହୋଇଥିଲା । ମାନ୍ୟବର ବିଧାୟକ ଶ୍ରୀ ବାହିନୀପତି ଲୋକଙ୍କ ଆବଶ୍ୟକତାକୁ ପ୍ରଥମ ପ୍ରାଥମିକତା ଦେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଦ୍ରୁତ ଓ ସ୍ୱଚ୍ଛ ଭାବରେ କାମ କରି ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ।

ସଭାରେ ପଂଚାୟତ ସମିତିର ଜନପ୍ରତିନିଧିମାନେ, ସମସ୍ତ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ନେତୃତ୍ୱମାନେ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନମୂଳକ ପ୍ରସ୍ତାବ ଓ ଲୋକସମସ୍ୟା ଉପରେ ମତାମତ ରଖିଥିଲେ । ବିଧାୟକ ଶ୍ରୀ ବାହିନୀପତି କହିଥିଲେ ଯେ, "ଜନସେବା ହିଁ ଆମର ପ୍ରଥମ ଲକ୍ଷ୍ୟ, ଲୋକଙ୍କ ଭରସା ଓ ଆଶାକୁ ସାର୍ଥକ କରିବା ପାଇଁ ବିକାଶମୂଳକ କାର୍ଯ୍ୟକୁ ଆହୁରି ଗତିଶୀଳ କରାଯିବ ।" ଏହି ସଭା ବୋରିଗୁମ୍ମା ବ୍ଲକର ଉନ୍ନତିକୁ ଆହୁରି ତ୍ୱରାନ୍ୱିତ କରିବା ସହ ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣରେ ଏକ ନୂଆ ଦିଗ ଦେଖାଇବ ବୋଲି ସଭାରେ ଆଶା ପ୍ରକାଶ ପାଇଥିଲା ।

# ଉଦଳାରେ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ

ଉଦଳା, ୦୬/୩ (ନି.ପ୍ର): ବିଜୁ ଜନତା ଦଳ ଉଦଳା ନିର୍ବାଚନ ମଣ୍ଡଳି ତରଫରୁ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତି ପାଳିତ ହୋଇ ଯାଇଛି । ଏହି ଅବସରରେ ଉଦଳା ସହର ମଧ୍ୟରେ ଥିବା କାର୍ଯ୍ୟାଳୟ ପରିସରରେ ବିଜୁ ପଟ୍ଟନାୟକଙ୍କ ଫୋଟ ଚିତ୍ରରେ ଦଳୀୟ କର୍ମୀ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଅନୁଷ୍ଠିତ ସାଧାରଣ ସଭାରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଅଧ୍ୟକ୍ଷତା କରି ଦେଶ ଗଠନରେ ବିଜୁ ପଟ୍ଟନାୟକଙ୍କ ଅବଦାନ କିପରିଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ ।




ଅନ୍ୟମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ନଗରପାଳ ମନୋଜ କୁମାର ମହାନ୍ତି, ଆମଦେଶକୁ ଯେଉଁ ସମୟରେ ଚିନ ଆକ୍ରମଣ କରିଥିଲା ସେ ସମୟରେ ସୈନ୍ୟବାହିନିକୁ ସହଯୋଗ କରିବା ପାଇଁ ବିଜୁ ପଟ୍ଟନାୟକ କିପରି ବିରତ୍ୱ ପ୍ରଦର୍ଶନ କରିଥିଲେ ଏହାର ନିଖୁଣଚିତ୍ର ଉପସ୍ଥାପନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ରାଉତ, ମୟୂରଭଂଜ ଜିଲ୍ଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷ ପ୍ରତାପ ସାହୁ, ୧ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ସୁଶାନ୍ତି ସିଂ ଆଲୋଚନାରେ ଅଂଶ ଗ୍ରହଣ କରି ସ୍ୱାଧିନତା ଆନ୍ଦୋଳନରେ ବିଜୁ ପଟ୍ଟନାୟକଙ୍କ ଭୂମିକା କିପରି ଥିଲା ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ନଗରପାଳ ସୌଭାଗ୍ୟ କୁମାର ସାହୁ, ବର୍ତ୍ତମାନର ଉପନଗରପାଳ ଲିଲି ଭୋଳଙ୍କ ସମେତ ଦଳର ବହୁ ଆଗଧାଡ଼ିର ନେତା, ଓଡ଼ିଶା ସରକାର ବିଜୁ ପଟ୍ଟନାୟକଙ୍କ ଜୟନ୍ତିଟିକୁ ଛୁଟି ଦିବସ ରୂପେ ଘୋଷଣା କରିଥିଲେ । କିନ୍ତୁ ବର୍ତ୍ତମାନ କ୍ଷମତାରେ ଥିବା ଭାରତୀୟ ଜନତା ପାର୍ଟିର ସରକାର ଏହାକୁ ଉଠାଇ ଦେଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସେହିପରି ସାମାଜିକ ସୁରକ୍ଷା ଯୋଜନାରେ ଲୋକଙ୍କୁ ମାସିକ ତିନି ହଜାର ଟଙ୍କା ଭତା ଦେବେ ବୋଲି ପ୍ରଲୋଭନ ଦେଖାଇ ଭୋଟ ନେଇଥିବା ସରକାର ଉପରେ ଲୋକଙ୍କ ବିଶ୍ୱାସ ତୁଟି ଯାଇଛି ବୋଲି ବ୍ୟକ୍ତ କରିଥିଲେ । ଶେଷରେ ଆସନ୍ତା ପଂଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ବିଜୁ ଜନତା ଦଳକୁ ଭୋଟ ଦେଇ ପୁଣିଥରେ କ୍ଷମତାରେ ବସାଇବା ସହ ଦଳୀୟ ସ୍ଥିତିକୁ ସୁଦୃଢ଼ କରିବାକୁ ସମସ୍ତେ ଶପଥ ପାଠ କରିଥିଲେ । ଅମୀୟ କୁମାର ବଳ ଧନ୍ୟବାଦ ଅର୍ପଣ ପୂର୍ବକ ଜୟନ୍ତି ଉତ୍ସବର ଯବନିକା ପକାଇଥିଲେ ।

# ‘ସମସ୍ତଙ୍କ ପାଇଁ ଶିକ୍ଷା’ର ଲକ୍ଷ୍ୟ ନେଇ ଶିକ୍ଷାର ସାର୍ବଜନୀନକରଣ ସଂପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ

ଜଳେଶ୍ୱର, ୦୬/୩ (ନି.ପ୍ର): ଶିକ୍ଷା ହେଉଛି ଏକ ନିରନ୍ତର ପ୍ରକ୍ରିୟା,ଯାହା ମଣିଷର ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ କରିଥାଏ।ଏହା କେବଳ ପୁସ୍ତକଗତ ଜ୍ଞାନ ନୁହେଁ ବରଂ ଜ୍ଞାନ ଆହରଣ,ଦକ୍ଷତା ବୃଦ୍ଧି,ସଦ୍ ?ଗୁଣର ବିକାଶ ଏବଂ ସମାଜରେ ମାନବିକ ମୂଲ୍ୟବୋଧର ପ୍ରସାର କରିବାକୁ ବୁଝାଏ।ଏହା ବ୍ୟକ୍ତିକୁ ଚିନ୍ତା କରିବା,ଶିଖିବା ଏବଂ ସଠିକ୍ ନିଷ୍ପତ୍ତି ନେବାକୁ ସକ୍ଷମ କରେ ଯାହାଦ୍ୱାରା ସେ ଜୀବନର ଲକ୍ଷ୍ୟ ହାସଲ କରିପାରେ। ତେଣୁ ଶିକ୍ଷାର ସାର୍ବଜନୀନକରଣ ଲକ୍ଷ୍ୟ ନେଇ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଓଡ଼ିଶା ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ୨୦୦୯ର ଶିକ୍ଷା ଅଧିକାର ଆଇନ ଏବଂ ସାମ୍ପ୍ରତିକ ‘ସମଗ୍ର ଶିକ୍ଷା ଅଭିଯାନ’ ମାଧ୍ୟମରେ ୬ରୁ ୧୪ ବର୍ଷ ବୟସର ପ୍ରତ୍ୟେକ




ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ବିଶେଷ କରି ମାଧ୍ୟମିକ ସ୍ତରରେ ଛାତ୍ରୀମାନଙ୍କ ଡ୍ରପଆଉଟ୍ ହାର ପ୍ରାୟ ୧୨.୬% ରହିଛି, ଯାହା ଜାତୀୟ ହାରଠାରୁ ସାମାନ୍ୟ ଅଧିକ।ଏହାକୁ ରୋକିବା ପାଇଁ ସରକାର ସାଇକେଲ ବଣ୍ଟନ, ମାଗଣା ପୋଷାକ ଏବଂ ହଷ୍ଟେଲ ସୁବିଧାକୁ ଅଧିକ ବ୍ୟାପକ କରୁଛନ୍ତି। ଓଡ଼ିଶାରେ ‘ସମଗ୍ର ଶିକ୍ଷା’ ମାଧ୍ୟମରେ କେବଳ ପିଲାଙ୍କୁ ସ୍କୁଲ ଆଣିବା ନୁହେଁ,ବରଂ ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେଇ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ କଲେଜର ଶିକ୍ଷା ବିଭାଗ ପକ୍ଷରୁ ’ସମସ୍ତଙ୍କ ପାଇଁ ଶିକ୍ଷା’ ର ଲକ୍ଷ୍ୟ ନେଇ ଶିକ୍ଷାର ସାର୍ବଜନୀନକରଣ ସଂପର୍କରେ ଆଲୋଚନା ଚକ୍ରରେ ଅତିଥି ମାନେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଜଗନ୍ନାଥ ଡିଗ୍ରୀ କଲେଜର ଅଧ୍ୟକ୍ଷ ସରୋଜ କୁମାର ମାହାନ୍ତି ଙ୍କ ସଭାପତିତ୍ୱରେ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ମୁଖ୍ୟ ଅତିଥି, ଫକୀର ମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଲିପାମଣି ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଭୋଗରାଇ ଆର ଆଇ ଏଚ୍ ଏସ କଲେଜର ଶିକ୍ଷା ବିଭାଗର ରିଡର ତ୍ରିବେଣୀ ଧାରା,ଦୀନକୃଷ୍ଣ କଲେଜର ଶିକ୍ଷା ବିଭାଗର ଅଧ୍ୟାପକ ଡ.ଶୁଶାନ୍ତ କୁମାର ଗିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଅଧ୍ୟାପକ ଅଶୋକ କୁମାର ରଥ ମଞ୍ଚ ଆହ୍ୱାନ ସହ ବେଦ ପାଠ କରିଥିଲା ବେଳେ ଛାତ୍ରୀ ତେଜସ୍ୱି ମାହାନ୍ତି,ଭାଗ୍ୟଶ୍ରୀ ପ୍ରାମାଣିକ,ବର୍ଷା ରଣା,ଶୁଭଶ୍ରୀ ଦାସ ଅଧିକାରି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉତ୍କଳିକା ନାୟକ, ସୁମିତ୍ରା ଗିରୀ, ଦୀପିକା ସେନାପତି, ଋତୁପର୍ଣ୍ଣା ବାରିକ, ମଧୁମିତା ସାହୁ, ଅର୍ପିତା ପ୍ରଧାନ, ଅଙ୍କିତା ମହାନ୍ତି, ଶୁଭଶ୍ରୀ ଶୁଭସ୍ମିତା ସାହୁ,ସ୍ୱର୍ଣ୍ଣ ପ୍ରଭା ରାଉତ ପ୍ରମୁଖ ଛାତ୍ରୀ ସନ୍ଦର୍ଭ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ପୂର୍ଣ୍ଣିମା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନାଗାଲାଣ୍ଡର ମୋକୋକଚୁଙ୍ଗରେ ଦୁଇଟି ନୂତନ ମାଛ ପ୍ରଜାତି ଆବିଷ୍କୃତ

ମୋକୋକଚୁଙ୍ଗ , ୦୬/୩ : ନାଗାଲାଣ୍ଡର ମୋକୋକଚୁଙ୍ଗ ଜିଲ୍ଲାରେ ବୈଜ୍ଞାନିକମାନେ ଦୁଇଟି ନୂତନ ପ୍ରଜାତି ମଧୁର ଜଳ ମାଛ ଆବିଷ୍କାର କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଦୁଇଟି ପ୍ରଜାତି ଜଣେ ମୃତ ସହକର୍ମୀଙ୍କ ପୁଅ ଏବଂ ଝିଅଙ୍କ ନାମ ଅନୁସାରେ ନାମିତ ହୋଇଛି, ଯାହା ତାଙ୍କର ଶେଷ ଇଚ୍ଛା ପୂରଣ କରିଛି । ସରକାରୀ ସୂତ୍ର ଅନୁସାରେ, ନୂତନ ଭାବରେ ଆବିଷ୍କୃତ ପ୍ରଜାତିଗୁଡ଼ିକ ହେଉଛି ଗ୍ଲିପ୍ଟୋଥୋରେକ୍ସ ସେଂଟିମେରେନି ଏବଂ ଓରେଇଚଥିସ୍ ଏଲିୟାନେ । ମୋକୋକଚୁଙ୍ଗ ଜିଲ୍ଲାରେ କରାଯାଇଥିବା ଏକ ଇଚଥୋଲୋଜିକାଲ୍ ସର୍ଭେ ସମୟରେ ଏମାନଙ୍କୁ ଚିହ୍ନଟ କରାଯାଇଥିଲା । ପରେ ଏହି ଏହି ଗବେଷଣାକୁ ଅନ୍ତର୍ଜାତୀୟ ବୈଜ୍ଞାନିକ ପତ୍ରିକା ଜୁଟାକ୍ସାରେ ପ୍ରକାଶିତ ହୋଇଥିଲା ।

**AFFIDAVIT**

By virtue of an affidavit before the executive Magistrate Basudevpur, I, Swarnaprava Palai wife of Shasikanta Palai permanent resident of At/Po- Barandua, P.s- Basudevpur, Dist- Bhadrak, Pin- 756168 declare that I wholly renounce, relinquish and abandon the use of my former name (old name) Surnna Pallai and in place thereof assume the name of (new name) Swarnaprava Palai. I may hereafter be called, known and distinguished not by my former name of (old name) Surnna Pallai but by my assumed name of (new name) Swarnaprava Palai. Henceforth I shall be known as Swarnaprava Palai for all purposes.

Swarnaprava Palai

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ

ବାରିପଦା, ୦୬/୩ (ନି.ପ୍ର): ନବ ଓଡ଼ିଶାର ସ୍ରଷ୍ଟା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ବିଜେଡି ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନରେ ମହାଆଡ଼ମ୍ବରରେ ପାଳିତ ହୋଇଛି । ଗୁରୁବାର ସକାଳୁ ପ୍ରଥମେ ବିଜୁ ପଟ୍ଟନାୟକ ଗୋଳେଇ ସ୍ଥିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ ବିଜୁ ଭବନରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ବିଜୁ ବାବୁଙ୍କ ତୈଳ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବିଜେଡ଼ିର ସମସ୍ତ ନେତା ଓ ନେତ୍ରୀ ମାନେ ଉପସ୍ଥିତ ରହି ବିଜୁ ବାବୁଙ୍କର ଓଡିଶା ପ୍ରତି ଅବଦାନ ବାବଦରେ ଆଲୋକପାତ କରିଥିଲେ । ଲୋକ କଲ୍ୟାଣ ଓ ଉନ୍ନତି ପାଇଁ ବିଜୁ ବାବୁ ଆଙ୍କିଥିବା ଓଡ଼ିଶା ବିକାଶର ବିସ୍ତୃତ ନକ୍ସାର ଆଜି ସଫଳ ରୂପାୟନ ହୋଇଛି । ତାଙ୍କର ପ୍ରତିଟି କାମ ଓଡ଼ିଆ ଜାତି ପାଇଁ ସ୍ୱାଭିମାନ ଓ ଗୌରବ ଅଟେ । ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଏବେ ଅନେକ କ୍ଷେତ୍ରରେ ଅଗ୍ରଣୀ ହୋଇଛି । ସେହି ବିକାଶ ପୁରୁଷଙ୍କ ଜୟନ୍ତୀରେ ତାଙ୍କ ଅବଦାନକୁ ସ୍ମରଣ କରାଯାଇଛି । ମହାନ୍ ଜନନାୟକ ବିଜୁ ପଟ୍ଟନାୟକ ଓଡ଼ିଆ ସ୍ୱାଭିମାନ ଓ ସଂକଳ୍ପର କିମ୍ବଦନ୍ତୀ ପୁରୁଷ ଅଟନ୍ତି । ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ ସେବାର



ମୂର୍ତ୍ତିମନ୍ତ ପ୍ରତୀକ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଓଡ଼ିଶା ତଥା ଦେଶର ରାଜନୈତିକ ଇତିହାସରେ ଏକ ଅବିସ୍ମରଣୀୟ ଅଟନ୍ତି । ୧୯୧୬ ମାର୍ଚ୍ଚ ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଗ୍ରହଣ କରିଥିଲେ । ସେ ଜଣେ ବିଚକ୍ଷଣ ବ୍ୟକ୍ତିତ୍ୱ ଥିଲେ, ଯିଏ କି ଓଡ଼ିଶା ରାଜନୀତିକୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ପ୍ରଭାବିତ କରିଥିଲେ । ତାଙ୍କ ଅମ୍ଳାନ ସ୍ମୃତିକୁ ସଦା ଉଜ୍ଜୀବିତ କରି ରଖିବା ପାଇଁ ତାଙ୍କ ଜନ୍ମ ଦିନକୁ ପଞ୍ଚାୟତରାଜ ଦିବସ ଭାବେ ପାଳନ କରାଯାଉଥିଲା । କିନ୍ତୁ ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଯୋଜନାବଧ ଭାବେ ତାହାକୁ ପ୍ରତ୍ୟାହାର କରିଛନ୍ତି । ହୀନ ରାଜନୈତିକ ଚକ୍ରାନ୍ତ କରି ବିଜୁ ବାବୁଙ୍କୁ ବାରମ୍ବାର ଅସମ୍ମାନିତ କରାଯାଉଛି । ବିଜୁ ପଟ୍ଟନାୟକ ସବୁଠି ବନ୍ଦିତ ଥିବା ବେଳେ ରାଜ୍ୟ ସରକାର କିନ୍ତୁ ସେଥିରୁ ଅପସରି ଯାଇଛନ୍ତି । ମାର୍ଚ୍ଚ ୫କୁ ପଞ୍ଚାୟତରାଜ ଦିବସ ଭାବେ ପାଳନ କରିବା ନେଇ ରାଜ୍ୟ ସରକାରଙ୍କ କ୍ୟାଲେଣ୍ଡର ଥିବା ବେଳେ ତାହାକୁ ବିଜେପି ସରକାର ପାଳନ ନକରି ଏପ୍ରିଲ ୨୪ରେ ପରିବର୍ତ୍ତନ କରିଛନ୍ତି । ରାଜ୍ୟରେ ଗତ ୩ ଦଶନ୍ଧି ଧରି ମାର୍ଚ୍ଚ ୫ରେ ପାଳିତ ହୋଇ ଆସୁଥିବା ପଞ୍ଚାୟତରାଜ ଦିବସକୁ ରାଜ୍ୟ ସରକାର ଏପ୍ରିଲ ୨୪ ତାରିଖରେ ପାଳନ କରିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ଓ ରାଜ୍ୟ ସରକାରଙ୍କ ସଂକୀର୍ଣ୍ଣ ମନୋଭାବର ପରିଚୟ ବୋଲି ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି । ବିଜେପି ପକ୍ଷରୁ ହୀନ ରାଜନୀତି କରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନୀତି କରାଯାଇଛି ବୋଲି କୁହାଯାଇଛି । ତେବେ ଏବେ ବି ବିଜୁ ବାବୁଙ୍କ ଅମ୍ଳାନ ସ୍ମୃତି ପ୍ରତିଟି ଓଡ଼ିଆଙ୍କ ମନ ମଧ୍ୟରେ ଜୀବିତ ହୋଇ ରହିଛି । ବିଜେପି ଯେତେ ଚେଷ୍ଟା କରିଲେ ସୁଦ୍ଧା ତାହାକୁ ଅପସାରି ଦେଇ ପାରିବ ନାହିଁ । ଉକ୍ତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ମୟୁରଭଞ୍ଜ-୨ ଜିଲ୍ଲା ସଭାପତି ଡା ଦେବାଶିଷ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାନ୍ସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଏମସିସି ବ୍ୟାଙ୍କ ଅଧ୍ୟକ୍ଷ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ସହର ସଭାପତି ପ୍ରଭାତ ମହାନ୍ତି, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ଦାସ, ସରୋଜ କୁମାର ମହାପାତ୍ର, ସମାଜସେବୀ ଅମର ସେଠି, ଅନନ୍ତ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ସରୋଜ କୁମାର ବୋଷ, ଲଲାଟେନ୍ଦୁ ବେହେରା, ବିଜୁ ମହିଳା ଜନତା ଦଳ ରାଜ୍ୟ ସମ୍ପାଦକ ଶ୍ରାବଣୀ ଦାସ, ସାଧାରଣ ସମ୍ପାଦକ ସବିତା ବେହେରା, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାନେତ୍ରୀ ଦିପ୍ତୀଲତା ମିଶ୍ର, ଜିଲ୍ଲା ଯୁବ ଜନତା ଦଳର ସଭାପତି ଅରୁଣ ବରାଡ଼, ଜିଲ୍ଲା ଛାତ୍ର ଜନତା ଦଳର ସଭାପତି ସୁନିଲ କୁମାର ନାଏକ, ସମସ୍ତ ୱାର୍ଡ କାଉନସିଲର, ବ୍ଲକ ଅଧକ୍ଷ ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବରିଷ୍ଠ କମ୍ୟୁନିଷ୍ଟ ନେତା ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ଦେହାନ୍ତ

ନୀଳଗିରି , ୦୬/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ତଥା ଔପଦା ଅଞ୍ଚଳର ବରିଷ୍ଠନେତା ପ୍ରତାପ ଚନ୍ଦ୍ର ମହାନ୍ତିଙ୍କର ଶୁକ୍ରବାର ଦିବା ୧୦ଘଟିକା ସମୟରେ ଦେହ ଅସୁସ୍ଥ କାରଣରୁ ଚିକିତ୍ସାପାଇଁ ବାଲେଶ୍ୱର ମୁଖ୍ୟଡାକ୍ତରଖାନାକୁ ନିଆଯାଉଥିବା ବେଳେ ଫକୀର ମୋହନ ଗୋଲାଇଠାରେ ଅସୁସ୍ଥ ହୋଇପଡ଼ିଥିଲେ । ସାଙ୍ଗରେ ଥିବା ସହଧର୍ମିଣୀ, ଏକମାତ୍ର ଝିଅର ଆକୁଳ କ୍ରନ୍ଦନଶୁଣି ସ୍ଥାନୀୟ ଲୋକ ହସ୍ପିଟାଲ କୁ ନେଇଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ମୃତ୍ୟୁ ଖବରପାଇ ସ୍ଥାନୀୟ ସିପିଆଇ ଜିଲ୍ଲାପରିଷଦ ସଦସ୍ୟ ଅନିରୁଦ୍ଧ ନାୟକ ତାଙ୍କ ବାସଭବନ ରେ ଉପସ୍ଥିତ ରହି ପ୍ରାର୍ଥୀବ ଶରୀର ଉପରେ ଲାଲପତାକା ଅର୍ପଣ କରିଥିଲେ ।ଖବରପାଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ



ନିରଞ୍ଜନ ବାରିକ, ବିଧାୟକ ପ୍ରାର୍ଥୀ ଅଜୟ ପଟ୍ଟନାୟକ,ଜିଲ୍ଲାପରିଷଦ ସଦସ୍ୟ ହରେକୃଷ୍ଣ ପଣ୍ଡିତ, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ନିର୍ମାଲ୍ୟ ପ୍ରଧାନ, ନିହାରରଞ୍ଜନ ଜେନା, ସଂଜୀବ ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରାର୍ଥୀବଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଦୁଃଖସନ୍ତପ୍ତ ପରିବାର ଙ୍କୁ ସମବେଦନା ଜଣାଇବା ସହ ସ୍ୱର୍ଗତ ମହାନ୍ତିଙ୍କ ଆର୍ଥିକ ପରିସ୍ଥିତି ଦୁର୍ବିସହ ଥିବାବେଳେ ଏକମାତ୍ର ଶିଶୁକନ୍ୟାର ଯତ୍ନରଖିବା ପାଇଁ ପାଖପଡୋଶୀଙ୍କ ସହିତ ଆଲୋଚନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୟୁପିଏସସି ସିଭିଲ ସର୍ଭିସେସ...

ସିଏସ୍‌ଇ ୨୦୨୫ ଜରିଆରେ ୟୁପିଏସ୍‌ସି କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରଶାସନିକ ସେବାରେ ଖାଲିଥିବା ୭୭୯ଟି ପଦକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଛି। ସିଏସ୍‌ଇ ୨୦୨୫ରେ ୨୭୩୬ ଜଣ ଆଶୟୀ ସାକ୍ଷାତକାରକୁ ଆସିଥିଲେ। ସମସ୍ତଙ୍କୁ ପଛରେ ପକାଇ ୟୁପିଏସ୍‌ଇର ସିଏସ୍‌ଇ ୨୦୨୫ରେ ଟପ୍ପର ହୋଇଛନ୍ତି ରାଜସ୍ଥାନର ଅନୁଜ ଅଗ୍ନିହୋତ୍ରୀ। ସେହିପରି ରାଜେଶ୍ୱରୀ ସୁଭେ ଦ୍ୱିତୀୟ ଓ ଅକଂଶ ଧୂଲ ତୃତୀୟ ସ୍ଥାନରେ ରହିଛନ୍ତି। ୪ର୍ଥ ସ୍ଥାନରେ ରାଘବ ଝୁନଝୁନୱାଲା, ୫ମରେ ଈଶାନ ଭଟ୍ଟନାଗର,୬ଷ୍ଠରେ ଜିନିଆ ଅରୋରା, ୭ମରେ ଏଆର ରାଜା ମୋହିଦ୍ଦିନ, ୮ମରେ ପକଶାଲ, ୯ମରେ ଆସ୍ଥା ଜୈନ ଓ ୧୦ମରେ ଉଜ୍ଜ୍ୱଳ ପ୍ରିୟଙ୍କ ଅଛନ୍ତି। ଜେନେରାଲ ବର୍ଗର ୩୧୭ ଜଣ, ଆର୍ଥିକ ଦୁର୍ବଳ ବର୍ଗର ୧୦୪ ଜଣ, ଓବିସି ବର୍ଗର ୩୦୬ ଜଣ, ଏସ୍‌ସି ବର୍ଗର ୧୫୮ ଜଣ, ଏସ୍‌ଟି ବର୍ଗର ୭୩ ଜଣ ଆଶାୟୀ କୃତକାର୍ଯ୍ୟ ହୋଇଛନ୍ତି।

### ରୁଷୀୟ ତେଲ କିଣିବା...

ନିକଟରେ ଆମେରିକା ସୁପ୍ରିମକୋର୍ଟଙ୍କ ଏକ ରାୟରେ ଟ୍ରମ୍ପଙ୍କ ଶୁଳ୍କକୁ ଅସିଦ୍ଧ ଘୋଷଣା କରାଯାଇଥିଲା। ଏହାପରେ ଟ୍ରମ୍ପ ନିଜ ଆଡୁ ଦୁଇ ପର୍ଯ୍ୟାୟରେ ୧୫ ପ୍ରତିଶତ ଶୁଳ୍କ ଲଗାଇଥିଲେ। ୟୁକ୍ରେନ ସହ ଯୁଦ୍ଧ କରୁଥିବା ରୁଷର ଆୟ ଉତ୍ସ ବନ୍ଦ କରିବା ଲାଗି ତାହାର ତୈଳ ଉପରେ ଆମେରିକା କଟକଣା ଲଗାଇଥିଲା। ରୁଷର ଦୁଇ ତେଲ କମ୍ପାନି ରୋଜନେଫ୍ଟ ଓ ଲୁକୋଏଲ୍ ଉପରେ ମଧ କଟକଣା ଲାଗିଥିଲା। ଏହି କଟକଣା ପରେ ରୁଷରୁ ଭାରତ ମଗାଉଥିବା ତେଲ ପରିମାଣ ଯଥେଷ୍ଟ ହ୍ରାସ ପାଇଛି। ଇରାନ ସହ ଆମେରିକା ଓ ଇସ୍ରାଏଲ ଯୁଦ୍ଧ କରୁଥିବାରୁ ବିଶ୍ୱର ପ୍ରମୁଖ ତୈଳ ପରିବହନ ପଥ ହରମୁଜ୍ ପ୍ରଣାଳୀ ପ୍ରଭାବିତ ହୋଇଛି। ଇରାନ ସେହି ଜଳପଥକୁ ବନ୍ଦ କରିଥିବା ଦାବି ହେଉଛି। ହରମୁଜ୍ ପ୍ରଣାଳୀ ହେଉଛି ଏକ ସଂକୀର୍ଣ୍ଣ ଜଳପଥ ଯାହା ମଧ ଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ଓ ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି) ପରିବହନ କରାଯାଉଛି। ଭାରତର ୫୦ ପ୍ରତିଶତ ତୈଳ ଏହି ପଥ ଦେଇ ଆସୁଛି। ହରମୁଜ୍ ପ୍ରଣାଳୀରେ ଯୋଗାଣ ବାଧାପ୍ରାପ୍ତ ହେବା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦର ଦ୍ରୁତ ଗତିରେ ବଢୁଛି। ଏହା ୮୦ ଡଲାରରୁ ଅଧିକ ହୋଇଗଲାଣି। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ହରମୁଜ ପ୍ରଣାଳୀ ଖୋଲିବାକୁ ପଦକ୍ଷେପ ନିଆଯିବ ନାହିଁ ତେବେ ତୈଳ ଓ ଗ୍ୟାସ୍ ମୂଲ୍ୟରେ ଅହେତୁକ ବୃଦ୍ଧି ଆଶଙ୍କାକୁ ଏଡ଼ାଇ ହେବନାହିଁ।

### କତରର ଚେତାବନୀ...

ଉପସାଗରୀୟ ଦେଶଗୁଡ଼ିକ ପେଟ୍ରୋକେମିକାଲ୍ ଓ ସାରରେ ବ୍ୟବହାର କରାଯାଉଥିବା ଉପାଦାନ ବିପୁଳ ପରିମାଣରେ ଯୋଗାଇଥାନ୍ତି। ଯଦି ସେହି ସବୁ ସାମଗ୍ରୀ ଅନ୍ୟ ଦେଶରେ ପହଞ୍ଚିବାରେ ଅସୁବିଧା ହେବ ତେବେ ବିଶ୍ୱବ୍ୟାପୀ କାରଖାନାଗୁଡ଼ିକରେ ଉତ୍ପାଦନ କମିଯିବ। ନିକଟରେ ଇରାନର ଡ୍ରୋନ ଆକ୍ରମଣ ପରେ କତର ଏହାର ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି)ର ସର୍ବବୃହତ୍ କାରଖାନା ରାସ୍ ଲାଫାନକୁ ବନ୍ଦ କରିଦେଇଛି। କତର ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ ଉତ୍ପାଦନକାରୀ ଦେଶ। ଇରାନ ଆକ୍ରମଣ ଦ୍ୱାରା କେତେ କ୍ଷତି ହୋଇଛି ତାହାକୁ ବର୍ତ୍ତମାନ ଆକଳନ କରାଯାଉଛି। ମରାମତି ପାଇଁ କେତେ ସମୟ ଲାଗି ତାହା ମଧ ଏପର୍ଯ୍ୟନ୍ତ ଜଣାପଡ଼ିନଥିବାକାବି କହିଛନ୍ତି। ଯଦି କୌଣସି ସମୟରେ ଯୁଦ୍ଧ ବନ୍ଦ ହୋଇଯାଏ ତେବେବି ଯୋଗାଣ ସ୍ୱାଭାବିକ ହେବା ଲାଗି ଏକ ମାସରୁ ଅଧିକ ସମୟ ଲାଗିଯିବ ବୋଲି ସେ କହିଛନ୍ତି। ବିଶ୍ୱର ଏକ ପଞ୍ଚମାଂଶ ତୈଳ ଓ ଗ୍ୟାସ୍ ହରମୁଜ୍ ପ୍ରଣାଳୀ ଦେଇ ପରିବହନ ହୋଇଥାଏ। ଏହା ହେଉଛି ଏକ ସଂକୀର୍ଣ୍ଣ ସାମୁଦ୍ରିକ ପଥ ଯାହା ପାରସ୍ୟ ଉପସାଗରକୁ ଅନ୍ତର୍ଜାତୀୟ ଜାହାଜ ଜଳପଥ ସହ ଯୋଡୁଛି। କାବି ଏହା ମଧ ଚେତାଇ ଦେଇଛନ୍ତି ? ଯେ ଯୁଦ୍ଧ ପ୍ରଭାବରେ ପ୍ରାକୃତିକ ଗ୍ୟାସ୍ ବି ମହଙ୍ଗା ହେବ। ଏହାର ଏମ୍‌ଏମ୍‌ବିଟିୟୁ ପିଛା ଦାମ୍ ୪୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବ ଯାହା ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ୧୦ ଡଲାର ପାଖାପାଖି ରହିଥିଲା। ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ କରିବା ପରେ ହରମୁଜ୍ ପ୍ରଣାଳୀ ଦେଇ ପରିବହନ ଯଥେଷ୍ଟ ହ୍ରାସ ପାଇଛି। ଅତିକମ୍‌ରେ ୧୦ଟି ଜାହାଜ ପ୍ରଭାବିତ ହୋଇଛି। ସାମୁଦ୍ରିକ ପରିବହନ ବୀମା ମୂଲ୍ୟ ବଢ଼ିଛି ଓ ଜାହାଜ କମ୍ପାନିଗୁଡ଼ିକ ଏହି ପଥ ଦେଇ ନିଜ ଜାହାଜ ପଠାଇବାକୁ ଚାହୁଁନାହାନ୍ତି।

# ରାଇରଙ୍ଗପୁରଠାରେ ଓଡିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ରାଇରଙ୍ଗପୁର, ୦୬/୩ (ନି.ପ୍ର): ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବାମନଘାଟି ଉପଖଣ୍ଡର ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ଠାରେ ଓଡିଶା ଦିବସ-୨୦୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ବାସନ୍ତୀ ଲାକ୍ରା, ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିବା ବେଳେ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଶ୍ରୀମତୀ ଅନିତାରାଣୀ ମହାନ୍ତ, ସହକାରୀ ଆଂଚଳିକ ପରିବହନ ଅଧିକାରୀ ଶ୍ରୀମତୀ ଚିନ୍ମୟୀ ମହାନ୍ତ, ଗୋଷ୍ଠୀ ଶିକ୍ଷାଧିକାରୀ ହେମ ମାଝୀ, ରାଇରଙ୍ଗପୁର ପୌରପାଳିକାର ପରିମଳ ବିଶେଷଜ୍ଞ ସ୍ୱାଧୀନ କୁମାର ତିୱାରୀ, ରାଇରଙ୍ଗପୁର ଡାକ ମଣ୍ଡଳ କାର୍ଯ୍ୟାଳୟର ଟିକନ କୁମାର ଦେବତାଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବରିଷ୍ଠ ନାଗରିକ ରସାନନ୍ଦ ଲେଙ୍କା, ସଚିକାନ୍ତ କର, ଦୁଷ୍ମନ୍ତ କୁମାର ବସା, ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ କୁମାର ମହାନ୍ତି, ଶିକ୍ଷକ ରଞ୍ଜନ କୁମାର ନନ୍ଦ, ଅଧ୍ୟାପକ ବିଜୟ କୁମାର ରାମ, ଅବସରପ୍ରାପ୍ତ ଶିକ୍ଷକ ତିମିର ରଞ୍ଜନ ପଣ୍ଡା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବି ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ବୈଠକରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରସ୍ତୁତି ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ପୂର୍ବବର୍ଷ ବୈଠକର ବିବରଣୀ ପଠନ କରାଯାଇଥିଲା ଏବଂ ପ୍ରତ୍ୟେକ ପ୍ରସଙ୍ଗ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ଆଲୋଚନା ପରେ ସର୍ବସମ୍ମତି କ୍ରମେ ଦିବସ ପାଳନ ପାଇଁ କିଛି ପ୍ରମୁଖ ନିଷ୍ପତି ଗ୍ରହଣ କରାଯାଇଥିଲା। ତଦନୁଯାୟୀ ଓଡିଶା ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଦିବସ ପାଳନ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ଦିବସ ପାଳନ ଦିନ ପ୍ରାତଃ ୪ଟା ୩୦ ମିନିଟ ସମୟରେ ରାଇରଙ୍ଗପୁର ସହରାଚଂଳରେ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧ ସଂଗୀତ ବାଦନ କରାଯିବ। ସକାଳ ୭ଟା ରୁ ୮ଟା ମଧ୍ୟରେ ଦିବସର ମୁଖ୍ୟ ଅତିଥିଙ୍କ ସମେତ ଜନପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ମାନଙ୍କ ଦ୍ୱାରା ରାଇରଙ୍ଗପୁର ପୌରାଞ୍ଚଳରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରାଯିବ। ସେହିପରି ସକାଳ ୯ଟା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବରପୁତ୍ର ମାନଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ସହିତ ସାଧାରଣ ସଭା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ। ଓଡିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ତଥା ମାତୃଭୂମି ପ୍ରତି ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ସଭା କାର୍ଯ୍ୟ ପ୍ରାରମ୍ଭରେ ‘ବନ୍ଦେ ଉତ୍କଳ ଜନନୀ ‘ ବାଦନ କରାଯିବ ।

# ଛତିଶଗଡ଼ର ଜଶପୁର ଜିଲ୍ଲାରେ ବସ୍ ଓଲଟିଲା : ୬ ମୃତ, ୯ ଗୁରୁତର

ଜଶପୁର/ରାୟପୁର, ୦୬/୩ (ନି.ପ୍ର): ଛତିଶଗଡ଼ ରାଜ୍ୟ ଜଶପୁର ଜିଲ୍ଲାର କରଡେଗାରୁ କୁଙ୍କୁରି ଯାଉଥିବା ଏକ ଯାତ୍ରୀବାହୀ ବସ୍ ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଲା। ଦୁର୍ଘଟଣାରେ ଜଣେ ଶିଶୁ ସମେତ ଛଅ ଜଣଙ୍କର ମୃତ୍ୟୁ ହୋଇଛି, ନଅ ଜଣ ଗୁରୁତର ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, କରଡେଗାରୁ କୁଙ୍କୁରି ଯାଉଥିବା ଏକ ଯାତ୍ରୀବାହୀ ବସ୍ ଦୁଇ ଡଜନରୁ ଅଧିକ ଯାତ୍ରୀଙ୍କୁ ନେଇଯାଉଥିଲା। କରଡେଗା ଆଉଟପୋଷ୍ଟ ଅଂଚଳର ଗୋଡାଅମ୍ବା ନିକଟରେ ବସ୍ ଟି ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ସ୍ଥାନୀୟ ବାସିନ୍ଦାମାନେ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ, ପ୍ରଶାସନ ତୁରନ୍ତ ଘଟଣାସ୍ଥଳକୁ ଆମ୍ବୁଲାନ୍ସ ପଠାଯାଇଥିଲା। ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଯାତ୍ରୀ ଆହତ ହୋଇଥିଲେ, ଯେଉଁମାନଙ୍କୁ କୁଙ୍କୁରି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କ୍ୟାମ୍ପ ଅଫିସ ସମସ୍ତ ଆହତଙ୍କ ସର୍ବୋତମ ଚିକିତ୍ସା ପାଇଁ ତୁରନ୍ତ ନିର୍ଦ୍ଦେଶ ଜାରି କରିଛି। ପୋଲିସ ଏବଂ ପ୍ରଶାସନିକ ଦଳ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ଏବଂ ସମଗ୍ର ଘଟଣାର ତଦନ୍ତ କରାଯାଉଛି। ମୃତକଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛି ପୋଲିସ । ଏନେଇ ଅଧିକ ସୂଚନାକୁ ଅପେକ୍ଷା କକରାଯାଇଛି ।

୦୭ ମାର୍ଚ୍ଚ ୨୦୨୬, ଶନିବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ରଜନୀଦେବୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ସମ୍ବର୍ଦ୍ଧନା ସଭା

ବାସୁଦେବପୁର, ୦୬/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ପଞ୍ଚାୟତର ଜୟକୃଷ୍ଣପୁର ଗ୍ରାମର ରଜନୀଦେବୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ମହେଶ୍ୱର ମଲିକଙ୍କ କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ତାଙ୍କ ପାଇଁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପ୍ରସାଦ ମଲିକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଆଲୁମୁନି ସଭାପତି ଗୋପୀନାଥ ବାରିକ୍, ସ୍କୁଲ ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ଦାସ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ମହେଶ୍ୱର ମଲିକଙ୍କୁ ମାନପତ୍ର, ଉପଢୌକନ ଏବଂ ବିଭିନ୍ନ ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପ୍ରସାଦ ମଲ୍ଲିକ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଗଦାଧର ନାୟକ, ଅଭୟ କୁମାର ବାରିକ୍, ବୁଦ୍ଧିରାମ ପୁହାଣ, ଶ୍ୱେତପଦ୍ମା ନାୟକ, ଐଶ୍ୱର୍ଯ୍ୟା ଅପରାଜିତା କର, କୃଷ୍ଣଚନ୍ଦ୍ର କୁଅଁର, କାହ୍ନୁ ଚରଣ ବାରିକ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।



## ଗୌରବମୟ ଇତିହାସର ମୂକସାକ୍ଷୀ ୫୭ବର୍ଷର ଘାଟଘରସାହି ପଞ୍ଚଦୋଳ

ନୀଳଗିରି , ୦୫/୩ (ନି.ପ୍ର): ଓଡ଼ିଆ ମାସ ଅନୁସାରେ ଫାଲଗୁନ ମାସର ପୂର୍ଣ୍ଣମାତିଥି, ଦୋଳପୂର୍ଣ୍ଣମା ନାମରେ ପରିଚିତ। ଫାଲଗୁନ ଶୁକ୍ଳ ଦଶମୀ ଠାରୁ ସାଧାରଣତଃ ଦୋଳଯାତ୍ରା ଅନୁଷ୍ଠିତ ହୋଇଥାଏ ଯାହା ଫଗୁଦଶମୀ ନାମରେ ଖ୍ୟାତ। ଏହି ପର୍ବର ମୁଖ୍ୟ ଆରାଧ୍ୟ ରାଧା ଓ କୃଷ୍ଣ। ରାଧା କୃଷ୍ଣଙ୍କ ଯୁଗଳମୂର୍ତ୍ତି ଛୋଟଛୋଟ ବିମାନରେ ଘରକୁ ଘର ବୁଲାଇବାକୁ ନିଆଯାଏ। ଠାକୁରଙ୍କୁ ପ୍ରତିଘରେ ଭୋଗଲାଗି ହୁଏ। ଫଗୁଦଶମୀ ତିଥିରୁ ଫଗୁ (ରଙ୍ଗ) ଖେଳ ଓ ଗ୍ରାମ ପରିକ୍ରମା କରାଯାଏ। ଦୋଳପୂର୍ଣ୍ଣମା ଦିନ ରାଧାକୃଷ୍ଣଙ୍କୁ ଦୋଳ ମଣ୍ଡପକୁ ନିଆଯାଇଥାଏ। ପରଦିନ ରଙ୍ଗରପର୍ବ ହୋଲି ଖେଳାଯାଇ ପରସ୍ପର ମଧ୍ୟରେ ରଙ୍ଗପିଚକାରୀ ଓ ଅବିର ମାରି ଭାଇଚାରା ଓ ପ୍ରେମର ବାର୍ତ୍ତା ଦିଆଯାଇଥାଏ। ଏଭଳି ଏକ ମହାନ୍ ପରମ୍ପରାକୁ ବଜାୟ ରଖିଛନ୍ତି ନୀଳଗିରି ସହରର ଘାଟଘରସାହି ଗ୍ରାମବାସୀ। ୧୯୭୦ ମସିହାରେ କିଛି ଉଦ୍ୟମୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହିପର୍ବକୁ ୫ଦିନ ଧରି ପାଳନ କରିଆସୁଥିବା ବେଳେ ଏହାକୁ ପଞ୍ଚଦୋଳ ନାମରେ ନାମିତ କରାଯାଇଛି। ଦୀର୍ଘ ୫୭ବର୍ଷଧରି ପାଳନ କରାଯାଉଥିବା ଏହି ଉତ୍ସବ ପ୍ରତିବର୍ଷ ମହା ଆଡ଼ମ୍ବରରେ ପାଳନ କରାଯାଉଥିବା ବେଳେ ଚଳିତବର୍ଷ ମଧ୍ୟ ପୂର୍ଣ୍ଣମାତିଥି ଠାରୁ ୧୧ଟି ଦୋଳବିମାନଙ୍କ ଉପସ୍ଥିତିରେ ଉତ୍ସବ ମୁଖରିତ ହୋଇଛି ଘାଟଘରସାହି ସ୍ଥିତ ଦୋଳମଣ୍ଡପ। ଭଜନ କୀର୍ତ୍ତନ ସହିତ ପ୍ରତିସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ୩ୟ ଦିବସରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଧାକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରିବାସହିତ ଏହି ଗୌରବମୟ ସଂସ୍କୃତି ଓ ପରମ୍ପରା ସମାଜରେ ଭାଇଚାରା ଏବଂ ଏକତା ବଜାୟ ରଖିବାକୁ ଉପସ୍ଥିତ ଶ୍ରଦ୍ଧାଳୁ ଓ ଅଞ୍ଚଳବାସୀଙ୍କୁ ନିବେଦନ ରଖିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ନୀଳଗିରି କାର୍ଯ୍ୟନିର୍ବାହୀ ନଗରପାଳ ମହେନ୍ଦ୍ରନାଥ ବେହେରା ଯୋଗଦେଇ ଏଭଳି ଭବ୍ୟ ଅଯୋଜନକୁ ପ୍ରଶଂସା କରିବାସହ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ। ପଞ୍ଚଦୋଳ କମିଟିର ସଭାପତି ମାନସ ପାଢୀଙ୍କ ମାର୍ଗଦର୍ଶନରେ ସମ୍ପାଦକ ରଞ୍ଜିତ କୁମାର ସାହୁ, ଉପସଭାପତି ରମାକାନ୍ତ ମହାନ୍ତି, ସହସମ୍ପାଦକ ଜର୍ଜ ବର୍ଣ୍ଣାଡ ସ, କୋଷାଧ୍ୟକ୍ଷ ରମେଶ ସ, ସତ୍ୟପ୍ରକାଶ ବୀରବର, ମନୋରଞ୍ଜନ ବେହେରା, ଭଗବାନ ଦଣ୍ଡପାଟ ପ୍ରମୁଖ ସହଯୋଗ କରିଥିଲେ। ଦୀପକ ଦାସ ମଞ୍ଚପରିଚାଳନା କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଏବଂ ଗ୍ରୁପଙ୍କ ସୁମଧୁର ସଙ୍ଗୀତରେ ଝୁମିଥିଲେ ଶହଶହ ଦର୍ଶକ।



## ମଦର ଟେରେସା ସେବା ସଂଘଠାରେ ଶ୍ରବଣ ବାଧିତ ମୂଲ୍ୟାଙ୍କନ ଶିବିର ଅନୁଷ୍ଠିତ

### ୨୦୦ ଶହ ଶ୍ରବଣ ବାଧିତଙ୍କ କାନର କରାଗଲା ପରୀକ୍ଷା

ବାଲିଆପାଳ , ୦୬/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଟଗରା ଠାରେ ଥିବା ମଦର ଟେରେସା ସେବା ସଂଘ ବିଦ୍ୟାଳୟ ପରିସରରେ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଅନୁମୋଦିତ ଅଲ୍ଲୀ ୟାବର ଜଙ୍ଗ ରାଷ୍ଟ୍ରୀୟ ସଂଘ ଓ ଶ୍ରବଣ ବାଧିତ ସଂସ୍ଥା ପକ୍ଷରୁ ଶ୍ରବଣ ବାଧିତ ମୂଲ୍ୟାଙ୍କନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଶ୍ରବଣ ବାଧିତ ସଂସ୍ଥାର ଡେପୁଟି ଡାଇରେକ୍ଟର ପ୍ରଫେସର ଚନ୍ଦ୍ର ଚୋଡ ପାଣିଗ୍ରାହୀ ଏବଂ ତାଙ୍କର ଟିମ୍ ଙ୍କ ଦ୍ୱାରା ବିଦ୍ୟାଳୟର ଅଧ୍ୟୟନ କରୁଥିବା ୧୫୦ ଛାତ୍ର ଛାତ୍ରୀଙ୍କ ସମେତ ସ୍ଥାନୀୟ ୫୦ ଜଣ ଶ୍ରବଣ ବାଧିତଙ୍କର କାନ ପରିକ୍ଷା କରାଯାଇ ମୂଲ୍ୟାଙ୍କନ କରାଯାଇଥିଲା। ଏଥି ନିମନ୍ତେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଡ଼ ଅନିରୁଦ୍ଧ ପାତ୍ରଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାନ ପରୀକ୍ଷା କରି ମୂଲ୍ୟାଙ୍କନ କରିବା ଏବଂ ଶ୍ରବଣ ବାଧିତ ଯନ୍ତ୍ର ପାଇବା ପାଇଁ ଗ୍ରାମାଞ୍ଚଳରେ ଲୋକ ମାନଙ୍କୁ ଅଧିକା ଖର୍ଚ୍ଚରୁ ବଞ୍ଚିତ କରିବା ଲକ୍ଷ୍ୟରେ ଏହି ଭଳି ଶିବିର ସରକାରଙ୍କ ଦ୍ୱାରା କରାଯାଇଥାଏ ବୋଲି ଡ଼ ପାଣିଗ୍ରାହୀ ବୁଝାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷାବିତ ସୁବାଷ ଚୈଧୁରୀ, ଖବରଦାତା ରାଜଶ୍ରୀ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ ପରେଶ ପ୍ରଧାନ ଏହି ସଭାରେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ମହେଶ୍ୱର ଜେନା, ପ୍ରମୋଦ କୁମାର ସେନାପତି, ବେଣୁଧର ମହୁରି, ବଳରାମ ନାୟକ, ସାଧୁ ଚରଣ ସାହୁ, ଚିତ୍ତରଞ୍ଜନ ଜେନା, ସମ୍ଭୁନାଥ ପରଡା, ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ଭୂୟାଁ, ପ୍ରଭାତି ପାତ୍ର, ପ୍ରୀୟଙ୍କା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




## ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୦୬/୩ (ନି.ପ୍ର): ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ୟୁପିଏସସି ଦ୍ୱାରା ପରିଚାଳିତ ସିଭିଲ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଶାସନିକ ସେବାକୁ କେବଳ ପଦବୀ ନୁହେଁ, ବରଂ ଜନସେବାର ବ୍ରତ ଭାବେ ଗ୍ରହଣ କରି ଆପଣଙ୍କ ଜ୍ଞାନ ଓ ଅନୁଭବକୁ ସମାଜର ଶେଷ ସ୍ତରରେ ଥିବା ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ବିନିଯୋଗ କରନ୍ତୁ।

## ପଶ୍ଚିମବଙ୍ଗ ଗସ୍ତରେ ରାଷ୍ଟ୍ରପତି ମୁର୍ମୁ

ନୂଆଦିଲ୍ଲୀ, ୦୬/୩ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓ କାଲି ପଶ୍ଚିମବଙ୍ଗ ଗସ୍ତରେ ଯିବେ। ସେଠାରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ରାଷ୍ଟ୍ରପତି ଭବନ ଅନୁସାରେ, ମୁର୍ମୁ ୬ ମାର୍ଚ୍ଚରେ ଦାର୍ଜିଲିଂ ରେ 'ବନ୍ଦେ ମାତରଂ' ର ୧୫୦ତମ ବର୍ଷପୂର୍ତ୍ତି ଅବସରରେ ଆୟୋଜିତ ଦାର୍ଜିଲିଂ ହିଲ୍ ଫେଷ୍ଟିଭାଲର ଶୁଭାରମ୍ଭ କରିବେ। ଏହି ଅବସରରେ ସେ ଦାର୍ଜିଲିଂର ଲୋକଭବନରେ 'ରୁଟ୍ସ ଏଣ୍ଡ ରିଦମ୍ସ' ଶୀର୍ଷକରେ ଆୟୋଜିତ ଏକ ପ୍ରଦର୍ଶନୀର ଉଦ୍ଘାଟନ ମଧ୍ୟ କରିବେ।

## ଅରଖପୁର ଗାଁରେ ଜଣ୍ଡିସ ପ୍ରକୋପ: ୬ ସ୍କୁଲ ପିଲା ଆକ୍ରାନ୍ତ, ଖଇରା ମେଡିକାଲ ଟିମ ପକ୍ଷରୁ ସଚେତନତା

ଖଇରା, ୦୬/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅଧୀନ ଅରଖପଦା ଗାଁରେ ଜଣ୍ଡିସ ଆକ୍ରାନ୍ତ ଯୋଗୁଁ ଗ୍ରାମରେ କୋକୁଆଭୟ ସୃଷ୍ଟି ହୋଇଛି। ପ୍ରଥମେ ଅରଖପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ ଛାତ୍ରୀଛାତ୍ରଙ୍କୁ ଏହି ରୋଗ ବ୍ୟାପିବା ପରେ ଏବେ ପୁରା ଗ୍ରାମକୁ ଏହା ବ୍ୟାପିବାକୁ ଆରମ୍ଭ କରିଛି । ପାଖାପାଖି ୭ଦିନ ତଳେ ୫ମ ଶ୍ରେଣୀର ଛାତ୍ର ଅଶୋକ ଜେନା, ୩ୟ ଶ୍ରେଣୀର ରୁଦ୍ର ପ୍ରତାପ ଜେନା, ୭ମ ଶ୍ରେଣୀର ଜ୍ୟୋତ୍ସ୍ନାରାଣି ଦାସ, କିଶୋର କୁମାର ଜେନା ଓ ଶୁଭଲକ୍ଷ୍ମୀ ଜେନା ଜ୍ୱରରେ ଆକ୍ରାନ୍ତ ହେବା ପରେ ବାନ୍ତି ହୋଇଥିଲା। ପରୀକ୍ଷା ପରେ ଏହା ଜଣ୍ଡିସ ବୋଲି ଜଣାପଡିଥିଲା। ଧିରେ ଧିରେ ଏହା କାୟା ବିସ୍ତାର କରି ପାଚିକା ପୁଜା ଦାସ, କାଜଲ ଜେନା ଇତ୍ୟାଦି ଙ୍କୁବ୍ୟାପି ଥିଲା । ପାଇପ ପାଣିରୁ ଏହା ବ୍ୟାପୁଥିବା ନେଇ ଗ୍ରାମବାସୀ ଉପଲବ୍ଧି କରିବା ପରେ ପାଇପ ଜଳ ଯୋଗାଣ ପ୍ରକଳ୍ପଙ୍କୁ ବନ୍ଦ ରଖାଯାଇଛି । ପ୍ରଧାନଶିକ୍ଷକ ହେମନ୍ତ କୁମାର ବାରିକ ଏ ସମ୍ପର୍କରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅବଗତ କରାଯିବା ପରେ ଶୁକ୍ରବାର ଡା ମାନସ କୁମାର ଦାସ ଓ ସୋମବାର ଡା ଜ୍ୟୋତି ରଞ୍ଜନ ଶିଅଳଙ୍କ ନେତୃତ୍ୱରେ ପୃଥକ ପୃଥକ ଟିମ ବିଦ୍ୟାଳୟକୁ ଯାଇ ନମୁନା ସଂଗ୍ରହ କରିବା ସହ ପ୍ରତିଷେଧକ ଏବଂ ସଚେତନ କରାଇଛନ୍ତି ।



## ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ଭଦ୍ରକ, ୦୬/୩ (ନି.ପ୍ର): ଆସନ୍ତା ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ଅଂଶୁଘାତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅଂଶୁଘାତ ସମୟରେ ଲୋକମାନଙ୍କ ସୁରକ୍ଷା ଓ ସଚେତନତା ସମ୍ପର୍କରେ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲାବୈଠକରେ ପାନୀୟ ଜଳ ସୁବିଧା ବୃଦ୍ଧି, ସହର ଓ ଗ୍ରାମାଞ୍ଚଳରେ ଶିତଳ ପାଣି ଘର (ୱାଟର କିଓସ୍କ) ସ୍ଥାପନ, ଚିକିତ୍ସାଳୟଗୁଡିକରେ ଅଂଶୁଘାତ ଚିକିତ୍ସା ପାଇଁ ବିଶେଷ ୱାର୍ଡ ବ୍ୟବସ୍ଥା ଓ ଆବଶ୍ୟକ ଔଷଧ ମହଜୁଦ ରଖିବା ତଥା ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ମାଧ୍ୟମରେ ଗ୍ରାମସ୍ତରରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବି ନାରାୟଣ ସାହୁ , ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ , ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ,ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ସାହୁ ଉପସ୍ଥିତ ରହି ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଅଂଶୁଘାତ ଜନିତ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ: ଯୁଦ୍ଧ ବନ୍ଦ ଦାବିରେ ସିପିଆଇର ବିକ୍ଷୋଭ

ବାରିପଦା, ୦୬/୩ (ନି.ପ୍ର): ସାର୍ବଭୌମ ରାଷ୍ଟ୍ର ଇରାନ ଉପରେ ସାମ୍ରାଜ୍ୟବାଦୀ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଯୁଦ୍ଧର ଧ୍ୱଂସ ଲିଳା ସହ ତାଣ୍ଡବ ମଧ୍ୟପ୍ରାଚ୍ୟରେ ରଚି ଚାଲିଛନ୍ତି। ଏଥିରୁ ବିଦ୍ୟାଳୟର କୋମଳମତି ଛାତ୍ରଛାତ୍ରୀ, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟ, ଜନବସତି, ବ୍ୟବସାୟ ପ୍ରତିଷ୍ଠାନ ଇତ୍ୟାଦି ବାଦ୍ ପଡ଼ିନାହିଁ। ଇରାନର ମୁଖ୍ୟ ଆୟୋତୋଲା ଅଲ୍ଲି ଖାମେନେଇଙ୍କ ଜଘନ୍ୟ ଏବଂ କାପୁରୁଷୋଚିତ ହତ୍ୟାର ପ୍ରତିବାଦ ଏବଂ ' ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ, ଧ୍ୱଂସ ନୁହେଁ ଜୀବନ ଚାହୁଁ' ଭଳି ସ୍ଲୋଗାନ ନେଇ ସିପିଆଇ, ମୟୂରଭଞ୍ଜ ପକ୍ଷରୁ ବିକ୍ଷୋଭ - ପ୍ରତିବାଦ ସ୍ଥାନୀୟ ବାରିପଦା ପାଲବଣି ବାଇପାସ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ସିପିଆଇ ପକ୍ଷରୁ କୁହାଯାଇଛି, ଇରାନ ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର। ତେଣୁ ସେ ଦେଶର ରାଷ୍ଟ୍ର ମୁଖ୍ୟଙ୍କୁ ଚୟନ କରିବା ଦାୟିତ୍ୱ ଇରାନ ବାସୀଙ୍କର। ସାମ୍ରାଜ୍ୟବାଦୀ ଶକ୍ତି ଆମେରିକା ସେଥିରେ ଜୋର୍ ଜବରଦସ୍ତ ହସ୍ତକ୍ଷେପ କରି ନରସଂହାର ଚଳାଇଛି। ସେହିଭଳି ଭାରତର ନିରପେକ୍ଷ ବୈଦେଶିକ ନୀତିକୁ ଜଳାଞ୍ଜଳି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ଓ ଆମେରିକା ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ତାହା ଆମ ଦେଶର ପ୍ରଚଳିତ ବୈଦେଶିକ ନୀତିକୁ ଉଲଂଘନ କରୁଛି। ଯୁଦ୍ଧ ଅପରାଧୀ ଇସ୍ରାଏଲ ର ପ୍ରଧାନମନ୍ତ୍ରୀ ନେତା ନ୍ୟାହୁ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୁ ଆନ୍ତର୍ଜାତିକ ବିଚାରାଳୟରେ ହାଜିର୍ କରିବା ପାଇଁ ମିଳିତ ଜାତିସଂଘ ଆଶୁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଅଧିକନ୍ତୁ, ପଶ୍ଚିମ ଏସିଆରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ଏହି ଦୁଇ ଦେଶ ବିଶ୍ୱ ଶାନ୍ତିକୁ ବିପନ୍ନ କରୁଛନ୍ତି। ଜଣେ ରାଷ୍ଟ୍ର ମୁଖ୍ୟଙ୍କୁ କୁତ୍ସିତ ଭାବେ ଟାର୍ଗେଟ କରି ହତ୍ୟା କରିବା କୋଣସି ବି ଦେଶର ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ଆଇନ୍ ର ଖୋଲା ଉଲ୍ଲଂଘନ। ଆଜିର ଏହି ପ୍ରତିବାଦ ସଭାରେ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ହରି ଲୋହାର, ମହେଶ୍ୱର ବେହେରା, ଶାଖାଏ ମାଝୀ, ମୁଦୁନୀ ବିନ୍ଧାଣୀ, ଶାରଦେଈ ବିନ୍ଧାଣୀ, ସୋମବାରି ପାତ୍ର, ମମତା ମିଶ୍ର, ପ୍ରମିଳା ବିନ୍ଧାଣୀ, ଫୁଲେଶ୍ରି, ସୁବାସିନୀ ବିନ୍ଧାଣୀ, ରବିନ୍ଦ୍ର ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।




## ଉଦ୍‌ଘାଟନ ହେଲା 'ଆନ୍ତର୍ଜାତୀୟ ମହିଳା ଦିବସ'ର ପ୍ରଥମ ଦିବସ

ବାଲେଶ୍ୱର, ୦୬/୩ (ନି.ପ୍ର): ଆସନ୍ତା ମାର୍ଚ୍ଚ ୮ ତାରିଖ ହେଉଛି ଆନ୍ତର୍ଜାତୀୟ ମହିଳା ଦିବସ । ଏଥି ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ମାର୍ଚ୍ଚ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପି ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବାକୁ ମନସ୍ଥ କରିଛି । ସେଥି ନିମନ୍ତେ ଆଜି ସକାଳ ୮.୦୦ ଘଟିକା ସମୟରେ ଜିଲ୍ଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଆଇ ଟି ଆଇ ପଡ଼ିଆ ପରିସରରେ ଥିବା ଇଣ୍ଡର ଷ୍ଟାଡିୟମରେ ଆନ୍ତର୍ଜାତୀୟ ମହିଳା ଦିବସକୁ ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇଛି। ସର୍ବ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଜଗତର ନାଥ ଜଗନ୍ନାଥଙ୍କ ଫଟୋରେ ଧୂପ ଦୀପ ପ୍ରଜ୍ୱଳନ କରି ସଭା କର୍ଯ୍ୟ ଆରମ୍ଭ କରିଥିଲେ। ଏଠାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷ, ବାଲେଶ୍ୱର, ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀଯୁକ୍ତ ସୁଧାକର ନାଏକ, ମାନ୍ୟବର ମ୍ୟୁନିସିପାଲଟି ଅଧ୍ୟକ୍ଷା, ଶ୍ରୀମତୀ ସବିତା ସାହୁ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ବାଲେଶ୍ୱର ଜିଲ୍ଲା ପରିଷଦ, ଡା. ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ, ପ୍ରତିଭା ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ, ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସ୍ୱିନ ଥିଲେ। ପ୍ରଥମେ ସାମୁହିକ ଯୋଗାଭ୍ୟାସ କରାଇଥିଲେ ଯୋଗ ଶିକ୍ଷକ। ପରେ ବିଭିନ୍ନ ପ୍ରକାରର ଶାରୀରିକ କାର୍ଯ୍ୟକଳାପ ସବୁ ସମ୍ପାଦନ କରାଯାଇଥିଲା । ଏଠାରେ ବହୁ ସଂଖ୍ୟାରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀ, ମହିଳା କ୍ରୀଡାବିତ୍, ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ, ଗୃହିଣୀ, ମହିଳା ପୋଲିସ୍ କର୍ମଚାରୀ, ବିଭିନ୍ନ ଏନଜିଓ ର ସଦସ୍ୟା ବୃନ୍ଦ ଏବଂ ବିଭିନ ସମ୍ପ୍ରଦାୟ ଗୋଷ୍ଠୀର ମହିଳା ମାନେ ଯୋଗ ଦେଇଥିଲେ ।




## ଭୂରାଜନୈତିକ ପ୍ରତିଯୋଗିତା ଉପରେ ରାଜନାଥ ସିଂହଙ୍କ ଚିନ୍ତା ପ୍ରକାଶ

ନୂଆଦିଲ୍ଲୀ,୦୬/୩ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ଭୂରାଜନୈତିକ ପ୍ରତିଯୋଗିତାରୁ ସୃଷ୍ଟି ହେଉଥିବା ଅସ୍ଥିରତାର ବିପଦ ଧୀରେ ଧୀରେ ଏକ ନୂତନ ସ୍ୱାଭାବିକତାରେ ପରିଣତ ହେଉଛି। ସେ କହିଛନ୍ତି, 'ସ୍ଥଳ, ସମୁଦ୍ର ଏବଂ ଆକାଶରେ ଏବଂ ମହାକାଶରେ ବଢୁଥିବା ଭୂରାଜନୈତିକ ପ୍ରତିଯୋଗିତା ଚିନ୍ତାର ବିଷୟ।' ସେ ବିଶେଷ ଭାବରେ ଉପସାଗର କ୍ଷେତ୍ରରେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ ଏପରି ପରିସ୍ଥିତି ବିଶ୍ୱ ଅର୍ଥନୀତି ଏବଂ ଶକ୍ତି ସୁରକ୍ଷା ଉପରେ ସିଧାସଳଖ ପ୍ରଭାବ ପକାଏ। କୋଲକାତାରେ ଆୟୋଜିତ ସାଗର ସଂକଳ୍ପ ସେମିନାର'ର ଶୁକ୍ରବାରସମ୍ବୋଧିତ କରି ରାଜନାଥ ସିଂହ କହିଛନ୍ତି ଯେ ପାରସ୍ୟ ଉପସାଗର ଏବଂ ହରମୁଜ୍ ପ୍ରଣାଳୀ ବିଶ୍ୱ ଶକ୍ତି ଯୋଗାଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ, ଏହି କ୍ଷେତ୍ରରେ ଯେକୌଣସି ବିଭ୍ରାଟ ସମଗ୍ର ବିଶ୍ୱରେ ତୈଳ ଏବଂ ଗ୍ୟାସ ଯୋଗାଣକୁ ସିଧାସଳଖ ପ୍ରଭାବିତ କରେ। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମ ଏସିଆରେ ବର୍ତ୍ତମାନର ଘଟଣାକ୍ରମ ଅସାଧାରଣ ଏବଂ ଏହି ସଙ୍କଟ କେଉଁ ଦିଗକୁ ନେବ, ତାହା ପୂର୍ବାନୁମାନ କରିବା କଷ୍ଟକର। ଏହା ସତ୍ତ୍ୱେ, ସେ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ଭାରତ ସାମୁଦ୍ରିକ କ୍ଷେତ୍ରରେ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ସକ୍ଷମ। ରାଜନାଥ ସିଂହ କହିଛନ୍ତି ଯେ ବିଶ୍ୱ ଅନିଶ୍ଚିତତାର ଏହି ସମୟରେ, ଯୋଗାଣ ଶୃଙ୍ଖଳା ବିଭ୍ରାଟକୁ ଏଡାଇବା ପାଇଁ ଆତ୍ମନିର୍ଭରଶୀଳତା ହେଉଛି ଏକମାତ୍ର ଉପାୟ।

## ସମାଜ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ଉଦଳା, ୦୬/୩ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ କୁଣ୍ଡାବାଇ ଗ୍ରାମସ୍ଥିତ ରୋହିଦାସ ସୋରେନ ଡ଼ିଗ୍ରୀ ମହାବିଦ୍ୟାଳୟର ସମାଜବିଜ୍ଞାନ ବିଭାଗ ତରଫରୁ 'ଆଧୁନିକ ଯୁବ ପିଢ଼ିରେ ବେକାରି ସମସ୍ୟା ଏବଂ ଏହାର ସମାଧାନ' ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ପ୍ରଦୀପ କୁମାର ଗିରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ବେକାରୀ ସମସ୍ୟା ଦେଶ ଗଠନରେ କିପରି ମୁଖ୍ୟ ପ୍ରତିବନ୍ଧକ ସାଜିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଦଳା ମହାବିଦ୍ୟାଳୟର ସମାଜ ବିଜ୍ଞାନ ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ ଅତିଥି ଭାବରେ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ଯଦି ଠିକ ଭାବରେ ପରିଚାଳନା କରାଯାଉଥାନ୍ତା ତେବେ ବେକାରି ସମସ୍ୟା ବହୁମାତ୍ରାରେ କମିଯାଇଥାନ୍ତା ବୋଲି ବ୍ୟକ୍ତ କରିଥିଲେ । ତେବେ ଏହି ଯୋଜନାର ଦୁରୁପଯୋଗ କିପରି ହେଉଛି ଏକଥା ଆଜି ଆଉ କାହାକୁ ଅଛପା ନାହିଁ ବୋଲି ବ୍ୟକ୍ତ କରିଥିଲେ । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସସ୍ମିତା ମୁର୍ମୁ, ଓଡ଼ିଶାର ବହୁଲୋକ କାମ ଧନ୍ଦା ନପାଇ ବାହାର ରାଜ୍ୟ ମାନଙ୍କୁ ଦାଦନ ଖଟିବାକୁ ଯାଉଛନ୍ତି । ଏହା ବେକାରି ସମସ୍ୟାର ଉତ୍କଟ ରୂପ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଭାରତି, ଦେବସ୍ମିତା, ସସ୍ମିତା, ରବିୟ, ଓମ କୁମାର, କାଂଚନ ଓ ପ୍ରମିଳା ପ୍ରମୁଖ ଛାତ୍ର ଛାତ୍ରୀ ମାନେ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଅଧ୍ୟାପିକା ଲୋପାମୁଦ୍ରା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida